

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୪ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 04 JULY 2025

Vol.No. 36 ■ No.175 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଡିସିପି ଅଫିସରେ ଆତ୍ମସମର୍ପଣ ପରେ ଗିରଫ ହେଲେ ଜଗନ୍ନାଥ ପ୍ରଧାନ

## ଆନ୍ଦୋଳନରୁ ଓହରିଲେ ଓଏଏସ୍ ସଂଘ



ଭୁବନେଶ୍ୱର, ୦୩/୭ (ନି.ପ୍ର): ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଗୁରୁବାର ରାତିରେ ଗିରଫ ହୋଇଛନ୍ତି। ଡିସିପି କାର୍ଯ୍ୟାଳୟରେ ଆତ୍ମସମର୍ପଣ କଲା ପରେ ପୁଲିସ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଡିସିପି କାର୍ଯ୍ୟାଳୟରେ ଆଜି ରାତି ୯ଟା ୪୦ରେ ପହଞ୍ଚି ଜଗନ୍ନାଥ ପ୍ରଧାନ କହିଥିଲେ, ବିଏମ୍ସି ଅତିରିକ୍ତ କମିସନରଙ୍କୁ ଆକ୍ରମଣ ଘଟଣାକୁ ମୁଁ ସବୁବେଳେ ନିନ୍ଦା କରିଆସୁଛି। ଏହି ଆକ୍ରମଣ ଘଟଣାରେ ମୋର କୌଣସି ସଂପୃକ୍ତି ନାହିଁ। ଓଏଏସ୍ ସଂଘ ମୋର ଗିରଫ ଦାବି ନେଇ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଆନ୍ଦୋଳନ କାରଣରୁ ଜନସାଧାରଣ ପ୍ରଭାବିତ ହୋଇପାରନ୍ତି। ରଥଯାତ୍ରା ଓ ବନ୍ୟା ସମୟରେ ପ୍ରଶାସନିକ ବ୍ୟବସ୍ଥା ପ୍ରଭାବିତ ହୋଇପାରେ। ମୋହନ ଚରଣ ମାଝୀ ସରକାର ବଦନାମ ନହୁଅନ୍ତୁ ଏହା ମୁଁ ଚାହେଁ। କିନ୍ତୁ ସରକାରଙ୍କ ସମ୍ମାନ, ବୃହତ୍ତର ସ୍ୱାର୍ଥ ପାଇଁ ସହଯୋଗ କରିବି। ଜଗନ୍ନାଥ ପ୍ରଧାନ ଡିସିପି କାର୍ଯ୍ୟାଳୟରେ ପହଞ୍ଚିବା ନେଇ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଡିସିପିଙ୍କ ଡାକରା କ୍ରମେ ଜଗନ୍ନାଥ ପ୍ରଧାନ ଡିସିପି କାର୍ଯ୍ୟାଳୟକୁ ଆସିଛନ୍ତି। ଜଗନ୍ନାଥ ପ୍ରଧାନ ଗତକାଲି ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଥିଲେ, ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଡାକିଥିଲେ। ସେଥି ପାଇଁ ବିଜେପି ମୁଖ୍ୟ କାର୍ଯ୍ୟାଳୟକୁ ଆସିଥିଲି। ରାଜ୍ୟ ସଭାପତିଙ୍କ ସହିତ କଥା ହେଲି। ତାଙ୍କର ସହିତ ମୋର ଆଲୋଚନା ହୋଇଛି। ଯେମିତି ଗୋଟେ ପରିବାରରେ ଆଲୋଚନା ହୁଏ, ସେହିଭଳି ଆଲୋଚନା ହୋଇଛି। ତେବେ ଶ୍ରୀ ପ୍ରଧାନ ଦଳୀୟ ନେତୃତ୍ୱଙ୍କ ସହିତ କ'ଣ କଥା ହେଲେ ସେନେଇ ମୁହଁ ଖୋଲି ନଥିଲେ। ଶ୍ରୀ ସାମଲ କେବଳ କହିଥିଲେ, ବିଏମ୍ସି କାର୍ଯ୍ୟାଳୟରେ ଆକ୍ରମଣ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ରାଜ୍ୟ ସରକାର ସେବିଷୟରେ ଚନ୍ତା କରୁଛନ୍ତି। ଆମେ ଜଗନ୍ନାଥ ପ୍ରଧାନଙ୍କୁ ଆଲୋଚନା ପାଇଁ ଡାକିଥିଲୁ। ଦଳର ଆଭ୍ୟନ୍ତରୀଣ କଥା ଗଣମାଧ୍ୟମ ଆଗରେ କହିବା ଠିକ୍ ହେବ ନାହିଁ। ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ କହିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ ଓ ଜଗନ୍ନାଥ ପ୍ରଧାନ କଥା ହୋଇଛନ୍ତି। ଆମେ ବାହାରେ ବସିଥିଲୁ। ବିଏମ୍ସି ଅତିରିକ୍ତ କମିସନରଙ୍କୁ ମାଡ଼ ମରାଯିବା ଘଟାକୁ ଆମେ ନିନ୍ଦା କରୁଛୁ। ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ପାର୍ଟି କାର୍ଯ୍ୟାଳୟକୁ ଯାଇଥିଲେ। ସେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ବରିଷ୍ଠ ନେତୃବୃନ୍ଦଙ୍କୁ ଦଳୀୟ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଥିଲେ। ସେ ଶୃଙ୍ଖଳା ▶▶ପୃଷ୍ଠା ୭

# ଘାନା ସଂସଦକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ବୋଧନ

## ଗଣତନ୍ତ୍ର କେବଳ ଏକ ବ୍ୟବସ୍ଥା ନୁହେଁ ବରଂ ଭାରତୀୟ ମୂଲ୍ୟବୋଧର ଅଂଶ



ନୂଆଦିଲ୍ଲୀ,୦୩/୭ : ଏବେ ୫ଟି ଦେଶକୁ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମେ ଆଫ୍ରିକୀୟ ଦେଶ ଘାନାରେ ପହଞ୍ଚିଥିବା ବେଳେ ସେଠାକାର ସଂସଦକୁ ସମ୍ବୋଧିତ କରିଛନ୍ତି। ଉଭୟ ଦେଶର ସୁସମ୍ପର୍କ ବିଷୟରେ ମୋଦୀ କହିଛନ୍ତି ଯେ, ଘାନା ଓ ଭାରତର ସମ୍ପର୍କ ବେଶ୍ ମିଠା। ଏପରିକି ଏହା ଘାନାର ପ୍ରସିଦ୍ଧ 'ସୁଗାରଲୋଫ ପାଇନାପଲ୍' ଠାରୁ ଅଧିକ ମିଠା। ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଘାନା ଏକ ସାହସିକ ରାଷ୍ଟ୍ର। ଏହା ସବୁପ୍ରକାର ଆହ୍ୱାନକୁ ହସି ହସି ସ୍ୱାଭିମାନର ସହ ସାମ୍ନା କରିଥାଏ । ପୁରା ଆଫ୍ରିକା ପାଇଁ ଘାନା ଏକ ଆଲୋକ ସମାନ । ଉଭୟ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରଧାନମନ୍ତ୍ରୀ ଭୂରି ଭୂରି ପ୍ରଶଂସା କରିଛନ୍ତି। ମୋଦୀ କହିଛନ୍ତି, ଭାରତ ଗଣତନ୍ତ୍ରର ଜନନୀ। ଆମ ପାଇଁ ଗଣତନ୍ତ୍ର କେବଳ ଏକ ବ୍ୟବସ୍ଥା ନୁହେଁ, ବରଂ ଏହା ଆମ ମୂଲ୍ୟବୋଧର ଏକ ଅଂଶ। ଭାରତରେ ୨୫ ଶହରୁ ଅଧିକ ରାଜନୈତିକ ଦଳ ଅଛି। ବିଭିନ୍ନ ରାଜ୍ୟରେ ୨୦ରୁ ଅଧିକ ଦଳ ଶାସନ କରୁଛନ୍ତି। ଦେଶରେ ୨୨ଟି ସରକାରୀ ଭାଷା ରହିଛି। ଭାରତ ଏପରି ଏକ ଦେଶ, ଏଠାକୁ ଯିଏ ଆସେ ତାକୁ ଆପଣାଇ ନିଆଯାଏ। ନିଜ ଭାଷଣରେ ପ୍ରଧାନମନ୍ତ୍ରୀ ଆତଙ୍କବାଦ, ▶▶ପୃଷ୍ଠା ୭

## ଆସନ୍ତା ୬ ତାରିଖରେ ଖୋଲିବ ହୀରାକୁଦ ଜଳଭଣ୍ଡାର ଗେଟ୍

ସମ୍ବଲପୁର, ୦୩/୭ (ନି.ପ୍ର): ମହାନଦୀର ଉପରମୁଣ୍ଡରେ ପ୍ରବଳ ବିଗତ କିଛି ହେଲା ମଧ୍ୟମରୁ ପ୍ରବଳ ବର୍ଷା ଜାରି ରହିଛି। ଜନଜୀବନ ଅସ୍ତବ୍ୟସ୍ତ ହେଉପଡ଼ିଛି। ଛତିଶଗଡ଼ରେ କିଛି ଦିନ ହେଲା ଲଗାଣ ବର୍ଷା ହେଉଥିବାରୁ ମହାନଦୀକୁ ବର୍ଷା ଜଳ ପ୍ରବେଶ କରୁଛି। ବନ୍ୟା ଜଳ ପ୍ରବେଶ କାରଣରୁ ହୀରାକୁଦ ଜଳଭଣ୍ଡାରର ପାଣିସ୍ତର ବଢ଼ିବଢ଼ି ଚାଲିଛି। ହୀରାକୁଦଳ ଜଳଭଣ୍ଡାରରେ ଜଳଧାରଣ ▶▶ପୃଷ୍ଠା ୭

# ନେତା ଭୁଲିଗଲେ ଶାଳୀନତା



ବାଲେଶ୍ୱର, ୦୩/୭ (ନି.ପ୍ର): ବୋଲ ମାନୁନି ନେତାଙ୍କ ତୁଣ୍ଡ । ଭାଷାଜ୍ଞାନ ଓ ଶାଳୀନତା ଯେମିତି ଚୁଲିକୁ ଯାଇଛି । ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଓ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ମଧ୍ୟରେ ତୁତୁ ମେମେ, ଭାଷା ଅଭାଷାର ବନ୍ଧବାଡ଼ ଭାଙ୍ଗିବା ପରେ, ଏହାକୁ ନେଇ ଜୋର୍ ଧରିଛି ଚର୍ଚ୍ଚା । ଲେଖାଶ୍ରୀ ଚୋର, ଡକାୟତ ଆଦି ଶବ୍ଦ ପ୍ରୟୋଗ କରି ନୀଳଗିରି ବିଧାୟକଙ୍କୁ କଟୁ ଆକ୍ଷେପ କରିବା ପରେ, ସନ୍ତୋଷ ଗଣମାଧ୍ୟମ ଆଗରେ ଯାହା କହିଛନ୍ତି ତାହା ଯେତିକି ଅରୁଚିକର, ଅଶୋଭନୀୟ, ସେତିକି ଆପତ୍ତିଜନକ। ଜଣେ ବିଜେଡି ନେତ୍ରୀ। ଆଉ ଜଣେ ଶାସକ ଦଳ ବିଧାୟକ । ଓଃ କି ଭାଷା, କି ଭଦ୍ରାମୀ, କି ଶାଳୀନତା ! । ଏମାନେ ପୁଣି ନେତା, ନେତ୍ରୀ ଜନତାଙ୍କର କୁଆଡ଼େ ପ୍ରତିନିଧି । ରାଜନୀତିରେ ତୁତୁ ମେମେ ସାଧାରଣ କଥା । ହେଲେ ଆରୋପ-ପ୍ରତ୍ୟାରୋପର ସୀମା ଟପି, ଏତେ ତଳ ସ୍ତରକୁ ଓହ୍ଲାଇ ପରସ୍ପର ପ୍ରତି ଏଭଳି କଟୁ ଭାଷା ପ୍ରୟୋଗ କରିବା ନିହାତି ଲଜ୍ଜାଜନକ। ଗତକାଲି ଶଙ୍ଖଭବନରେ ପ୍ରେସମିଟ୍ କରିଥିଲେ ଲେଖାଶ୍ରୀ । ▶▶ପୃଷ୍ଠା ୭

# ବାହୁଡ଼ା ପାଇଁ ପ୍ରସ୍ତୁତି ଜୋରଦାର: ଦକ୍ଷିଣ ମୋଡ଼ ନେଲା ନନ୍ଦିଘୋଷ

ପୁରୀ, ୦୩/୭ (ନି.ପ୍ର): ଜନ୍ମବେଦୀରେ ସରିଆସୁଛି ମହାପ୍ରଭୁଙ୍କ ଲୀଳାଖେଳା । ଆଉ ଦିନକ ପରେ ବାହୁଡା ଯାତ୍ରା । ଏଥିପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି । ଆଜି ଦକ୍ଷିଣ ମୋଡ଼ ନେଲା ମହାପ୍ରଭୁଙ୍କ ନନ୍ଦିଘୋଷ ରଥ। ଗତକାଲି ତାଳଧ୍ୱଜ ଓ ଦର୍ପଦଳନ ରଥର ଦକ୍ଷିଣ ମୋଡ଼ ହୋଇଥିଲା। ଆଜି ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ କରାଯାଇଛି। ଆଜ୍ଞାମାଳ ବିଜେ ପରେ ରଥର ଦକ୍ଷିଣମୋଡ଼ କରାଯାଇଛି । ଏହାପରେ ନନ୍ଦିଘୋଷ ରଥକୁ ଟାଣି ଟାଣି ନେଇଥିଲେ ସୁରକ୍ଷାକର୍ମୀ । ବର୍ତ୍ତମାନ ଜନ୍ମବେଦୀରେ ଦର୍ଶନ ଦେଉଛନ୍ତି ଶ୍ରୀଜିଉ । ଜନ୍ମବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ▶▶ପୃଷ୍ଠା ୭

## ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ରେଡ୍

ଟିଟିଲାଗଡ, ୦୩/୭ (ନି.ପ୍ର): ଭିଜିଲାନ୍ସ ଜାଲରେ ଫସିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ । ବଲାଙ୍ଗୀରର ଟିଟିଲାଗଡ ଆରଆଣ୍ଡବି ସବ-ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ (ଇରର) ଦିଲେଶ୍ୱର ମାଝୀଙ୍କ ଘରେ ରେଡ୍ ହୋଇଛି। ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଯନ୍ତ୍ରୀଙ୍କ ଘରେ ଚଢାଉ କରିଛି ଭିଜିଲାନ୍ସ । ସମ୍ବଲପୁର, ଝାରସୁଗୁଡା ଓ ବଲାଙ୍ଗୀରର ୬ଟି ସ୍ଥାନରେ ଏକାକାଳୀନ ଭିଜିଲାନ୍ସର ଚଢ଼ାଉ ଜାରି ରହିଛି ।

# ଲାଗି ରହିବ ପ୍ରବଳ ବର୍ଷା: ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର, ୦୩/୭ (ନି.ପ୍ର): ଆସନ୍ତା ୭ ତାରିଖ ଯାଏଁ ରାଜ୍ୟରେ ହୋଇପାରେ ପ୍ରବଳ ବର୍ଷା । ଏନେଇ ବିଭିନ୍ନ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଆଜି ବୌଦ୍ଧ, ସୋନପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଏଥିସହ ବିଜୁଳି ଘଡ଼ଘଡ଼ି ନେଇ ଚେତାବନୀ ଜାରି ହୋଇଛି । ଏହି ସବୁ ଜିଲ୍ଲାରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଆଜି ୫ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି ହୋଇଛି । ଏହି ୫ ଜିଲ୍ଲା ହେଲା ବୌଦ୍ଧ, ସୋନପୁର, ବରଗଡ଼, ବଲାଙ୍ଗୀର ଓ ନୂଆପଡ଼ା। ଏସବୁ ଜିଲ୍ଲାମାନଙ୍କରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହାସହ ବିଜୁଳି ଘଡ଼ଘଡ଼ି ନେଇ ମଧ୍ୟ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଗତ କିଛି ଦିନ ହେବ ରାଜ୍ୟରେ ଜାରି ରହିଛି ବର୍ଷା। ସକ୍ରିୟ ଲଘୁଚାପ ପ୍ରଭାବରେ ଆହୁରି ବର୍ଷା ହେବା ନେଇ ବିଭାଗ ଆକଳନ କରିଛି । ପ୍ରବଳ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ଉପୁଜିଛି ।

# ବିହାରରେ ନିର୍ବାଚନ ଲଢ଼ିବ ଆପ୍: ଘୋଷଣା କଲେ ଅରବିନ୍ଦ କେଜ୍ରିୱାଲ

ନୂଆଦିଲ୍ଲୀ,୦୩/୭ :ଆପ୍‌ର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ବଡ଼ ଘୋଷଣା । କହିଲେ ବିହାରରେ ନିର୍ବାଚନ ଲଢିବ ଆପ୍ । କ୍ରେଜ୍ରିୱାଲ ଆହୁରି ମଧ୍ୟ କହିଛନ୍ତି ଏଥର ଆମର କାହା ସହ ହେବନି କୌଣସି ମେଣ୍ଟ। ଅହମ୍ମଦାବାଦରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଏପରି ଷୋଷଣା କରିଛନ୍ତି କେଜ୍ରିୱାଲ । ଏଥିସହିତ ପ୍ରେସ କନ୍‌ଫରେନ୍ସରେ କଂଗ୍ରେସ ଏବଂ ବିଜେପି ଉପରେ ବର୍ଷିଛନ୍ତି ଆପ୍ ମୁଖ୍ୟ । କେଜ୍ରିୱାଲ ସ୍ପଷ୍ଟ କରିଛନ୍ତି ଯେ, କଂଗ୍ରେସ ସହ ହେବନି କୌଣସି ମେଣ୍ଟ । ଏବଂ ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ଆପ୍ ଏକା ନିଜ ଦମ୍‌ରେ ମୈଇଦାନକୁ ଓହ୍ଲାଇବ । ସେ ଆହୁରି ମଧ୍ୟ କହିଛନ୍ତି ଇଣ୍ଡିଆ ବ୍ଲକ କେବଳ ଲୋକସଭା ନିର୍ବାଚନ ପାଇଁ ଥିଲା । କିନ୍ତୁ ଏବେ ଆମର କାହାସହ କୌଣସି ମେଣ୍ଟ ହେବ ନାହିଁ । କେଜ୍ରିୱାଲ କହିଛନ୍ତି ଯେ ଆମର କଂଗ୍ରେସ ସହିତ କୌଣସି ମେଣ୍ଟ ନାହିଁ, ତେଣୁ ଆମେ ବିସାବଦରରେ ଅଲଗା ଭାବରେ ଲଢ଼ିଲୁ । ଆମେ ଗୁଜରାଟରେ ନିର୍ବାଚନ ଲଢ଼ିବୁ ଏବଂ ଜିତିବୁ । ଦିଲ୍ଲୀରେ ପରାଜୟ ବିଷୟରେ ସେ କହିଛନ୍ତି, ହାର ଜିତ୍ ତ ଲାଗିଥାଏ । ପଞ୍ଜାବରେ ଆମର ସରକାର ପୁଣି ଥରେ ଗଠନ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି କେଜ୍ରିୱାଲ ।

# ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି: ୪୮ ଘଣ୍ଟା ମଧ୍ୟରେ ବଡ଼ ଘୋଷଣା



ନୂଆଦିଲ୍ଲୀ,୦୩/୭ : ଭାରତ ଓ ଆମେରିକା ମଧ୍ୟରେ ଖୁବଶୀଘ୍ର ହୋଇପାରେ ବାଣିଜ୍ୟିକ ଚୁକ୍ତି । ଏନେଇ ଦୁଇଦେଶ ଜୋରଦାର ଆଲୋଚନା ଚଳାଇଛନ୍ତି । ତେବେ ଭାରତର କିଛି ଆପତ୍ତି ରହିଛି, ଯାହାର ସମାଧାନ କରିବାକୁ ଚେଷ୍ଟା ହେଉଛି । ଚୁକ୍ତିନାମାକୁ ନେଇ ଦୁଇ ଦେଶ ମଧ୍ୟରେ ଥିବା ମତଭେଦକୁ ସମାଧାନ କରିବା ପାଇଁ ଭାରତର ବାଣିଜ୍ୟ ପ୍ରତିନିଧି ଆଉ କିଛି ଦିନ ୱାଶିଂଟନରେ ରହିବେ । ଉଭୟ ଦେଶ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଚାହୁଁଛନ୍ତି, କାରଣ ଏହାପରେ ଆମେରିକା ରାଷ୍ଟ୍ରପତି ଭାରତରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ଉଚ୍ଚ ଶୁଳ୍କ ଲାଗୁ କରିବା ଆରମ୍ଭ କରିବେ । କୃଷି ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଆମେରିକାର ପ୍ରବେଶକୁ ଭାରତ ବିରୋଧ କରୁଛି। ଗତ କିଛି ଦିନ ଧରି ଭାରତ ଏବଂ ଆମେରିକା ଦ୍ୱାରା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଚୁକ୍ତିନାମା ସମ୍ପର୍କରେ ବିବୃତ୍ତି ଜାରି କରାଯାଉଛି । ଏହି ସମୟରେ, ସୂତ୍ର ଅନୁସାରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହା ଉପରେ ଖୁବ୍ ଶୀଘ୍ର ଘୋଷଣା କରାଯାଇପାରେ । ତଥାପି, ଭାରତ ଆମେରିକା ପାଇଁ କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବରେ ଖୋଲି ନ ଦେବାର ନିଜ ମତରେ ଅଟଳ ରହିଛି । ଏହା ସହିତ, ଭାରତ ବୟନଶିଳ୍ପ, ରତ୍ନ ଏବଂ ଅଳଙ୍କାର, ଚମଡା ସାମଗ୍ରୀ, ପ୍ଲାଷ୍ଟିକ୍ ଏବଂ ରାସାୟନିକ ପଦାର୍ଥ ଭଳି ଶ୍ରମ-କେନ୍ଦ୍ରିକ ଶିଳ୍ପକୁ ଅଧିକ ପ୍ରବେଶ ଦାବି କରିଛି । ଆମେରିକା ଚାହୁଁଛି ଯେ ଭାରତ ତା'ର କୃଷି ଏବଂ ଦୁଗ୍ଧ ବଜାରକୁ ଆମେରିକା ପାଇଁ ଖୋଲି ଦେଉ, ଯାହା ଦ୍ୱାରା ଏହି କ୍ଷେତ୍ର ▶▶ପୃଷ୍ଠା ୭

# ପୁଞ୍ଜି ନିବେଶରେ ଓଡ଼ିଶା ଆଗୁଆ: ପଛରେ ପଡ଼ିଲେ ବିକଶିତ ରାଜ୍ୟ



ନୂଆଦିଲ୍ଲୀ,୦୩/୭ : ନୂଆ ନିବେଶରେ ବିକଶିତ ରାଜ୍ୟକୁ ପଛରେ ପକାଇଲା ଓଡ଼ିଶା। 'ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି'ର ତଥ୍ୟ ଉତ୍ସାହଜନକ। କାରଣ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ, ରାଜ୍ୟରେ ନିବେଶ ହୋଇଛି ୧ ଲକ୍ଷ ୪୦ ହଜାର କୋଟି ଟଙ୍କା। ଅର୍ଥାତ ଏପ୍ରିଲରୁ ଜୁନ୍ ମଧ୍ୟରେ ନିବେଶ କ୍ଷେତ୍ରରେ ଓଡ଼ିଶା ଶୀର୍ଷରେ ରହିଛି ।୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ଅର୍ଥାତ ଏପ୍ରିଲରୁ ଜୁନ୍ ମଧ୍ୟରେ ଓଡ଼ିଶାରେ ୧ ଲକ୍ଷ ୪୦ ହଜାର କୋଟି ନିବେଶ ହୋଇଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି-ସିଏମ୍ଆଇଇ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଏପରିକି ଘରୋଇ ନିବେଶ କ୍ଷେତ୍ରରେ ଶୀର୍ଷରେ ରହିଛି ଓଡ଼ିଶା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ବିଭିନ୍ନ ଘରୋଇ କମ୍ପାନି ମୋଟ୍ ସାଢ଼େ ୩ ଲକ୍ଷ କୋଟି ନିବେଶ କରିଛନ୍ତି। ଯାହା ଗତବର୍ଷ ଏହି ଅବଧିର ପ୍ରାୟ ଦୁଇଗୁଣା। ଶୀର୍ଷ ୫ ରାଜ୍ୟରେ ୩ ଲକ୍ଷ ୫୦ ହଜାର କୋଟିରୁ ୮୫ ଦଶମିକ ୭ ପ୍ରତିଶତ ନିବେଶ ହୋଇଛି। ଓଡ଼ିଶା ଟପ୍‌ରେ ରହିଥିବାବେଳେ ଆନ୍ଧ୍ରପ୍ରଦେଶ ଓ ହରିଆଣା ଭଳି ବିକଶିତ ରାଜ୍ୟକୁ ପଛରେ ପକାଇ ଦେଇଛି । ଓଡ଼ିଶାକୁ ନିବେଶର ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ି ତୋଳିବାକୁ ମୋହନ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । ଡବଲ ଇଞ୍ଜିନ ସରକାରେ ଏହାର ଫାଇଦା ଓଡ଼ିଶାକୁ ମିଳିଥିବା ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

## ସ୍ଥଗିତ ହେଲା ଚାରିଧାମ ଯାତ୍ରା

ନୂଆଦିଲ୍ଲୀ,୦୩/୭ : ଉତ୍ତରାଖଣ୍ଡରେ ପାଗ ଅନୁକୂଳ ନଥିବାରୁ ଚାରିଧାମ ଯାତ୍ରାକୁ ଅସ୍ଥାୟୀ ଭାବେ ସ୍ଥଗିତ ଘୋଷଣା କରିଛନ୍ତି ଉତ୍ତରାଖଣ୍ଡ ସରକାର । ଏ ନେଇ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ଘୋଷଣା କରିଛନ୍ତି । ରାଜ୍ୟରେ ବର୍ତ୍ତମାନ ପାଣିପାଗ ସ୍ଥିତି ଭଲ ନଥିବାରୁ ଅସ୍ଥାୟୀ ଭାବେ ଯାତ୍ରା ସ୍ଥଗିତ ରଖାଯାଇଥିବା ଘୋଷଣା କରାଯାଇଛି । ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇ ଏହି ନିଷ୍ପତ୍ତି ନିଆଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ କହିଛନ୍ତି, ଆଗକୁ ପାଗରେ ସୁଧାର ଆସିଲେ ଚାରିଧାମ ଯାତ୍ରା ପୁଣି ଆରମ୍ଭ ହେବ। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପାଇଁ ଅସ୍ଥାୟୀ ଭାବେ ଯାତ୍ରା ସ୍ଥଗିତ ରଖାଯାଇଛି। ସମସ୍ତ ଜିଲ୍ଲା ଅଧିକାରୀ, ପ୍ରାକୃତିକ ▶▶ପୃଷ୍ଠା ୭

# ନିଶାଦ୍ରବ୍ୟ ସେବନ ହିଁ ଜନଜାତିଙ୍କ ଉନ୍ନତିରେ ସାଜିଛି ମୁଖ୍ୟ ବାଧକ : ନବକିଶୋର

ଉଦଳା , ୦୩/୭ (ନି.ପ୍ର): 'କହିଲେ କୂଳ କୁଟୁମ୍ବଙ୍କୁ ଲାଜ...' କଥାଟି କିଏ କାହାକୁ କେଉଁ ପ୍ରସଙ୍ଗରେ କହିଥିଲେ ମତେ ଜଣା ନାହିଁ । କିନ୍ତୁ ଏହାର ବାସ୍ତବ ଚିତ୍ର ରାତି ପାହିଲେ ଆଖି ଖୋଲିବା ଠାରୁ ରାତ୍ରୀ ଶୋଇବା ପର୍ଯ୍ୟନ୍ତ ସବୁଠି ବେଶ ଭଲ ଭାବରେ ଦୃଶ୍ୟମାନ ହେଉଛି ବୋଲି ଖୁଂଟା ବ୍ଲକ ଅନ୍ତର୍ଗତ ଢ଼େଙ୍ଗାମ ପଂଚାୟତର ସରପଂଚ ନବକିଶୋର ମୁର୍ମୁ ବ୍ୟକ୍ତ କରିଛନ୍ତି। ନିଶାଦ୍ରବ୍ୟ ସେବନ ଯୋଗୁଁ ଆମ ଆଦିବାସି ଭାଇ ଭଉଣୀ ମାନେ ଆଗକୁ ଯାଇପାରୁ ନାହାଁନ୍ତି । ଏକଥା ସମସ୍ତେ ବେଶ ଭଲ ଭାବରେ ବୁଝୁଛନ୍ତି । କିନ୍ତୁ ନିଶାଦ୍ରବ୍ୟ ସେବନ ପରିତ୍ୟାଗର ଉଦ୍ୟମ କୌଣସି ମହଲରେ ହେଉନଥିବାର ସେ ଜଣାଇଛନ୍ତି । ଏପରିକି ନିଶା ଦ୍ରବ୍ୟ ସେବନ ବିରୁଦ୍ଧରେ ଯିଏ ସ୍ୱର ଉତ୍ତୋଳନ କରିବ ତାଙ୍କୁ ଭୟଙ୍କର ବିପଦକୁ ସାମନା କରିବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ ବୋଲି ସରପଂଚ ଶ୍ରୀଯୁକ୍ତ ମୁର୍ମୁ କହିଛନ୍ତି । ହାଣ୍ଡିଆ ମଧ ଏକ ନିଶା ଦ୍ରବ୍ୟ । ଏହାକୁ ଆମ ଆଦିବାସି ଭାଇ ଭଉଣୀ ମାନେ ବହୁଳ ଭାବରେ ସେବନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ହାଣ୍ଡିଆ ସେବନ ପରେ ନିଶାଗ୍ରସ୍ତ ଅବସ୍ଥାରେ ଆମ ଭାଇ ଭଉଣୀ ମାନେ ଯେଉଁ ପ୍ରକାର ପରିବେଶ ସୃଷ୍ଟି କରୁଛନ୍ତି ତାହା ବ୍ୟକ୍ତ କରିବାକୁ ଲଜ୍ୟା ଲାଗୁଛି ବୋଲି ସେ କହିଛନ୍ତି । ସବୁଠାରୁ ଅଧିକ



ଦୁଃଖର ବିଷୟ ସରକାର ହାଣ୍ଡିଆକୁ ନିଶାଦ୍ରବ୍ୟ ତାଲିକାରୁ ବାଦ ଦେଇଛନ୍ତି । କେତେକ ଆଦିବାସି ନେତା ମଧ ହାଣ୍ଡିଆ ଆଦିବାସି ମାନଙ୍କର ଖାଦ୍ୟ, ନିଶାଦ୍ରବ୍ୟ ନୁହେଁ ବୋଲି ଭାଷଣବାଜି ମାରି ଆମ ଭାଇ ଭଉଣୀ ମାନଙ୍କୁ ହାଣ୍ଡିଆ ସେବନ ପାଇଁ ଉତ୍ସାହିତ କରୁଛନ୍ତି । ଏହି ସବୁ ନେତା ମାନେ ଆମ ଭାଇ ଭଉଣୀ ମାନଙ୍କର ଶତ୍ରୁ ଅଟନ୍ତି । ଆଦିବାସିଙ୍କର ଉନ୍ନତି କଥା ଏମାନେ ଆଦୌ ଚାହାଁନ୍ତି ନାହିଁ ବୋଲି ସରପଂଚ ଶ୍ରୀଯୁକ୍ତ ମୁର୍ମୁ ଖୋଲା ଖୋଲି ବ୍ୟକ୍ତ କରିଛନ୍ତି । ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସରପଂଚ ନବକିଶୋର ଚଳାଇଥିବା ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ଏଥିପାଇଁ ନବକିଶୋରଙ୍କର ସୃଷ୍ଟି ହୋଇଛି ଏକ ସ୍ୱତନ୍ତ୍ର ସମ୍ମାନ । ନିକଟରେ ଜନଜାଗୃତି ମଂଚ ତରଫରୁ ଖୁଂଟା ଓ ଗୋପବନ୍ଧୁନଗର ବ୍ଲକ ଅଂଚଳରେ କାର୍ଯ୍ୟରତ ସରପଂଚ ମାନଙ୍କ ପାଇଁ ଏକ 'ଡ଼ିଜିଟାଲ ସାକ୍ଷରତା' ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ତାଲିମ ଶିବିରରେ ସରପଂଚ ନବକିଶୋର ଯୋଗଦେଇ ପାରିନଥିଲେ । କିନ୍ତୁ ପରେ ଏ ସମ୍ପର୍କରେ ମଂଚର ଟେକନିକାଲ ସାଥି ତାଙ୍କୁ ଅବଗତ କରାଇଥିଲେ। ଏହାକୁ ସେ ପ୍ରଶଂସା କରିଥିଲେ । କିନ୍ତୁ ଅତି ଦୁଃଖର ସହକାରେ ଜଣାଇଥିଲେ , ଆମ ପଂଚାୟତରେ ବର୍ତମାନ ମଧ ଶତକଡ଼ା ୬୦ ଭାଗ ଲୋକ ନିରକ୍ଷର ଅଟନ୍ତି । ଏହିଭଳି ଲୋକଙ୍କୁ ଡ଼ିଜିଟାଲ ଦୁନିଆଁ ବିଷୟରେ କହିଲେ ସେମାନେ ବୁଝିବେ କଣ ? ଏଥିପାଇଁ ଆହୁରି ବହୁ ସମୟ ଲାଗିବ ବୋଲି ଜଣାଇଥିଲେ । ତେବେ ନିରକ୍ଷରତା ଦୁର ପାଇଁ ପଂଚାୟତ ତରଫରୁ ଉଦ୍ୟମ ଜାରି ରହିଛି ବୋଲି ସେ ଜଣାଇଥିଲେ ।

# ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନର ଛାତ୍ରଛାତ୍ରୀଙ୍କୁ ଆରଏସପି ର ସ୍କୁଲ ବ୍ୟାଗ ଏବଂ ପାଠ୍ୟ ଉପକରଣ ବଣ୍ଟନ

ରାଉରକେଲା , ୦୩/୦୭ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନରେ ଜୁନ ୨୬ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀରେ ପଢୁଥିବା ଛାତ୍ର ଛାତ୍ରୀଙ୍କୁ ସ୍କୁଲ ବ୍ୟାଗ, ବହି, ଖାତା, ପେନ୍ସିଲ୍, ଇରେଜର ପରି ଅଧ୍ୟୟନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଇସ୍ପାତ ନଗରୀର ଅଗ୍ରଣୀ ଜନହିତୈଷୀ ସଂଗଠନ, ଦୀପିକା ମହିଳା ସଂଘତି (ଡି ଏମ ଏସ) ଏହି ବିଦ୍ୟାଳୟ ପରିଚାଳନା କରୁଛି । ଡିଏମ୍ଏସ୍ ର ଅଧକ୍ଷା ଶ୍ରୀମତୀ ନମ୍ରତା ବର୍ମା ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଏବଂ ଚାଲୁ ଶିକ୍ଷା ବର୍ଷ ପାଇଁ ବ୍ୟାଗ୍ ବଣ୍ଟନ କାର୍ଯକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ଡିଏମ୍ଏସ ଉପାଧକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ପ୍ରତିଜ୍ଞା ପଲାଇ, ଶ୍ରୀମତୀ ବନ୍ଦନା ସିଂହ, ଶ୍ରୀମତୀ ରିତାରାଣୀ ଓ ଶ୍ରୀମତୀ ନବନୀତା ପାଲ ଚୌଧୁରୀ ଉପସ୍ଥିତ ଥିଲେ। ସହର ସେବା ଏବଂ ସିଏସଆର ବିଭାଗ ର ସିଜିଏମ୍ ଶ୍ରୀ ଟି ଜି କାନେକର, ସି ଏସ ଆର ବିଭାଗର ଜିଏମ ଇନଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ଏଜିଏମ, ଶ୍ରୀ ଟି ବି ଟପ୍ପୋ, ସମ୍ପାଦିକା ସୁଶ୍ରୀ ଶାରିକା କୁମାର, ପରିଚାଳନା କମିଟି ସଦସ୍ୟା ତଥା ଡିଏମଏସ ସ୍ୱେଚ୍ଛାସେବୀ, ପ୍ରଧାନ ଶିକ୍ଷକ ଶ୍ରୀ ଏସ ସାମଲ ଏବଂ ବିଦ୍ୟାଳୟ ପ୍ରଶାସକ ଶ୍ରୀ ଏସ କେ ମିଶ୍ର, ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନିହାରିକା ବଳଙ୍କ ସମେତ ଅନ୍ୟ ଶିକ୍ଷକ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।
ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ପ୍ରଥମ ଶ୍ରେଣୀରେ ନୂତନ ଭାବେ ନାମ ଲେଖି ଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରିଥିଲେ। ଅବଶିଷ୍ଟ ଛାତ୍ରଛାତ୍ରୀମାନଙ୍କୁ ପର୍ଯ୍ୟାୟକ୍ରମେ ବ୍ୟାଗ୍ ବଣ୍ଟନ କରାଯିବ । ଉଲ୍ଲେଖଯୋଗ୍ୟ ଯେ ଚଳିତ ଶିକ୍ଷା ବର୍ଷରେ ପ୍ରଥମ ଶ୍ରେଣୀରେ ସମୁଦାୟ ୭୫ ଜଣ ଛାତ୍ର ଛାତ୍ରୀ ନୂଆ କରି ନାମ ଲେଖିଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ, ସମ୍ପ୍ରତି ଦୀପିକା ଇସ୍ପାତ ଶିକ୍ଷା ସଦନରେ ଛାତ୍ରଛାତ୍ରୀ ପ୍ରଥମ ରୁ ଦଶମ ଶ୍ରେଣୀ ରେ ପ୍ରାୟ ୯୦୦ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ପ୍ରତ୍ୟେକ ବର୍ଷ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଜୋତା ଏବଂ ସ୍କୁଲ ବ୍ୟାଗ ସମେତ ସମସ୍ତ ଅଧ୍ୟୟନ ସାମଗ୍ରୀ, ଏବଂ ୟୁନିଫର୍ମ ସାଙ୍ଗକୁ ଆରଏସପିର ଅକ୍ଷୟ ପାତ୍ର ପ୍ରକଳ୍ପ ମାଧ୍ୟମରେ ସେମାନଙ୍କୁ ପୁଷ୍ଟିକର ମଧାହ୍ନ ଭୋଜନ ମଧ ଯୋଗାଇ ଦିଆଯାଉଛି ।

# ସେଲ ରାଉରକେଲା ଇସ୍ପାତ କାରଖାନାରେ ଏ ଆଇ ଆଣ୍ଡ ୟୁ ପୁରସ୍କାର ବିଜେତା ସମ୍ବର୍ଦ୍ଧିତ

ରାଉରକେଲା, ୦୩/୦୭ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମନ୍ଥନ ସମ୍ମିଳନୀ କକ୍ଷଠାରେ ଜୁଲାଇ ୨ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ଆରଏସପି ତଥା ଦୁର୍ଗାପୁର ଇସ୍ପାତ କାରଖାନା ଏବଂ ଇସ୍କୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ସେଲ କର୍ପୋରେଟ୍ ବ୍ୟାପାର ବିଭାଗ ଦ୍ୱାରା ଆୟୋଜିତ ଏଆଇ ଆଣ୍ଡ ୟୁ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର , ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ସି ଆଣ୍ଡ ଆଇଟି ବିଭାଗର ସିଜିଏମ ଶ୍ରୀ କେ.କେ. ସେନଗୁପ୍ତା, ହଟ ଷ୍ଟ୍ରିପ ମିଲ୍ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର, ଏନପିଏମ ଓ ଏସପିପି ବିଭାଗର ସିଜିଏମ ଶ୍ରୀ ଆର.କେ. ବିସାରେ, ଏବଂ କାରଖାନାର ଅନ୍ୟାନ୍ୟ ବରିଷ୍ଠ



ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, କର୍ମଚାରୀମାନେ କିପରି ସେମାନଙ୍କର ଦୈନନ୍ଦିନ ଜୀବନରେ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରନ୍ତି ସେ ବିଷୟରେ ଅବଗତ ହେବା ଏବଂ ସେମାନଙ୍କୁ ଏଆଇ ବ୍ୟବହାର ଆରମ୍ଭ କରିବା ପାଇଁ ପ୍ରେରଣା ଦେବା ପାଇଁ ସେଲ କର୍ପୋରେଟ୍ ଅଫିସ୍ ଦ୍ୱାରା ମାର୍ଚ୍ଚ ୧୦ରୁ ଅପ୍ରେଲ ୧୦ ତାରିଖ ପର୍ଯ୍ୟନ୍ତ ଏଆଇ ଆଣ୍ଡ ୟୁ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ୫୦୦ରୁ ଅଧିକ କର୍ମଚାରୀ ଉତ୍ସାହ ସହକାରେ ଅଂଶଗ୍ରହଣ କରିଥିଲେ। ତେଣୁ କେବଳ ୫ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରିବାର ପୂର୍ବ ଯୋଜନାକୁ ବୃଦ୍ଧି କରାଯାଇଥିଲା ଏବଂ ତଦନୁସାରେ ୧୦ ଜଣ କର୍ମଚାରୀଙ୍କୁ ବର୍ଗ ୧ ଅଧୀନରେ ପୁରସ୍କାର ପାଇଁ ବଛା ଯାଇଥିଲା ଯାହା ଅନ୍ତର୍ଗତ ନଗଦ ୫୦୦୦ ଟଙ୍କା ଅର୍ଥରାଶି ଏବଂ ଅନ୍ୟ ୧୦ ଜଣ କର୍ମଚାରୀଙ୍କୁ ବର୍ଗ ୨ ଅଧୀନରେ ମନୋନୀତ କରାଯାଇଥିଲା ଯେଉଁଥିରେ ସେଲ ସିଏମଡ଼ିଙ୍କ ଠାରୁ ପ୍ରଶଂସା ପତ୍ର ଅନ୍ତର୍ଭୁକ୍ତ ଥିଲା। ବର୍ଗ - ୧ ଅଧୀନରେ ପୁରସ୍କାର ବିଜେତାମାନେ ହେଉଛନ୍ତି ସି ଆଣ୍ଡ ଆଇଟି ବିଭାଗର ଡ଼ିଜିଏମ ଶ୍ରୀ ସଂଜୟ କୁମାର ଗୌତମ, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ବି ବି ଅରୁଣ କୁମାର, ସି ଆଣ୍ଡ ଆଇଟି ବିଭାଗର ସିନିୟର ଟେକନିସିଆନ ଶ୍ରୀ କବି ବିରୋଜ କୁମାର, ଏବଂ ବର୍ଗ-୨ ଅଧୀନରେ ବିଜେତାମାନେ ହେଉଛନ୍ତି ଏନପିଏମ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ସୁଭାସିସ ପଣ୍ଡା, ଏବଂ ଏଚଏସଏମ ବିଭାଗର ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଶ୍ରୀକାନ୍ତ ମଲିକ।
ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଆଲୋକ ବର୍ମା କର୍ମଚାରୀମାନଙ୍କର ଉଦ୍ୟମୀ ମନୋଭାବକୁ ପ୍ରଶଂସା କରିଥିଲେ ଯେଉଁମାନେ ସେମାନଙ୍କର ନିୟମିତ କାର୍ଯ୍ୟ ସହିତ କାରଖାନା ପାଇଁ ଲାଭଦାୟକ କିଛି ନୂତନ କରିବା ପାଇଁ ଆଗଭର ହୋଇଥିଲେ। ସେ ସେମାନଙ୍କର ପ୍ରକଳ୍ପଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ସମସ୍ତ ପ୍ରକାରର ସମର୍ଥନ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। 'ନିତ୍ୟ ଜୀବନ ମଧରେ କେବେବି ସୃଜନଶୀଳ ଭାବନା ହରାନ୍ତୁ ନାହିଁ,' ବୋଲି ସେ ଆହୁରି ମଧ କହିଥିଲେ।

# ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଛାତ୍ର ମୃତ୍ୟୁ

ମାଲକାନଗିରି, ୦୩/୦୭ (ନି.ପ୍ର): ମାଲକାନଗିରି ବ୍ଲକ ମାଟାପାକା ସେବାଶ୍ରମର ଷଷ୍ଠ ଶ୍ରେଣୀ ଛାତ୍ର ରେହିତ ମାଡ଼କାମୀ (୧୨ବର୍ଷ) ମ୍ୟାଲେରିଆରେ ଆକ୍ରାନ୍ତ ହୋଇମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଗତକାଲି ରୋହିତ ଅସୁସ୍ଥ ହେବାରୁ ବିଦ୍ୟାଳୟ କର୍ତୃପକ୍ଷ ମାଟାପାକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ରକ୍ତ ପରୀକ୍ଷାରୁ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେତାର ମୃତ୍ୟୁ ହୋଇଛି। ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଛାତ୍ର ଜ୍ୱରରେ ଆକ୍ରାନ୍ତ ହେବାରୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ମୃତ୍ୟୁ ହୋଇଥିବା କହିଛନ୍ତି। ଜିଲ୍ଲାର ସବୁ ସ୍ଥାନରେ ମ୍ୟାଲେରିଆ ନିୟନ୍ତ୍ରଣରେ ରହିଥିବା ସ୍ୱାସ୍ଥ୍ୟ ବିଭାଗ କହୁଛି। ସବୁ ଅଞ୍ଚଳର ସ୍ୱାସ୍ଥ୍ୟ ଅଧିକାରୀସମେତ ସମସ୍ତ କର୍ମଚାରୀଙ୍କୁ ଅବଗତ କରାଯାଇଛି।

# ଆଇନସେବା ସମିତି ତରଫରୁ ୭୬ତମ ବନ ମହୋତ୍ସବ ପାଳିତ

ବେତନଟୀ, ୦୩/୦୭ (ନି.ପ୍ର): ବେତନଟୀ ସିଭିଲକୋର୍ଟ କମ୍ପ୍ଲେକ୍ସରେ ତାଲୁକ ଆଇନସେବା ସମିତି ଆନୁକୂଲ୍ୟରେ ପରିଚାଳିତ ୭୬ତମ ବନ ମହୋତ୍ସବ-୨୦୨୫ ଉପଲକ୍ଷେ ବୁଧବାର ଅପରାହ୍ନ ସାଢେତିନିଟାରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଲେ ବେତନଟୀ ଜେଏଏଫସି କୋର୍ଟର ମାନ୍ୟବର ବିଚାରପତି ରଶ୍ମି ନାରାୟଣୀ ମିଶ୍ର । ଏହି ଅବସରରେ ନୂଆକରି ନିର୍ମାଣ କରାଯାଇଥିବା ବେତନଟୀ ସିଭିଲକୋର୍ଟ କମ୍ପ୍ଲେକ୍ସରେ ବିଭିନ୍ନ କିସମର ଫଳଗଛ ସମେତ ଚାରାଗଛ ରୋପଣ କରାଯାଇଥିଲା । ବନ ବିଭାଗ ପକ୍ଷରୁ ବେତନଟୀ ରେଞ୍ଜର ମନୁଓ୍ୱର ଖାଁ, ବନପାଳ ପ୍ରଦୀପ ଦଦେହୁରୀ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ



-୨ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ରତିକାନ୍ତ ବେହୁରାଙ୍କ ସମେତ ପାରାବନ କର୍ମଚାରୀ ଉପସ୍ଥିତ ରହିଥିଲେ । ସିଭିଲ କୋର୍ଟ କମ୍ପ୍ଲେକ୍ସରେ ରୋପଣ କରାଯାଇଥିବା ଚାରାଗଛ ଗୁଡିକର ସୁରକ୍ଷା ଏବଂ ରକ୍ଷଣା ବେକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ କ୍ୟାଡର ଏପିପି ନିହାର ରଞ୍ଜନ ଜେନାଙ୍କ ସମେତ ବେତନଟୀ ବାର ଏସୋସିଏସନ ସଭାପତି ଦେବବ୍ରତ ପରିଡା, ଉପସଭାପତି ରବିନାରାୟଣ ମହାପାତ୍ର, ସମ୍ପାଦକ ପ୍ରବୀର ବାରିକ, ରଣଜିତ ଗନ୍ତାୟତ, ମନୋଜ ଦଳେଇ, ଲମ୍ବୋଦର ନାୟକ, ଦୁଃଖିଆ ମୁର୍ମୁ, ସଚ୍ଚିଦାନନ୍ଦ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଆଇନଜୀବୀ ଏବଂ କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ ।

# ବାଲାଜୀ ନର୍ସିଂ କଲେଜରେ ବନମହୋତ୍ସବ ପାଳିତ

ବଲାଙ୍ଗିର, ୦୩/୦୭ (ନି.ପ୍ର): ସ୍ଥାନୀୟ ୨୬ ନମ୍ବର ଜାତୀୟ ରାଜପଥରେ ଅବସ୍ଥିତ ବାଲାଜୀ କଲେଜ ଅଫ ନର୍ସିଂ ରେ ନିର୍ଦ୍ଦେଶକ ଅଭିଳାଷ ଅଗ୍ରୱାଲଙ୍କ ସଂଯୋଜନାରେ ବନମହୋତ୍ସବ ପାଳିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବନ ଅଧିକାରୀ(ଡିଏଫ୍ଓ) ଅଜିତ କୁମାର ବିଶି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବରେ ସମାଜସେବୀ ବିଷ୍ଣୁ ପ୍ରସାଦ କେଡିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବାଲାଜୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ ର ପରିଚାଳନା ନିର୍ଦ୍ଦେଶକ କୈଳାସ ଅଗ୍ରୱାଲ ଏହି ବନ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇ ଜଙ୍ଗଲର ସୁରକ୍ଷା ଉପରେ ସମ୍ୟକ୍ ଧାରଣା ଦେଇଥିଲେ। ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ବୋଲି ଉଦବୋଧନ ଦେଇଥିଲେ । ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ସୁରେଶ ଷଡ଼ଙ୍ଗୀ, ବି.ଆଇ. ଏସ, ପ୍ରିନ୍ସିପାଲ ସଞ୍ଜୟ ମିଶ୍ର ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନର୍ସିଂ ବିଭାଗୀୟ ମୁଖ୍ୟ ଦେବାଶିଷ ପାଣ୍ଡିଆ ପରିଚାଳନା କରିଥିଲେ। ବର୍ତ୍ତମାନ ଜଙ୍ଗଲ ଉଜୁଡ଼ି ଯାଉଥିବା ବେଳେ ପରିବେଶ ଉପରେ ବିଶେଷ ପ୍ରଭାବ ପଡୁଛି। ଏଥିପାଇଁ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି ।ଏହାକୁ ରୋକିବା ପାଇଁ ଏବଂ ଅମ୍ଳଜାନ ଅଭାବ ରୁ କାହାରି କୁ ଅସୁବିଧା ନ ହେବା ପାଇଁ ବୃକ୍ଷ କୁ ପ୍ରକୃତି ର ସାଥୀ ଭାବେ ଆପଣେଇ ନେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ଆହ୍ୱାନ କ୍ରମେ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିର୍ଦ୍ଦେଶାନୁସାରେ ମାଁ ପାଇଁ ଗଛ ଟିଏ ପଣ ରେ ସବୁ ଛାତ୍ରଛାତ୍ରୀ ଆଗାମୀ ଦିନରେ ସବୁଜ ବନାନୀ ରେ ଭରପୁର କରିବେ ବୋଲି ଶପଥ ନେଇଥିଲେ। ଏହାପରେ ଜିଲ୍ଲା ରେଞ୍ଜ ଅଧିକାରୀ ମାନଙ୍କ ସହିତ ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିଥିଲେ। ସମସ୍ତ ଅତିଥି,ଛାତ୍ରଛାତ୍ରୀ, ଅଧାପକ, ଅଧାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ତଥା କଲେଜ୍ ଏବଂ ସ୍କୁଲ ର ସମସ୍ତ କର୍ମଚାରୀଙ୍କ ମିଳିତ ସହଯୋଗ ରେ ବନ ମହୋତ୍ସବ କାର୍ଯ୍ୟକ୍ରମ ବାଲାଜୀ କଲେଜ୍ ପରିସରରେ ସଫଳତାର ସହ ପାଳିତ ହୋଇଥିବାରୁ କଲେଜର ନିର୍ଦ୍ଦେଶକ ଅଭିଳାଷ ଅଗ୍ରୱାଲ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ମାନ୍ୟତା ଅପେକ୍ଷାରେ ସରକାରୀ ଚାରୁକଳା ବିଦ୍ୟାଳୟ ଡିଗ୍ରୀ କଲେଜ

ଜୟପୁର, ୦୩/୦୭ (ନି.ପ୍ର): ୧୯୪୬ ମସିହାରେ ଜୟପୁର ମହାରାଜା ଭାବେ ଖ୍ୟାତ ବିକ୍ରମ ଦେବ ବର୍ମା ପ୍ରତିଷ୍ଠା କରିଥିଲେ ଶ୍ରୀ ବିକ୍ରମ ସରକାରୀ ଚାରୁ କାରୁ କଳା ବିଦ୍ୟାଳୟ । ବିଦ୍ୟାଳୟ ପ୍ରତିଷ୍ଠା ୭୯ ବର୍ଷ ବିତିଯାଇଥିଲେ ବି ଡିଗ୍ରି କଲେଜରେ ପରିଣତ ହୋଇ ପାରିଲା ନାହିଁ । ବହୁ ବର୍ଷ ହେବ ଦାବି ହେବା ପରେ ରାଜ୍ୟ ସରକାର ୨୬।୧୦।୨୦୨୨ ରେ ଅପଗ୍ରେଡସନ କରି ଡିଗ୍ରୀ ଖୋଲିବାତୁ ଅନୁମତି ଦେଇଥିଲେ । ଡ୍ରିଗୀ ଖୋଲିବା ପାଇ ୫ ଏକର ଜମିର ଆବଷ୍ୟକତା ରହିଛି । ଏନେଇ ଗତ ୨୦।୧୧।୨୪ ତାରିଖ ପଟ୍ଟା ଦିଆଯିବା ନେଇ ରାଜସ୍ୱ ବିଭାଗ ନିକଟରେ ଆବେଦନ କରାଯାଇଥିଲା । କିନ୍ତୁ ୬ ମାସ ବିତି ଯାଇଥିଲେ ବି ବିଭାଗ ପଟ୍ଟା ଦେଉନଥିବାରୁ ଡିଗ୍ରି କଲେଜ ଖୋଲାଯାଇ ପାରୁ ନାହିଁ ବୋଲି ଅଧକ୍ଷ ଯୁଧିଷ୍ଠିର ମଲ୍ଲିକ କହିଛନ୍ତି । ଏହି ବିଦ୍ୟାଳୟରେ ଅବିଭକ୍ତ କୋରାପୁଟ ଜିଲା ସମେତ କଳାହାଣ୍ଡି, ବଲାଙ୍ଗିର, ଭଦ୍ରକ ଭଳି ଅନ୍ୟ ଜିଲାର ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ବିଦ୍ୟାଳୟରେ ଚିତ୍ରକଳା, ନିର୍ମାଣ କଳା, ବ୍ୟବସାୟିକ ତଥା ପାରମ୍ପାରିକ ଓ ଗ୍ରଫିକ୍ସ ଆର୍ଟ ସହ ଇଂରାଜୀ, ଓଡିଆ, ରାଜନିତି ବିଜ୍ଞାନ , ଇତିହାସ . ଅର୍ଥନିତି ବିଷୟରେ ଶିକ୍ଷା ଦାନ କରାଯାଇ ଥାଏ । ଜଣେ ଛାତ୍ର ଏଠାରେ ଅଧ୍ୟୟନ କରିବା ପରେ ଯେ କୌଣସି କଲେଜ ରେ ଡୀଗ୍ରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ । ବିଦ୍ୟାଳୟରେ ଧନ୍ଦା ମୁଳକ କଳା ଶିକ୍ଷାରେ ୪୦ ଜଣ ଛାତ୍ର ଛାତ୍ରୀଙ୍କ ପଢିବା ଭଳି ବ୍ୟବସ୍ଥା ଥିବା ବେଳେ ପ୍ରଶିକ୍ଷକଙ୍କ ଅଭାବ ଶିକ୍ଷା ଦାନରେ ପ୍ରତିବନ୍ଧକ ସାଜିଛି । ବିଦ୍ୟାଳୟରେ ୫ଟି ମଞ୍ଜୁରି ପ୍ରାପ୍ତ ପ୍ରଶିକ୍ଷକ ପଦବି ଥିବା ବେଳେ ବତ୍ତମାନ ୪ ଟି ପ୍ରଶିକ୍ଷକ ପଦବି ଖାଲି ପଡିଥିବା ବେଳେ ଜଣେ ପ୍ରଶିକ୍ଷକ ରେ ଚାଲିଛି ଶିକ୍ଷାଦାନ । ସେହି ପ୍ରଶିକ୍ଷକ ଜଣକ ଅଧକ୍ଷ ଦାୟିତ୍ୱ ତୁଲାଉଛନ୍ତି । ଆହୁରି ମଧ ଅଧିକ ପ୍ରଶିକ୍ଷକ ଅବଷ୍ୟକତା ରହିଛି । ପ୍ରଶିକ୍ଷକ ଖାଲି ପଡିଥିବାରୁ ଅତିଥି ପ୍ରଶିକ୍ଷକ ଙ୍କ ଦ୍ୱାରା କାଯ୍ୟ ତୁଲାଯାଉଛି । ଅଧିକ ବିଭାଗ ଖୋଲାଯିବା ସହ ଏହି ବିଦ୍ୟାଳୟରେ ଛାତ୍ରୀ ହଷ୍ଟେଲ ନଥିବାରୁ ଛାତ୍ରୀ ମାନେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବିଦ୍ୟାଳୟରେ କିରାଣି ପଦବୀ ନଥିବା ବେଳେ ୧୨ ରୁ ୧୩ ବର୍ଷ ହେବ ଡାଡା ଏଣ୍ଟି କୁ ନିଯୁକ୍ତି ଦିଆଯାଇ ତାଙ୍କ ଦ୍ୱାରା ବିଭିନ୍ନ କାଯ୍ୟାଳୟ କାଯ୍ୟ କରାଯାଉଛି । ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ରାଜ୍ୟ ତଥା ରାଜ୍ୟ ବାହାରେ ନାମ ଅର୍ଜନ କରିଥିବା ବେଳେ ହାଇଦ୍ରାବାଦ ଓ ବମ୍ବେ ସ୍ଥିତ ଫିଲମ ଜଗତରେ ଜଣେ ନାମି ଦାମି ଚିତ୍ରକର ଭାବେ ବେଶ ପ୍ରତିଷ୍ଠା ଲାଭ କରିଛନ୍ତି । ଦିଲ୍ଲି ଠାରେ ଓଡିଶା ଲୋକକଳାର ଅତ୍ୟନ୍ତ ଚିତ୍ର ମାନ ଆଙ୍କି ପ୍ରଚାର ଓ ପ୍ରାସାର ଦିଗରେ ଗୁରୁତ୍ୱ ପୁର୍ଣ୍ଣ ଭୁମିକା ନିବାହ କରିଥିଲେ । ବିଦ୍ୟାଳୟରେ ମୁର୍ତ୍ତି ନିର୍ମାଣ, କାଠ ଖୋଦେଇ ଟେରାକୋଟା, ଫଟୋ ଚିତ୍ର, ଚିତ୍ର କଳା, ବାଣିଜ୍ୟ କଳା ଇତ୍ୟାଦି ବିଷୟରେ ତାଲିମ ଦିଆଯାଉଥିବା ବେଳେ ଗ୍ରାଫିକ, ବାଣିଜ୍ୟ ଭିତ୍ତିକ ବିଜ୍ଞାପନ ସହ ପାରମ୍ପରିକ ଲୋକ କଳା , ଆଦୀବାସୀ ଲୋକ କଳା ସହ ପୁରୀ, କଟକ ଜିଲାର ଲୋକ କଳା ସମ୍ବନ୍ଧରେ ମଧ ତାଲିମ ପ୍ରଦାନ କରାଯାଉଛି । ଅନ୍ୟ ପକ୍ଷରେ ଏହି ଅଞ୍ଚଳର ଗରିବ ଛାତ୍ର ଛାତ୍ରୀ ମାନେ ଚାରୁ କଳା କ୍ଷେତ୍ର ରେ ଉଚ୍ଚ ଶିକ୍ଷା ପାଇ ଆଗ୍ରହ ହୋଇ ଥିଲେ ହେଁ ଏହି ବିଦ୍ୟାଳୟକୁ ଡିଗ୍ରୀ ପାଠ୍ୟକ୍ରମ ଖୋଲାଯାଇ ନଥିବାରୁ ସ୍ୱତନ୍ତ୍ର ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି । ଡିଗ୍ରୀ ପାଠ୍ୟ କ୍ରମ ପଢିବାକୁ ହେଲେ ଖଲିକୋଟ କିମ୍ବା ଭୁବନେଶ୍ୱର ଯିବାକୁ ପଡୁଛି । ଏହି ଅଞ୍ଚଳର ଗିରବ ଛାତ୍ର ଛାତ୍ରୀ ଙ୍କ ପକ୍ଷେ ଏହା ଦୁରୁହ ବ୍ୟାପାର ହୋଇଛି । ଓଡିଶାର ପୁବତନ ରାଜ୍ୟପାଳ ଓାଇଏସ ସାନ୍ତାକାରା, ଏମଏମ ରାଜେନ୍ଦ୍ରନ ତଥା ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ଏହି ବିଦ୍ୟାଳୟ ପରିଦର୍ଶନର ସନ୍ତକ ଥିଲେ ମଧ ଏହାର ଭାଗ୍ୟ ବଦଳି ନାହିଁ । ଏଥି ପ୍ରତି ଗୁରୁତର ସହ ନେଇ ଜମି ଯୋଗାଇବା ସହ ଡିଗ୍ରୀ ପାଠ୍ୟ କ୍ରମ ଖୋଲିବାକୁ ଦାବି ହୋଇଛି ।

# ପ୍ରବାସୀ ଶ୍ରମିକଙ୍କ ଉପରେ ଆଇନ ସଚେତନତା ଶିବିର

କେନ୍ଦ୍ରାପଡ଼ା, ୦୩/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ପୌରସଂସ୍ଥା ଟାଉନହଲ ଠାରେ ପ୍ରବାସୀ ଶ୍ରମିକଙ୍କ ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକଙ୍କର ମୌଳିକ କର୍ତବ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । ଉପସ୍ଥିତ ଥିବା ସାଧାରଣଙ୍କୁ ସମ୍ବିଧାନର ମୌଳିକ କର୍ତବ୍ୟ ଓ ପ୍ରବାସୀ ଶ୍ରମିକମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବା ଓ ବାହାର ରାଜ୍ୟରୁ ଆମ ରଜ୍ୟକୁ ଆସିବା ଉପରେ ବିସ୍ତୃତ ଭାବେ ସଚେତନତା କରାଯାଇଥିଲା । ସମ୍ବିଧାନର ନିୟମ ମାନି କର୍ତବ୍ୟ କରିବା ଉପରେ ଆହ୍ୱାନ ଦେଇଥିଲେ । ଆଇନସେବା ପ୍ରାଧିକରଣ ସଚିବ ଶ୍ରୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ଶ୍ରମ ଅଧିକାରୀ ଏପି ମହାମାନସିଂହ, ବରିଷ୍ଠ ଆଇନଜୀବି ରମଣୀ ରଂଜନ ରାଉତରାୟ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ପୂର୍ବତନ ସରପଂଚଙ୍କ ବିୟୋଗରେ ଶୋକ

ଧର୍ମଶାଳା, ୦୩/୦୭ (ନି.ପ୍ର): ଯାଜପୁର ବରୀ ନିର୍ବାଚନ ମଣ୍ଡଳୀ ରମ୍ଭା ପଂଚାୟତର ପୂର୍ବତନ ସରପଂଚ ବଳାରାମ ବେହେରାଙ୍କ ଆଜି ଅକାଳ ବିୟୋଗ ଘଟିଛି । ତାଙ୍କ ପରଲୋକର ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳି ଯାଇଛି । ପରଲୋକର ଖବର ପାଇ ବରୀ ନିର୍ବାଚନ ମଣ୍ଡଳୀର ବିଜେପି ଯୁବନେତା ଉମେଶ ଜେନାଙ୍କ ସମେତ ବହୁ ସ୍ଥାନୀୟ ନେତୃ ମଣ୍ଡଳୀ,ଯୁବ ସଂଗଠକ,ବରିଷ୍ଠ ନେତା,ଯୁବ ନେତା ପ୍ରମୁଖ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହ ଶୋକାକୂଳ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ପଂଚାୟତ ପରିକ୍ରମା ପରେ ଶେଷକୃତ ସମ୍ପନ୍ନ କରାଯାଇଥିଲା ।

# ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ

ବଲାଙ୍ଗୀର, ୦୩/୦୭ (ନି.ପ୍ର): ସ୍ଥାନୀୟ ତେଲିଗୋଠପଡା ସ୍ଥିତ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରରେ ରେଳ ଉପଭୋକ୍ତା ସଂଘର ଏକ ସାଧାରଣ ବୈଠକ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ବିମଳ ଚକ୍ରବର୍ତି ଗତ କାର୍ଯ୍ୟକାରିଣୀ ବୈଠକର ବିବରଣୀ ପାଠ କରିଥିଲେ ଏବଂ କୋଷାଧ୍ୟକ୍ଷ ଅଶୋକ ଚାନ୍ଦ ଆୟ ବ୍ୟୟର ହିସାବ ରଖିଥିଲେ। ଆଲୋଚନାରେ ଗୋପବନ୍ଧୁ ପୁରୋହିତ, ହରେକୃଷ୍ଣ ଷଡଙ୍ଗି, ରିତରାଜ ସିଂ, ଦିବାକର ହୋତା, ହରେକୃଷ୍ଣ ତ୍ରିପାଠି, ରାମକୃଷ୍ଣ ସାଏ, ମନୋରଂଜନ ପୁରୋହିତ, ପ୍ରଭାକର ମିଶ୍ର ପ୍ରମୁଖ ଭାଗ ନେଇ ଲିଫ୍ଟ କାମକୁ ତ୍ୱରାନ୍ୱିତ କରିବା, ଦିଲ୍ଲୀ ବା ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ ଚଳାଇବା, ଭୁବନେଶ୍ୱରକୁ ଏକ ସକାଳୁଆ ଟ୍ରେଇ ଯାଇ ଫେରି ଆସିବା, ୱାଲଟୟର କୁ ଏକ ଟ୍ରେନ ଚଳାଇବା, ୪ ନଂ. ଏବଂ ୫ ନଂ. ପ୍ଲାଟଫର୍ମ ତିଆରି କରି କାର୍ଯ୍ୟକ୍ଷମ କରିବା ଏବଂ ବିଶେଷ କରି ପିଆଇଟି ଲାଇନକୁ ଜରୁରିକାଳିନ ଭିତିରେ ତିଆରି କରିବା ଦାବି ରେ ଗୁରୁତ୍ୱାରୋପ କରିଥିଲେ। ବହୁତ ପୁରୁଣା ଦାବି ବଲାଙ୍ଗିର-ଖୋର୍ଦ୍ଧା ଲାଇନ ରେ ବୌଦ୍ଧ ପର୍ଯ୍ୟନ୍ତ ଟ୍ରେନ ଚଳାଚଳ କରିଥିବାରୁ ସଭାପତି ଶ୍ରୀ ମିଶ୍ର ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ ଏବଂ ସ୍ଥାନୀୟ ଏମ୍ପିମାନଙ୍କୁ ଧନ୍ୟବାଦ ଦେଇଥିଲେ। ସେଥିପାଇଁ ବଲାଙ୍ଗିର ଆଗାମୀ ଦିନରେ ଏକ ବଡ ଜଙ୍କସନ ହେବାକୁ ଯାଉଛି ତ ଏଠାରେ ପିଆଇଟି ଲାଇନ ଅତ୍ୟନ୍ତ ଜରୁରି ବୋଲି ପ୍ରକାଶ କରିଥିଲେ। ଉକ୍ତ ସଭାରେ ଦ୍ୱାରିକା ପଣ୍ଡା, ବିଶ୍ୱନାଥ ତ୍ରିପାଠି, ଶିବ ନାରାୟଣ ରଥ, ଉପ-ସଭାପତି ଅନନ୍ଦ ବିଶୋଇ, ମୋତିଲାଲ ସାହୁ, ପର୍ଶୁରାମ ନାୟକ, ବିନୟ ମିଶ୍ର, ସିଦ୍ଧେଶ୍ୱର ପାଣିଗ୍ରାହୀ, ଓମ୍ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ୟା ଜଳରେ ଭାସି ଜଣେ ନିଖୋଜ : ଉଦ୍ଧାର କାର୍ଯ୍ୟ ଜାରି

ଧର୍ମଶାଳା, ୦୩/୦୭ (ନି.ପ୍ର): ଯାଜପୁର ଜିଲାରେ ଲଗାଣ ବର୍ଷା ଜାରି ରହିଛି । ସେପଟେ ଉପର ମଣ୍ଡରେ ବର୍ଷା ହେବା ଫଳରେ ବୈତରଣୀ ନଦୀରେ ବନ୍ୟା ଜଳ ପ୍ରବେଶ କରିଛି। ଏହି ନଦୀରେ ବନ୍ୟା ଜଳ ଆସିବା ଫଳରେ ବନ୍ୟା ଜଳରେ ଭାସି ଜଣେ ନିଖୋଜ ହୋଇ ଯାଇଥିବା ଜଣାପଡିଛି । ଏଭଳି ଦୁଖଃଦ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଦଶରଥପୁର ବ୍ଲକ ସୁନ୍ଦରେଇମୁହଁ ନିକଟରେ । ନିଖୋଜ ଜଣକ ହେଲେ ବାମଦେବପୁର ମାଝିସାହି ଅଂଚଳର ଫୁକୁନା ଦାସ ବୋଲି ଜଣାପଡିଛି । ଫୁକୁନା ଆଜି ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ବନ୍ୟା ଜଳର ପ୍ରଖର ସ୍ରୋତରେ ଭାସି ନିଖୋଜ ହୋଇ ଯାଇଥିଲେ ।

# ଟ୍ୟୁବର କ୍ୟୁଲୋସିସ୍ ; ବିଳମ୍ବରେ ରୋଗ ନିରୂପଣ ବଢ଼ାଇପାରେ ସମସ୍ୟା... ଜାଣନ୍ତୁ କିପରି କରିବେ ରୋଗକୁ ନିୟନ୍ତ୍ରଣ

ତଥ୍ୟ ଅନୁସାରେ ଭାରତରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ଢେର ଅଧିକ । ସେପଟେ ରାଜ୍ୟରେ ମଧ ରୋଗୀଙ୍କ ସଂଖ୍ୟା ଚିନ୍ତାଜନକ ।ଚଳିତ ବର୍ଷ ଜୁଲାଇ ସୁଦ୍ଧା ଓଡ଼ିଶାରେ ପ୍ରାୟ ୩୫ ହଜାର ଯକ୍ଷ୍ମା ରୋଗୀ ଚିହ୍ନଟ ହେଲେଣି । ଓଡିଶାକୁ ଯକ୍ଷ୍ମା ମୁକ୍ତ ପାଇଁ ପ୍ରୟାସ ଚାଲିଛି । ୨୦୨୩ ରେ ପ୍ରାୟ ୧୫ ଲକ୍ଷ ଟେଷ୍ଟିଙ୍ଗ ହୋଇଥିବା ବେଳେ ୬୨ ହଜାର ରୋଗୀ ଚିହ୍ନଟ ହୋଇଥିଲେ । ବାଲେଶ୍ୱର, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ଗଞ୍ଜାମ, ମୟୁରଭଞ୍ଜ ଓ କନ୍ଧମାଳ ଜିଲ୍ଲାରେ ଯକ୍ଷ୍ମା ରୋଗୀ ଙ୍କ ସଂଖ୍ୟା ଅଧିକ ରହିଛି । ତେବେ ଯକ୍ଷ୍ମା ରୋଗ ନିରୂପଣରେ ପୁଲମୋନାରି ଅପେକ୍ଷା ଏକ୍ସଟ୍ରାପୁଲମୋନାରି ଯକ୍ଷ୍ମା ଚିହ୍ନଟ ଅଧିକ କଷ୍ଟକର ହୋଇଥାଏ ।

ଶୁଭଶ୍ରୀ ଗିରି ୨୦୨୨ ମସିହାରେ ଯକ୍ଷ୍ମାରେ ଆକ୍ରାନ୍ତ ହୋଇଥିଲେ। ଦେହ ଯନ୍ତ୍ରଣା , ଓଜନ କମିବା ପରି ଲକ୍ଷଣ ଦେଖାଯିବା ଆରମ୍ଭ ହୋଇଥିଲା। ପ୍ରଥମେ ଏହାକୁ ଅନ୍ୟ କିଛି ରୋଗ ଭାବି ଚିନ୍ତାରେ ପଡ଼ିଥିଲେ ଶୁଭଶ୍ରୀ। ହେଲେ ୩ ମାସ ପରେ ଜଣାପଡ଼ିଥିଲା ଶୁଭଶ୍ରୀ ଏକ୍ସଟ୍ରାପୁଲମୋନାରି ଯକ୍ଷ୍ମାରେ ଆକ୍ରାନ୍ତ ହୋଇଛନ୍ତି। ଏହା ପରେ ଲଗାତାର ଏକ ବର୍ଷ ୬ ମାସ ପର୍ଯ୍ୟନ୍ତ ଔଷଧ ସେବନ କରିଥିଲେ । ଏହି ସମୟରେ ଯକ୍ଷ୍ମାକୁ ନେଇ ଓ ଲୋକଙ୍କ ଚିନ୍ତାଧାରକୁ ନେଇ ମାନସିକ ସ୍ତରରେ ଦୁର୍ବଳ ହୋଇଯାଇଥିଲେ। ଉପଯୁକ୍ତ ଖାଦ୍ୟ ଓ ଚିକିତ୍ସା ପରେ ୨୦୨୩ ମସିହାରେ ଏକ୍ସଟ୍ରାପୁଲମୋନାରି ଯକ୍ଷ୍ମାରୁ ମୁକ୍ତ ହୋଇଥିଲେ ଶୁଭଶ୍ରୀ । ଆଉ ଏବେ ଟିବି ଚାମ୍ପିୟାନ ଭାବରେ ଲୋକଙ୍କୁ ବୁଲି ଏହି ସମସ୍ୟା ଓ ଏହାକୁ ନେଇ ଥିବା ଭୟ ଲୋକଙ୍କ ମନରୁ ଦୂର କରୁଛନ୍ତି ।

ଶୁଭଶ୍ରୀ ସିନା ଏକ୍ସଟ୍ରାପୁଲମୋନାରି ଯକ୍ଷ୍ମା ରୋଗରୁ ରକ୍ଷା ପାଇଗଲେ । ଏବେବି ଅନେକ ଲୋକ ଏହି ରୋଗ କଣ, ଏହାର ଲକ୍ଷଣ ଓ ପ୍ରତିକାର ବିଷୟରେ ଜାଣିନାହାନ୍ତି ।ଏକ୍ସଟ୍ରାପୁଲମୋନାରି ଯକ୍ଷ୍ମା । ହେଉଛି ଏକ ପ୍ରକାର ଯକ୍ଷ୍ମା ଯାହା ଫୁସଫୁସ ବ୍ୟତୀତ ଅନ୍ୟ ଅଙ୍ଗରେ ଦେଖାଯାଏ ।

ପେଟ ଯକ୍ଷ୍ମା: ପେଟ ଫୁଲିବା, ଯନ୍ତ୍ରଣା, ଜ୍ୱର ଏବଂ ଓଜନ ହ୍ରାସ ହୋଇପାରେ ।

ପେରିକାର୍ଡିଆଲ୍ ଯକ୍ଷ୍ମା: ଛାତିରେ ଯନ୍ତ୍ରଣା, ଜ୍ୱର ଏବଂ କେତେକ କ୍ଷେତ୍ରରେ, ଏହା ହୃଦଘାତର ଏକ ସାଧାରଣ କାରଣ ।

ତେବେ ଫୁସଫୁସ ଯକ୍ଷ୍ମା ଅପେକ୍ଷା ରୋଗ ନିର୍ଣ୍ଣୟ କରିବା ଅଧିକ କଷ୍ଟକର ।

ଏକ୍ସଟ୍ରାପୁଲମୋନାରୀ ଯକ୍ଷ୍ମା ରୋଗର ଲକ୍ଷଣ :

ପରିସ୍ରାରେ ରକ୍ତ (କିଡନୀରେ ଯକ୍ଷ୍ମା ରୋଗ ସୂଚାଇପାରେ)

ମୁଣ୍ଡବିନ୍ଧା କିମ୍ବା ଦ୍ୱନ୍ଦ୍ୱ (ଯକ୍ଷ୍ମା ମେନିଞ୍ଜାଇଟିସ୍ ସୂଚାଇପାରେ)

ମିଠି ଯନ୍ତ୍ରଣା (ମେରୁଦଣ୍ଡର ଯକ୍ଷ୍ମା ରୋଗ ସୂଚାଇପାରେ)

ଫୁଲିଥିବା ଗ୍ରନ୍ଥିଗୁଡିକ (ଲିମ୍ଫ ନୋଡର ଯକ୍ଷ୍ମା ରୋଗକୁ ସୂଚାଇପାରେ)

ଉପଯୁକ୍ତ ସମୟରେ ପରୀକ୍ଷା ସହ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କଲେ ଯକ୍ଷ୍ମା ରୋଗରୁ ମୁକ୍ତି ମିଳିପାରିବ । ତେବେ ଲୁକାୟିତ ଭୁତାଣୁ ବିଭିନ୍ନ ସମୟରେ ସମସ୍ୟା ବଢ଼ାଉଛି ।ରୋଗ ପ୍ରତିଷେଧକ ଶକ୍ତି କମିଲେ ଭୁତାଣୁ ସଂକ୍ରମଣ ବଢୁଛି । ଏହାର ଉପଯୁକ୍ତ ଚିକିତ୍ସା ଓ ଏହାକୁ ନେଇ ସଚେତନତା ଏଥିରୁ ମୁକ୍ତି ପାଇବାର ବାଟ ଫିଟାଇବ।



# ମନକୁ ସବୁବେଳେ ଖରାପ ଚିନ୍ତା ଆସୁଛି କି ? ଏମିତି କରନ୍ତୁ, ଆଉ ଆସିବନି...

ମନକୁ ସବୁବେଳେ ନକାରାତ୍ମକ ଚିନ୍ତା ଆସୁଛି କି ? ରାତି ହେଉ କିମ୍ବା ଦିନ ଖରାପ କଥା ମନକୁ ଆସୁଛି କି ? ଏହାକୁ ଦୂର କରିବାକୁ ଚାହୁଁଛନ୍ତି କି ? ବଡ଼ କଥା ହେଲା ନକାରାତ୍ମକ ଚିନ୍ତାକୁ ଯଥାଶୀଘ୍ର ମନରୁ ହଟାଇବା ଉଚିତ୍ । କାରଣ ଯଦି ନକାରାତ୍ମକ ଚିନ୍ତା ଦୀର୍ଘ ସମୟ ଧରି ମନରେ ରହେ ଆପଣଙ୍କର ଭଲ କାମ ମଧ ଖରାପ ହୋଇପାରେ । ଏମିତି ଦେଖିବାକୁ ମିଳିଛି ଯେ ନକାରାତ୍ମକ ଚିନ୍ତା ସକାରାତ୍ମକ ଚିନ୍ତା ଅପେକ୍ଷା ଅଧିକ ଅସୁବିଧା କରିଥାଏ । ଯେଉଁ କାରଣରୁ ଦୁନିଆକୁ ଦେଖିବାର ନଜର ମଧ ବଦଳିଯାଏ, ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିଥାଏ ।

## ନକାରାତ୍ମକ ଚିନ୍ତାକୁ ଦୂର କରିବାର ଉପାୟ....

**ବିରତି ନିଅନ୍ତୁ ଏବଂ ଭାବନ୍ତୁ:**
ନକାରାତ୍ମକ ଚିନ୍ତା ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟରେ ବାଧା ସୃଷ୍ଟି କରେ । ସକାରାତ୍ମକତା ତୁଳନାରେ, ନକାରାତ୍ମକତା ଜଣେ ବ୍ୟକ୍ତିର ହୃଦୟ ଓ ମନ ଉପରେ ପ୍ରାଧାନ୍ୟ ଦେବା ଆରମ୍ଭ କରେ, ଯେଉଁ କାରଣରୁ ବ୍ୟକ୍ତିର ପୂରା ଜୀବନ ନଷ୍ଟ ହୋଇଯାଏ । ତେଣୁ, ଯଦି ଆପଣ ନକାରାତ୍ମକତା ଶକ୍ତିରୁ ବାହାରକୁ ଆସିବାକୁ ଚାହାଁନ୍ତି ତେବେ କାର୍ଯ୍ୟରୁ ବିରତି ନିଅନ୍ତୁ ଏବଂ ଆପଣଙ୍କ ଚିନ୍ତାଧାରା ବିଷୟରେ ଚିନ୍ତା କରନ୍ତୁ ଯାହା ଦ୍ୱାରା ନକାରାତ୍ମକ ଚିନ୍ତା ନିୟନ୍ତ୍ରିତ ହୋଇପାରିବ । ନକାରାତ୍ମକ ଚିନ୍ତାରୁ ଦୂରେଇ ରହିପାରିବେ ।

**ସକାରାତ୍ମକ ଭାବିବାକୁ ଚେଷ୍ଟା କରନ୍ତୁ:** ନକାରାତ୍ମକ ଚିନ୍ତାକୁ ପରିବର୍ତ୍ତନ କରିବାର ସର୍ବୋତ୍ତମ ଉପାୟ ହେଉଛି ଯେକୌଣସି ପରିସ୍ଥିତିରେ ବି ସକାରାତ୍ମକ ଚିନ୍ତା କରିବା ଏବଂ କୌଣସି ସମସ୍ୟାର ମୁକାବିଲା ପାଇଁ ଶାନ୍ତ ମନ ରଖିବା ଜରୁରୀ । ଉଦାହରଣ ସ୍ୱରୂପ, ଯଦି କେହି ଆପଣଙ୍କ ଫୋନ୍ ଉଠାଉ ନାହାଁନ୍ତି, ତେବେ ଏହା ବିଷୟରେ ନକାରାତ୍ମକ ଚିନ୍ତା କରନ୍ତୁ ନାହିଁ, କିଏ ଜାଣେ, ବ୍ୟକ୍ତି ବ୍ୟସ୍ତ ଥାଇପାରେ ।

**ଯୋଗ ଓ ଧ୍ୟାନ କରନ୍ତୁ:** ଆପଣଙ୍କ ମନକୁ ଯଦି ସର୍ବଦା ନକାରାତ୍ମକ ଚିନ୍ତା ଆସୁଛି, ତେବେ ସକାଳୁ ଉଠି ଯୋଗ କରନ୍ତୁ, ଏହା ସହିତ ଆପଣ ଜିମ୍ ମଧ ଯାଇ ପାରିବେ କିମ୍ବା ଘରେ ବି କରିପାରିବେ । ସକାଳୁ ସକାଳୁ ଖୋଲା ପଡ଼ିଆରେ ସୂର୍ଯ୍ୟ କିରଣ ଆସୁଥିବା ସମୟରେ ଧ୍ୟାନ କରନ୍ତୁ ।

**ଆପଣଙ୍କର ଚିନ୍ତାଧାରା ଲେଖନ୍ତୁ:** ଆପଣଙ୍କ ମନରେ ଯଦି ନକାରାତ୍ମକ ଚିନ୍ତା ଆସୁଛି, ଆପଣ ଭାବିବା ପରିବର୍ତ୍ତେ ଆପଣଙ୍କ ଚିନ୍ତାଧାରା ଲେଖିବାରେ ଅଭ୍ୟାସ କରିବା ଉଚିତ୍ । ଯାହାଫଳରେ ଆପଣ ସହଜରେ ନକାରାତ୍ମକ ଚିନ୍ତାରୁ ଦୂରେଇ ଯାଇ ପାରିବେ ।

**ବ୍ୟସ୍ତ ରୁହନ୍ତୁ:** ନିଜକୁ ବ୍ୟସ୍ତ ରଖନ୍ତୁ । ଦିନସାରା ଗୋଟିଏ ଭଲ କାମ କରିବାକୁ ସ୍ଥିର କରନ୍ତୁ, ଏହା ଆପଣଙ୍କ ମନକୁ କେବେବି ନକାରାତ୍ମକ ଚିନ୍ତା ଆସିବ ନାହିଁ । ବରଂ, ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଯାହା ଆପଣଙ୍କର ଦକ୍ଷତା ବୃଦ୍ଧି ପାଇଁ କାର୍ଯ୍ୟ କରିବ ।

# ଏହି ୩ ପ୍ରକାର କେଶ ମଧ୍ୟରୁ ଆପଣଙ୍କର କେଉଁ ପ୍ରକାର ?

ବର୍ତ୍ତମାନର ଯୁବକ ଯୁବତୀଙ୍କ ପାଇଁ ସବୁଠାରୁ ବଡ଼ ଚିନ୍ତା ହେଉଛି ଚୁଟି ଝଡ଼ିବା ଓ ଚୁଟି ପାଚିବା। ସେଥିପାଇଁ କିଏ କେତେ ପ୍ରକାର ତେଲ ଲଗାଉଛନ୍ତି, ପୁଣି କିଏ କିଏ ଔଷଧ ଖାଉଛନ୍ତି। ତେବେ କୌଣସି ଉପଚାର କରିବା ପୂର୍ବରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜ ଚୁଟିର କିସମ ବା ପ୍ରକାର ଜାଣିବା ନିହାତି ଜରୁରୀ । ଜାଣିଲେ ତାହା ଆପଣଙ୍କୁ ଔଷଧ ପ୍ରୟୋଗରେ ସାହାଯ୍ୟ କରିବ।

କେଶ ପ୍ରତି ଯତ୍ନଶୀଳା ହେବାକୁ ଯାଇ ପ୍ରଥମେ ତା'ର ପ୍ରକାର ଭେଦ ସମ୍ପର୍କରେ ସମ୍ୟକ୍ ଧାରଣା ରଖିବାକୁ ଚେଷ୍ଟା କରନ୍ତୁ। ଫଳରେ ଆପଣ ସହଜରେ ଆପଣଙ୍କ ପରିଶ୍ରମର ଫଳ ପାଇପାରିବେ। କାରଣ ସବୁ ଚୁଟି ପାଇଁ ଯତ୍ନର ପ୍ରଣାଳୀ ସମାନ ନୁହେଁ। ଭିନ୍ନ କେଶ ପାଇଁ ଭିନ୍ନ ଭିନ୍ନ ଯତ୍ନ ଆବଶ୍ୟକ। ନିମ୍ନରେ ସେ ସମ୍ପର୍କରେ ଆଲୋଚନା କରାଗଲା।

ବଂଶଗତ ଜିନ୍ ଓ ପରିବେଶକୁ ଦୃଷ୍ଟିରେ ରଖି ମଣିଷ ମୁଣ୍ଡରେ ରହିଥିବା କେଶ ବା ଚୁଳ ସାଧାରଣତଃ ୩ ପ୍ରକାର ଦେଖା ଯାଇଥାଏ। (୧) ସାଧାରଣ କେଶ (୨) ତୈଳୀୟ କେଶ (୩) ଶୁଷ୍କ କେଶ। କୌଣସି ଔଷଦ ବା ତେଳ ମୁଣ୍ଡବାଳରେ ପ୍ରୟୋଗ କରିବା ଆଗରୁ ଆମେ ନିଜର ବାଳର କିସମ ଜାଣିବା ନିହାତି ଜରୁରି। ଆସନ୍ତୁ ବିସ୍ତୃତ ଭାବରେ ଜାଣିବା ଏସବୁ କେଶ କଣ ?

**ସାଧାରଣ କେଶ:**
ଏହି ଧରଣର କେଶ ପାଇଥିବା ମହିଳାମାନେ ନିଶ୍ଚିତ ଭାବେ ଭାଗ୍ୟବତୀ। ନରମ, ଉଜ୍ଜ୍ୱଳ ଓ କୋମଳ କେଶକୁ ସାଧାରଣ କେଶ କୁହାଯାଏ। ଏହି କେଶର ସେଭଳି କିଛି ସମସ୍ୟା ନଥାଏ। ରୁପି ପ୍ରାୟ ହୁଏନାହିଁ। ଏହି କେଶ ପ୍ରତି ମାସରେ ୧ ଇଞ୍ଚରୁ ୧୦ ଇଞ୍ଚ ପର୍ଯ୍ୟନ୍ତ ବଢ଼େ। ଶୀତଦିନେ ସପ୍ତାହରେ ଥରେ ଓ ଗ୍ରୀଷ୍ମ ଋତୁରେ ସପ୍ତାହରେ ଦୁଇଥର ମୁଣ୍ଡ ସଫା କଲେ ହିଁ ଯଥେଷ୍ଟ। ଏହି କେଶରେ ପ୍ରତ୍ୟହ ୫ ମିନିଟ ତୈଳ ଘର୍ଷଣ







କରିବା ଆବଶ୍ୟକ। ୧ କପ୍ ଷ୍ଟ୍ରଙ୍ଗ୍ ଚା' ଲିକରରେ, ଅଧାଫାଳ ଲେମ୍ବୁ ଚିପୁଡ଼ି, ମୁଣ୍ଡକୁ ସାମ୍ପୋ କରିବା ପରେ ଲଗାଇ କିଛି ସମୟ ପରେ ଧୋଇଦିଅନ୍ତୁ। ଏହା ଏକ ସୁନ୍ଦର ଟନିକ୍ ପରି କାମ କରିବ। ତା'ଛଡ଼ା ମେହେନ୍ଦି ତେଲ ମାଲିସ କରନ୍ତୁ।

**ତୈଳୀୟ କେଶ :**
ଯେଉଁ ମହିଳାମାନଙ୍କର ତ୍ୱଚା ତୈଳୀୟ, ସେମାନଙ୍କର କେଶ ମଧ ତୈଳୀୟ ହେବାର ସମ୍ଭାବନା ଥାଏ। ତୈଳୀୟ କେଶ କ୍ଷୀଣକାୟ ଓ ଲମ୍ବା। କେଶଗ୍ରନ୍ଥି ଅତ୍ୟଧିକ ତୈଳ ଉତ୍ପାଦନ କରେ। ଏହି କେଶରେ ରୁପି ତଥା ଅନ୍ୟାନ୍ୟ ସମସ୍ୟା ଦେଖାଯାଏ। ଏମାନେ ସପ୍ତାହରେ ଦୁଇଥର ମୁଣ୍ଡ ଧୋଇବା ଆବଶ୍ୟକ। ମୁଣ୍ଡ ସଫା କରିବା ସମୟରେ ଭିନେଗାର ବା ଲେମ୍ବୁରସ ନେଇ ସଫା କଲେ ତୈଳକ୍ଷରଣ ହୁଏ। ମୁଲତାନୀ ମାଟି ଓ ଚଣା ଅଟାରେ ମୁଣ୍ଡ ସଫା କଲେ ମଧ ଭଲ। ଅଣ୍ଡାର ଧଳା ଅଂଶ ସହ ଅଧା ଫାଳ ଲେମ୍ବୁ ଚିପୁଡ଼ି ତୈଳାକ୍ତ କେଶରେ ଲଗାଇଲେ ଉପକାର ମିଳେ।

**ଶୁଷ୍କ କେଶ:**
ଏହି କେଶ ପାଇଥିବା ମହିଳାମାନେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। କେଶଗ୍ରନ୍ଥି ସବୁ ତୈଳ ଉତ୍ପାଦନ କରିବାକୁ ଅକ୍ଷମ ହେଲେ କେଶ ଶୁଷ୍କ ହୁଏ। ଏହି କେଶରେ ରୁପି ହେବାର ଦେଖାଯାଏ। ତାଛଡ଼ା କେଶ ପାଚି ଯାଏ, ଅସମୟରେ କେଶ ଦୋମୁହାଁ ହୋଇଯାଏ। ଭୋଜନରେ କମ୍ ଚିକ୍କଣ ପଦାର୍ଥ ନେଲେ କେଶ ମଧ ଶୁଷ୍କ ହୋଇଯାଏ। ଏହି ପ୍ରକାର ଚୁଟିର ସବୁଠୁ ଭଲ ଉପଚାର ହେଲା ମାଲିସ୍। ଜଡ଼ାତେଲ ବା ବାଦାମ ତେଲକୁ ହାଲକା ଉଷୁମ କରି ମାଲିସ କରନ୍ତୁ ବା ସମାନ ପରିମାଣର ଜଡ଼ାତେଲ, ନଡ଼ିଆତେଲ ଓ କେଶବର୍ଦ୍ଧିନୀ ତେଲ ମିଶାଇ ଅଳ୍ପ ଉଷୁମ କରି ମୁଣ୍ଡରେ ଘଷି ତା ପରଦିନ ଷ୍ଟିମିଂ କରନ୍ତୁ। ମାଲିସ୍ ପରେ ପ୍ଲାଷ୍ଟିକର ଗୋଟିଏ ଟୋପି ପିନ୍ଧି ଦିଅନ୍ତୁ।




ସବୁ ଲୋକ ସହଜ ନୁହଁନ୍ତି। ଆପଣଙ୍କୁ ଅଡୁଆରେ ପକାଇବାକୁ କିଛି ଲୋକ ସବୁବେଳେ ତୟାର ହୋଇ ଥାଆନ୍ତି। ସେମାନେ ଏଥିରୁ କିଛି ଲାଭ ପାଆନ୍ତି ନାହିଁ, କେବଳ ଆପଣଙ୍କୁ ଅଡୁଆରେ ପକାଇ ସେମାନେ ଆନନ୍ଦ ପାଆନ୍ତି। ଆପଣଙ୍କ ସମୟ ମଧ ନଷ୍ଟ କରନ୍ତି। କିନ୍ତୁ ଆପଣଙ୍କୁ ତ ଏଭଳି ଲୋକଙ୍କ ସହ କାମ କରିବାକୁ ପଡ଼ିବ। ତେଣୁ ଏଭଳି ଲୋକଙ୍କ ସହ ଡିଲ୍ କରିବାକୁ ଏହି ୪ଟି ଉପାୟ ଅବଲମ୍ବନ କରନ୍ତୁ। ଦୈନିକ ଆମେ ଭିନ୍ନ ଭିନ୍ନ ପ୍ରକାର ମଣିଷଙ୍କ ସଂସ୍ପର୍ଶରେ ଆସନ୍ତି। କିଛି ମଣିଷଙ୍କ ସହ ଭେଟ ହେଲେ ଆମକୁ ଭଲ ଲାଗେ। ସେମାନଙ୍କ ସହ ଜୀବନ ସହଜ ଅନୁଭବ ହୁଏ। କିନ୍ତୁ କିଛି ମଣିଷ ଥାଆନ୍ତି, ଯେଉଁମାନଙ୍କ କଥା ଭାବିଲେ ମନକୁ ଭୟ ଚାଲିଆସେ। ବେଳେବେଳେ ଆମେ ଆଲୋଚନା ପ୍ରସଙ୍ଗରେ ଯଦି କୌଣସି କୃପଣ ଲୋକର ନାଁ ନେଇଗଲେ, ତେବେ ଅନ୍ୟମାନେ କହି ଉଠନ୍ତି, ସକାଳୁ ସକାଳୁ ତା ନାଁ ନେଲେ ଖାଇବାକୁ ମିଳିବନି। ଆମ ଚାରିପାଖରେ ସବୁବେଳେ ଏମିତି କିଛି ଲୋକ ଥାଆନ୍ତି, ଯେଉଁମାନେ ଆମ କାମକୁ କଷ୍ଟକର କରିଦିଅନ୍ତି। ଆପଣ ଯାହା କହିବେ ସେମାନେ ତା ଓଲଟା କଥା କହିବେ। ଆପଣଙ୍କର କୌଣସି ମତାମତକୁ ମାନନ୍ତି ନାହିଁ। ଅତି ସହଜ କାମଟିକୁ ନିଜର ଅହଂକାର ପାଇଁ କଠିନ କରିଦିଅନ୍ତି। ଆସନ୍ତୁ ଜାଣିବା, ଏପରି ନେଗେଟିଭ୍ ଲୋକଙ୍କ ସହ ଡିଲ୍ କରିବାକୁ ଏହି ୪ଟି ଉପାୟ। ଯୁକ୍ତିତର୍କ କରନ୍ତୁ ନାହିଁ: ଜାଣି ସିଆଣିଆ ନେଗେଟିଭ୍ ଲୋକମାନଙ୍କ ସହ କେବେ ଯୁକ୍ତିରେ ମାତନ୍ତୁ ନାହିଁ। ସେମାନେ ଚାହାଁନ୍ତି ଆପଣ ତାଙ୍କ ସହ ତର୍କ କରନ୍ତୁ ଓ ଆପଣଙ୍କ ସମୟ ନଷ୍ଟ ହେଉ। ଏଥିପାଇଁ ସେମାନେ ଆପଣଙ୍କୁ ଉସୁକେଇବେ। ଯଦି ଆପଣ ତାଙ୍କ ସହ ଯୁକ୍ତିତର୍କ କରିବାରେ ମାତିଗଲେ, ତେବେ ଆପଣଙ୍କୁ ସେ ନିଜ ସ୍ତରକୁ ନେବାରେ ସଫଳ ହୁଏ, ତା ସହିତ ଆପଣଙ୍କ ମୂଲ୍ୟବାନ ସମୟ ନଷ୍ଟ କରିବାରେ ସଫଳ ହୁଏ, ଯେଉଁ ସମୟରେ ଆପଣ କିଛି ନୂଆ କାମ କରିପାରିଥାନ୍ତେ। ଏହା ହିଁ ସେ ଚାହେଁ। ଏଭଳି କ୍ଷେତ୍ରରେ ଆପଣ ଗୋଟିଏ କାମ କରିପାରିବେ। ତା କଥାକୁ ଆମୂଳଚୂଳ ଶୁଣନ୍ତୁ, କିନ୍ତୁ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ। ଅତି ବେଶୀରେ ତାକୁ କୁହନ୍ତୁ- ଆପଣଙ୍କ ଅଭିଯୋଗ ମୁଁ ସବୁ ଶୁଣିଲି, ଏ ବିଷୟରେ ଅଧିକ ବିଚାର କରିବି। ଏବେ ଆମେ ଅନ୍ୟ କୌଣସି ପ୍ରସଙ୍ଗରେ କଥା ହେବା, ଏ ପ୍ରସଙ୍ଗରେ ସମୟ ନଷ୍ଟ କରିବାନି।

ସେମାନଙ୍କୁ ନିଜ କାମ ବିଷୟରେ ବୁଝେଇବାକୁ ଚେଷ୍ଟା କରନ୍ତୁ ନାହିଁ: ସାମଗ୍ରିକ ଭାବରେ, ଏଭଳି ଲୋକମାନେ ଆପଣଙ୍କୁ କୌଣସି ଏକ ଉପାୟରେ ବ୍ୟସ୍ତ ରଖିବାକୁ ଓ ବିବ୍ରତ କରିବାକୁ ଚାହାଁନ୍ତି। ଆପଣଙ୍କ ଯୁକ୍ତି ଆପଣ ଏକ୍ସପ୍ଲେନ୍ କରନ୍ତୁ ବୋଲି ସେ ଚାହିଁବ, ଯାହାକୁ ସେ ନିଜର ଯୁକ୍ତିରେ କାଟିବ। ଏହା ତା ପାଇଁ ଏକ ଆନନ୍ଦ। ତେଣୁ ଏଭଳି ସ୍ଥିତିରେ ଆପଣ ତାକୁ କେବଳ କୁହନ୍ତୁ- 'ଏ ବିଷୟରେ ମୋର ନିଷ୍ପତ୍ତି ମୁଁ ପୂର୍ବରୁ ଶୁଣାଇ ସାରିଛି। ଆଉ ଅଧିକ ଆଲୋଚନା କରିବାକୁ ଚାହେଁନି। ମୁଁ କେବଳ ଚାହେଁ ଆପଣ ମୋ ନିଷ୍ପତ୍ତିକୁ ସମ୍ମାନ ଦିଅନ୍ତୁ।' ନିଜକୁ କିମ୍ବା ନିଜର ଯୁକ୍ତିକୁ ବୁଝାଇବାକୁ ଚେଷ୍ଟା କରନ୍ତୁ ନାହିଁ: ଏହିଭଳି ଲୋକଙ୍କୁ ଆପଣ ନେଇଥିବା ନିଷ୍ପତ୍ତିର କାରଣ ସଂପର୍କରେ କିଛି ସ୍ପଷ୍ଟୀକରଣ ଦିଅନ୍ତୁ ନାହିଁ। ସେ ଏହା ଚାହେଁ ଯେ, ଆପଣ ନିଜର ଯୁକ୍ତି ଉପସ୍ଥାପନ କରନ୍ତୁ, ଆଉ ସେ ଏହାକୁ ଅନୁମତି ଦେଇ ଗର୍ବ ଅନୁଭବ କରିବ। ପ୍ରତିବଦଳରେ ଆପଣ କେବଳ ଏତିକି କହିପାରିବେ ଯେ, ଏହା ହିଁ ମୋ ପାଇଁ ସବୁଠାରୁ ଭଲ ନିଷ୍ପତ୍ତି ବୋଲି ମତେ ଲାଗିଲା। ଆତ୍ମରକ୍ଷା ପାଇଁ ବ୍ୟବସ୍ଥା କରନ୍ତୁ ନାହିଁ: ଏଭଳି ଲୋକମାନେ ଆପଣଙ୍କୁ ହରାଇବାକୁ ଓ ଅଡୁଆରେ ପକାଇବାକୁ ଅନେକ ତର୍କ ନିୟମ ଆପଣଙ୍କ ଆଗରେ ଥୋଇବେ। ଚେଷ୍ଟା କରିବେ ଆପଣଙ୍କୁ ଅଡୁଆ ସୂତାରେ ବାନ୍ଧିବାକୁ। ଏଭଳି ପରିସ୍ଥିତିରୁ ଆପଣ ନିଜକୁ ମୁକୁଳାଇ ଆଣନ୍ତୁ। ତା ଏଜେଣ୍ଡା ଭିତରୁ ନିଜକୁ ରକ୍ଷା କରିବା ପରେ କୁହନ୍ତୁ- ଏଭଳି ସ୍ଥିତି ସଂପର୍କରେ ମୁଁ ବହୁତ କିଛି ଭାବିଛି। ତେଣୁ ଏ ନେଇ ଆଉ ଅଧିକ ଆଲୋଚନା କରିବାକୁ ଚାହେଁନି।

# ଜାଣନ୍ତୁ ସୁସ୍ଥ କିଡନିର ରହସ୍ୟ: ଆପଣଙ୍କ ଖାଦ୍ୟରେ ସାମିଲ କରନ୍ତୁ ଏହି ୯ଟି ଖାଦ୍ୟ

କିଡନି ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏପରି ପରିସ୍ଥିତିରେ, ସୁସ୍ଥ ରହିବା ପାଇଁ କିଡନିର ଯତ୍ନ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ, ଆପଣ ଆପଣଙ୍କ ଖାଦ୍ୟରେ କିଛି ସୁସ୍ଥ ଖାଦ୍ୟ ସାମିଲ କରି ଏହାର ଯତ୍ନ ନେଇପାରିବେ। କିନ୍ତୁ ଆଜିର ବ୍ୟସ୍ତବହୁଳ ଅସ୍ୱାସ୍ଥ୍ୟକର ଜୀବନଶୈଳୀରେ ଲୋକମାନେ ଏପରି ଅନେକ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଆରମ୍ଭ କରିଦେଲେଣି, ଯାହା କିଡନି ପାଇଁ କ୍ଷତିକାରକ ହେଉଛି। ଆସନ୍ତୁ ଜାଣିବା ସୁସ୍ଥ କିଡନି ପାଇଁ ଲାଭଦାୟକ କିଛି ଖାଦ୍ୟ ବିଷୟରେ...





ସେଓ: ସେଓରେ ପ୍ରଚୁର ପରିମାଣର ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା କିଡନିକୁ ଡିଟକ୍ସିଫାଇ କରିବାରେ ସାହାଯ୍ୟ କରେ। ଏହାସହିତ, ଏହା ବ୍ଲଡ ସୁଗର ଏବଂ କୋଲେଷ୍ଟ୍ରଲକୁ ମଧ ନିୟନ୍ତ୍ରଣରେ ରଖେ। ଲାଲ କ୍ୟାପସିକମ: ଲାଲ କ୍ୟାପସିକମରେ ପୋଟାସିୟମ କମ୍ ଏବଂ 'ଭିଟାମିନ-ସି ଏବଂ ଏ' ଅଧିକ ଥାଏ, ଯାହା କିଡନି ପାଇଁ ବହୁତ ଲାଭଦାୟକ ଅଟେ। ଏହା ବିଷାକ୍ତ ପଦାର୍ଥ ବାହାର କରିବାରେ ମଧ ସାହାଯ୍ୟ କରେ। ଗ୍ରୀନ୍ ଟି: ସାଧାରଣତଃ ଓଜନ ହ୍ରାସ ପାଇଁ ବ୍ୟବହୃତ ଗ୍ରୀନ୍ ଟି ଆପଣଙ୍କ କିଡନି ପାଇଁ ମଧ ଲାଭଦାୟକ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ କିଡନି ପାଇଁ ଏକ ସୁରକ୍ଷା କବଚ ଭାବରେ କାର୍ଯ୍ୟ କରେ। ଫୁଲକୋବି: ଫୁଲକୋବିରେ ଭିଟାମିନ୍-ସି, ଫୋଲେଟ୍ ଏବଂ ଫାଇବର ଭରପୂର ମାତ୍ରାରେ ରହିଥାଏ। ଯାହା କିଡନିରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ ଏବଂ ଡିଟକ୍ସ ପ୍ରକ୍ରିୟାରେ ସାହାଯ୍ୟ କରେ। ମାଛ: ଓମେଗା-୩ ଫ୍ୟାଟି ଏସିଡରେ ଭରପୂର ମାଛ ପ୍ରଦାହ କମାଇବା ଏବଂ କିଡନି ସୁସ୍ଥ ରଖିବାରେ ସାହାଯ୍ୟ କରେ। ସାଲମନ ଏବଂ ଟୁନା ବିଶେଷ ଭାବରେ ଲାଭଦାୟକ ଅଟେ। ପିଆଜ: ପିଆଜରେ ଆସିଲିନ୍ ଏବଂ କ୍ୱେର୍ସେଟିନ୍ ଭଳି ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ରହିଥାଏ। ଏବଂ ଏଥିରେ ପୋଟାସିୟମ୍ କମ୍ ଥାଏ, ଯାହା କିଡନି ପାଇଁ ଲାଭଦାୟକ ଅଟେ। ଏହା ପାଚନକ୍ରିୟାକୁ ଉନ୍ନତ କରେ ଏବଂ କିଡନି ଉପରେ ଚାପ ହ୍ରାସ କରେ। ତରଭୁଜ ଓ ଅଲିଭ୍ ତେଲ: କିଡନିକୁ ହାଇଡ୍ରେଟ୍ ରଖେ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ଅଲିଭ୍ ତେଲ ଆଣ୍ଟିଅକ୍ସିଡାଣ୍ଟ ଏବଂ ସୁସ୍ଥ ଚର୍ବିର ଏକ ମହାନ ଉତ୍ସ, ଯାହା କିଡନି ପାଇଁ ଲାଭଦାୟକ ହୋଇଥାଏ।







# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୪ ଜୁନ ୨୦୨୫, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଯକୃତ ରୋଗ: ଭାରତର ବଢୁଥିବା ସ୍ୱାସ୍ଥ୍ୟ ସଙ୍କଟ

ଭାରତରେ ଯକୃତ ରୋଗ ଜନିତ ମୃତ୍ୟୁର ବଢୁଥିବା ସଂଖ୍ୟା ଏକ ଭୟାବହ ଜନସ୍ୱାସ୍ଥ୍ୟ ସଙ୍କଟ ଆଡକୁ ଇଙ୍ଗିତ କରୁଛି, ଯାହା ଉପରେ ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ। ଏହି ପ୍ରସଙ୍ଗରେ ଉପଲବ୍ଧ ତଥ୍ୟ ଏକ ଚିନ୍ତାଜନକ ଚିତ୍ର ପ୍ରଦାନ କରୁଛି, ଯେଉଁଥିରେ କେବଳ ମୃତ୍ୟୁହାର ବୃଦ୍ଧି ପାଉନାହିଁ ବରଂ ଏହାର କାରଣ ମଧ୍ୟ ଅଧିକ ଜଟିଳ ହେବାରେ ଲାଗିଛି । ପାଚନତନ୍ତ୍ର ସମ୍ବନ୍ଧୀୟ ରୋଗରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢିଚାଲିଛି ଏବଂ ୨୦୨୨ ମସିହାରେ ଏହା ମୃତ୍ୟୁର ଅଷ୍ଟମ ପ୍ରମୁଖ କାରଣ ପାଲଟିଥିଲା । ଚିନ୍ତାର ବିଷୟ ଏହା ଯେ ଏହି ମୃତ୍ୟୁ ମଧ୍ୟରୁ ଅଧିକାଂଶ ଯକୃତ ରୋଗ ଯୋଗୁଁ ହେଉଛି। ବିଶେଷକରି ପୁରୁଷମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ଅଧିକ ଗମ୍ଭୀର ରହିଛି । ତଥ୍ୟ ଅନୁଯାୟୀ, ପାଚନ ରୋଗରେ ମୃତ୍ୟୁବରଣ କରୁଥିବା ପୁରୁଷଙ୍କ ସଂଖ୍ୟା ମହିଳାଙ୍କ ତୁଳନାରେ ତିନି ଗୁଣରୁ ଅଧିକ ଏବଂ ଏହି ପାର୍ଥକ୍ୟ କ୍ରମାଗତ ଭାବେ ବଢିବାରେ ଲାଗିଛି । ୨୦୨୨ରେ, ପାଚନ ରୋଗରେ ମୃତ୍ୟୁବରଣ କରିଥିବା ୭୫% ପୁରୁଷ ଯକୃତ ରୋଗରେ ପୀଡିତ ଥିଲେ, ଯେତେବେଳେ କି ମହିଳାଙ୍କ କ୍ଷେତ୍ରରେ ଏହି ହାର ୫୭.୫% ଥିଲା । ଏହି ପରିସଂଖ୍ୟାନ ସ୍ପଷ୍ଟ ଭାବେ ଦର୍ଶାଉଛି ଯେ ଯକୃତ ରୋଗ ଭାରତୀୟ ପୁରୁଷଙ୍କ ପାଇଁ ଏକ ବଡ଼ ବିପଦ ଭାବେ ଉଭା ହୋଇଛି।

ଯଦି ଆମେ ବୟସ ଭିତ୍ତିରେ ଏହି ତଥ୍ୟକୁ ବିଶ୍ଳେଷଣ କରିବା, ତେବେ ଏକ ଆହୁରି ଚିନ୍ତାଜନକ ଦିଗ ସାମ୍ନାକୁ ଆସୁଛି । ମହିଳାଙ୍କ କ୍ଷେତ୍ରରେ ଯକୃତ ରୋଗ ଜନିତ ମୃତ୍ୟୁ ବୟସ ବଢିବା ସହିତ ବୃଦ୍ଧି ପାଉଥିବା ବେଳେ, ପୁରୁଷମାନଙ୍କ କ୍ଷେତ୍ରରେ ଏହା ମଧ୍ୟ ବୟସରେ, ବିଶେଷକରି ୪୫ରୁ ୫୪ ବର୍ଷ ବୟସ ବର୍ଗରେ ସର୍ବାଧିକ ଦେଖାଯାଉଛି । ଏହା ଦର୍ଶାଉଛି ଯେ ଦେଶର କାର୍ଯ୍ୟକ୍ଷମ ପୁରୁଷମାନେ ଅକାଳରେ ଏହି ରୋଗର ଶିକାର ହେଉଛନ୍ତି, ଯାହା କେବଳ ପରିବାର ପାଇଁ ନୁହେଁ ବରଂ ଦେଶର ଅର୍ଥନୀତି ପାଇଁ ମଧ୍ୟ ଏକ ବଡ଼ କ୍ଷତି। ଏହାର ମୁଖ୍ୟ କାରଣ ଆଧୁନିକ ଜୀବନଶୈଳୀ ଏବଂ ଖାଦ୍ୟପେୟରେ ପରିବର୍ତ୍ତନ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

ଭୌଗୋଳିକ ଦୃଷ୍ଟିରୁ ମଧ୍ୟ ଏହି ସମସ୍ୟାରେ ତାରତମ୍ୟ ଦେଖାଯାଉଛି। ୨୦୨୨ ରେ, ରାଜ୍ୟଗୁଡ଼ିକ ମଧ୍ୟରେ ସିକ୍କିମରେ ସମସ୍ତ ଚିକିତ୍ସା ପ୍ରମାଣିତ ମୃତ୍ୟୁ ମଧ୍ୟରୁ ପ୍ରାୟ ୨୦% ପାଚନତନ୍ତ୍ର ରୋଗ ଯୋଗୁଁ ହୋଇଥିଲା, ଯାହା ସମସ୍ତ ରାଜ୍ୟ ମଧ୍ୟରେ ସର୍ବାଧିକ। ଉଲ୍ଲେଖନୀୟ ଭାବରେ, ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଏ କ୍ଷେତ୍ରରେ ଅଗ୍ରଣୀ ରହିଛନ୍ତି: ସେମାନଙ୍କ ମଧ୍ୟରୁ ପାଞ୍ଚଟି ରାଜ୍ୟରେ, ପ୍ରମାଣିତ ମୃତ୍ୟୁର ୧୦% ରୁ ଅଧିକ ପାଚନତନ୍ତ୍ର ରୋଗ ଯୋଗୁଁ ହୋଇଥିଲା। ଅନ୍ୟ କୌଣସି ରାଜ୍ୟରେ ଏହି ଅନୁପାତ ଦୁଇ ଅଙ୍କ ବିଶିଷ୍ଟ ନଥିଲା।

ଏହି ତଥ୍ୟଗୁଡ଼ିକ କିଛି ସମ୍ଭାବ୍ୟ କାରଣ ଆଡକୁ ଇଙ୍ଗିତ କରୁଛି, ଯଦିଓ ଏହା କେବଳ ସମ୍ପର୍କକୁ ଦର୍ଶାଉଛି, କାରଣକୁ ନୁହେଁ। ଗବେଷଣା ଦର୍ଶାଏ ଯେ ମଦ୍ୟପାନ ଯକୃତ ରୋଗର ଅଧିକ ବିପଦ ସହିତ ଦୃଢ଼ ଭାବରେ ଜଡିତ । ଭାରତରେ, ମାତ୍ର ୧% ମହିଳା ମଦ୍ୟପାନ କରୁଥିବାବେଳେ, ୧୯% ପୁରୁଷ ମଦ୍ୟପାନ କରନ୍ତି। ଏହି ତଥ୍ୟକୁ ଲିଙ୍ଗ ଏବଂ ବୟସ ଅନୁଯାୟୀ ମୃତ୍ୟୁହାର ସହିତ ଯୋଡ଼ି ଦେଖିଲେ, ମଧ୍ୟବୟସ୍କ ପୁରୁଷଙ୍କ ମଧ୍ୟରେ ମଦ୍ୟପାନ ଯକୃତ ସମ୍ବନ୍ଧୀୟ ମୃତ୍ୟୁସଂଖ୍ୟା ବୃଦ୍ଧିରେ ସହାୟକ ହେଉଛି କି ନାହିଁ ତାହା ଅନୁସନ୍ଧାନ କରିବା ଗୁରୁତ୍ୱପୂର୍ଣ୍ଣ । ଅତ୍ୟଧିକ ମାଂସ ସେବନ ମଧ୍ୟ ଯକୃତ ରୋଗର ଅଧିକ ବିପଦ ସହିତ ଜଡିତ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଦର୍ଶାଏ ଯେ ମାଂସ ସେବନ ଏବଂ ମଦ୍ୟପାନର ମିଳିତ ବ୍ୟାପକତା ଉତ୍ତର-ପୂର୍ବରେ ସର୍ବାଧିକ। ଏହି ସମ୍ପର୍କ ଉକ୍ତ ଅଞ୍ଚଳରେ ଯକୃତ ରୋଗର ଅଧିକ ବୋଝକୁ ବୁଝାଇପାରେ।

ମଦ୍ୟପାନ ଯକୃତ ରୋଗର ଏକ ପ୍ରମୁଖ କାରଣ ହୋଇଥିଲେ ମଧ୍ୟ, ବର୍ତ୍ତମାନ ଅଣ-ମଦ୍ୟପାନକାରୀଙ୍କ ମଧ୍ୟରେ ମଧ୍ୟ ଏହି ରୋଗ ବୃଦ୍ଧି ପାଉଛି, ଯାହାକୁ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ଡିଜିଜ୍ (NAFLD) କୁହାଯାଏ । ଭାରତରେ ପ୍ରତିବର୍ଷ ପ୍ରାୟ ୨,୬୮,୫୮୦ ଲୋକଙ୍କର ଯକୃତ ରୋଗରେ ମୃତ୍ୟୁ ହେଉଛି, ଯାହା ବିଶ୍ୱର ମୋଟ ଯକୃତ ଜନିତ ମୃତ୍ୟୁର ୧୮%ରୁ ଅଧିକ । ଏହା ଭାରତକୁ ବିଶ୍ୱରେ ଯକୃତ ରୋଗ ମୃତ୍ୟୁ କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ରଖିଛି । NAFLD ବର୍ତ୍ତମାନ ମେଟାବୋଲିକ୍ ଡିସଫଙ୍କସନ୍-ଆସୋସିଏଟେଡ୍ ଷ୍ଟିଟୋଟିକ୍ ଲିଭର ଡିଜିଜ୍ (MASLD) ଭାବରେ ପୁନଃବର୍ଗୀକୃତ ହୋଇଛି, ଯାହା ମେଟାବୋଲିକ୍ ବ୍ୟାଧି ସହିତ ଏହାର ଗଭୀର ସମ୍ପର୍କକୁ ଦର୍ଶାଉଛି । ଏହି ରୋଗର ବ୍ୟାପକତା ୯%ରୁ ୩୨% ପର୍ଯ୍ୟନ୍ତ ରହିଛି, ଯାହା ଏକ ନୀରବ ମହାମାରୀର ସଙ୍କେତ ଦେଉଛି। ଏହି ରୋଗର ମୁକାବିଲା ପାଇଁ ସରକାର NAFLDକୁ ଜାତୀୟ କାର୍ଯ୍ୟକ୍ରମରେ ସାମିଲ କରିଥିଲେ ମଧ୍ୟ, ଏହାର ସଫଳ ରୂପାୟନ ପାଇଁ ଜନସଚେତନତା ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଅପରିହାର୍ଯ୍ୟ । ଖାଦ୍ୟପେୟରେ ସୁଧାର, ନିୟମିତ ବ୍ୟାୟାମ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ମାଧ୍ୟମରେ ହିଁ ଏହି ଭୟଙ୍କର ରୋଗର ମୁକାବିଲା କରାଯାଇପାରିବ। ଯଦି ଏହି ସମସ୍ୟା ଉପରେ ତୁରନ୍ତ ଧ୍ୟାନ ଦିଆନଯାଏ, ତେବେ ଆଗାମୀ ଦିନରେ ଏହା ଭାରତ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ଏବଂ ସାମାଜିକ ସଙ୍କଟ ସୃଷ୍ଟି କରିବ, ଏଥିରେ କୌଣସି ସନ୍ଦେହ ନାହିଁ।



## ଇରାନ-ଇସ୍ରାଏଲ ଯୁଦ୍ଧର ପ୍ରଭାବ

### ସୌମେନ୍ଦ୍ର ଜେନା

ଚଳିତ ବର୍ଷ ୧୩ଜୁନ୍‌ରୁ ୨୪ଜୁନ୍ ୨୦୨୫ ପର୍ଯ୍ୟନ୍ତ ଇରାନ- ଇସ୍ରାଏଲ ମଧ୍ୟରେ ଯେଉଁ ବାରଦିନ ଧରି ଯୁଦ୍ଧ ଚାଲିଥିଲା ତାହା ବିଶ୍ୱଯୁଦ୍ଧକୁ ଡାକି ଆଣିବା ପରି ସମସ୍ୟା ସୃଷ୍ଟି କରିଥିଲା। କିନ୍ତୁ ଯୁଦ୍ଧର ପରିଣତି ତାହା ହେଲାନାହିଁ । ଏପରିକି ମୁସଲିମ ରାଷ୍ଟ୍ରମାନଙ୍କର ୫୭ଟି ଦେଶର ସଂଗଠନ ମଧ୍ୟ ଯୁଦ୍ଧରେ ଇରାନକୁ ସାହାଯ୍ୟ ଦେଲାପରି, ସମର୍ଥନ କଲାପରି ଜଣାପଡିଲେ ନାହିଁ । ପାକିସ୍ଥାନ ସଦୃଶ ଇରାନ ଇସଲାମ ନାମରେ ଧର୍ମଯୁଦ୍ଧର ଯେଉଁ ଆହ୍ୱାନ ଦେଇଥିଲା ତାକୁ ଅନ୍ୟସବୁ ମୁସଲିମ ରାଷ୍ଟ୍ର ସମର୍ଥନ କରିବାକୁ ରାଜି ହେଲେ ନାହିଁ । କିନ୍ତୁ ଏସବୁ ଯେ ଆକସ୍ମିକ ଥିଲା ତା ନୁହେଁ । କାରଣ ଇସଲାମିକ ରାଷ୍ଟ୍ର ଭାବେ ଇରାନ ନିଜକୁ ପରିଚିତ କରିବାଠାରୁ ଗତ ୪୦ବର୍ଷ ଧରି ମଧ୍ୟପ୍ରାଚ୍ୟରେ ନିଜକୁ ପ୍ରତିଷ୍ଠିତ କରି ଅନ୍ୟମାନଙ୍କ ନେତୃତ୍ୱ ନେବାପାଇଁ ଉଦ୍ୟମ କରିବାକୁ ଯାଇ ଅନେକଗୁଡିଏ ଛାୟାଯୁଦ୍ଧକାରୀ ଗୋଷ୍ଠୀ ବା ସନ୍ତ୍ରାସୀ ସମୂହ ସୃଷ୍ଟି କରିଆସିଛି । ୧୯୮୫ପରଠାରୁ ଏହି ସବୁ ଗୋଷ୍ଠୀ ଇସ୍ରାଏଲ ବିରୁଦ୍ଧରେ ଲଢିବାଲାଗି ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଇରାନଠାରୁ ପାଇ ଆସିଛନ୍ତି। ଏହି ସନ୍ତ୍ରାସୀ ଗୋଷ୍ଠୀଙ୍କ ମାଧ୍ୟମରେ ଇରାନ ନିରନ୍ତର ଇସ୍ରାଏଲ-ବିରୋଧୀ ଅଭିଯାନକୁ ଜାରି ରଖିଆସିଛି । ଇସ୍ରାଏଲର ଭିନ୍ନ ଭିନ୍ନ ପଡୋଶୀ ରାଷ୍ଟ୍ରରେ ସକ୍ରୀୟ ଥିବା ହାମାସ, ହୁଥି, ହେଜବୋଲ୍ଲା ପରି ଗୋଷ୍ଠୀଗୁଡିକ ଇସ୍ରାଏଲ ଉପରେ ଆକ୍ରମଣ କରି ଆସୁଛନ୍ତି । ଛୋଟ ଦେଶ ହେଲେ ମଧ୍ୟ ମୋସାଦ ପରି ଶକ୍ତିଶାଳୀ ଗୁଇନ୍ଦା ବାହିନୀ ଗଢିଥିବା ଇସ୍ରାଏଲ ଅତୀତରୁ ଆଜି ପର୍ଯ୍ୟନ୍ତ ଅନେକବାର ବିଶ୍ୱବ୍ୟାପି ଅଭିଯାନ ଚଳାଇ ଇସ୍ରାଏଲ ଏବଂ ଇହୁଦୀଙ୍କ ବିରୋଧୀମାନଙ୍କୁ ବିଶ୍ୱବ୍ୟାପି ଜବାବ ଦେଇଆସିଛି ।

କିନ୍ତୁ ୭ ଅକ୍ଟୋବର ୨୦୨୩ରେ ହାମାସ ଗୋଷ୍ଠୀ ପକ୍ଷରୁ ଇସ୍ରାଏଲ ଉପରେ ଯେଉଁ ଜବରଦସ୍ତ ସନ୍ତ୍ରାସୀ ଆକ୍ରମଣ ହୋଇଥିଲା ସେଥିରେ ଏକ ହଜାରରୁ ଅଧିକ ଇସ୍ରାଏଲୀ ହତାହତ ହୋଇଥିଲେ, ଯାହାକୁ ସହଜେ ଇସ୍ରାଏଲ ସରକାର ଗ୍ରହଣ କରିନପାରି ସନ୍ତ୍ରାସୀଙ୍କ ଘାଟୀ ଗାଜାକୁ ନଷ୍ଟ କରିବାକୁ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେବାରୁ ଇସ୍ରାଏଲୀ ସେନା ପ୍ରବଳ ବୋମାମାଡ କରି ଗାଜାକୁ ପିଜାରେ ପରିଣତ କରିଦେଲେ । ବହୁତଳ କୋଠାଗୁଡିକ ଧରାଶାୟୀ ହେଲେ । ଗାଜାର ବାସିନ୍ଦା ବାସଗୃହ ଛାଡି ଦକ୍ଷିଣକୁ ଯିବାକୁ ବାଧ୍ୟ ହେଲେ । କିନ୍ତୁ ଗାଜା ସହରସାରା ମାଟିତଳେ ମାଇଲ-ମାଇଲ ଦୀର୍ଘ ଟନେଲ ନିର୍ମାଣ କରିଥିବା ହାମାସ ଗୋଷ୍ଠୀ ଟନେଲରେ ରହି ଆଜିଯାଏଁ ଇସ୍ରାଏଲ-ବିରୋଧୀ ସଂଘର୍ଷ ଚଳାଇ ଆସିଛନ୍ତି । ସେହିପରି ଲେବାନନର ହେଜବୋଲ୍ଲା, ୟେମେନର ହୁଥିମାନେ ମଧ୍ୟ ଇସ୍ରାଏଲ ଉପରେ ବାରମ୍ବାର ଆକ୍ରମଣ କରି ଆସିଛନ୍ତି । ୧୯୮୫ରୁ ଏହିସବୁ ଗୋଷ୍ଠୀଗୁଡିକୁ ଇରାନ ସରକାର ଅର୍ଥ, ଅସ୍ତ୍ରଶସ୍ତ୍ର, ସାମରିକ ପ୍ରଶିକ୍ଷଣ, ଆକ୍ରମଣର ଯୋଜନା ଆଦି ପ୍ରଦାନ କରିଆସିଛନ୍ତି। କିନ୍ତୁ ଅତୀତରେ ଇସଲାମିକ ରାଷ୍ଟ୍ରଗୁଡିକର ସାମୂହିକ ଆକ୍ରମଣ ସତ୍ତ୍ୱେ ଯେପରି ଇସ୍ରାଏଲ ଯୁଦ୍ଧରେ ବିଜୟୀ ହୋଇଆସିଛି ଠିକ୍ ସେମିତି ୨୦୨୫ ଯୁଦ୍ଧରେ ମଧ୍ୟ ବିଜୟୀ ହୋଇଛି ବୋଲି କହିଲେ ଠିକ୍ ହେବ । ଅପରପକ୍ଷେ ଭୋଗ ବିକଳରେ ତାଟିଆକୁ କାମୁଡିବା ପରି ଇରାନ ଆମେରିକାର ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ କାତାରରେ ଥିବା ଆମେରିକାର ସେନାଘାଟୀ ଉପରେ ଆକ୍ରମଣ କରିବ ବୋଲି ଆଗରୁ ଖବରଦେଇ ଯେପରି ଆକ୍ରମଣ କଲା ସେଥିରେ ଆମେରିକା ସେନା ବାହିନୀର ବିଶେଷ କିଛି କ୍ଷତି ହେଲାନାହିଁ। ସେମାନେ ଇରାନର କ୍ଷେପଣାସ୍ତ୍ରଗୁଡିକୁ ଆକାଶରେ ଧ୍ୱଂସ କରିଦେବାକୁ ସକ୍ଷମ ହେଲେ । ଅଥଚ ଇରାନ ସରକାର ନିଜେ ନିଜକୁ ପ୍ରଶଂସିତ କଲାପରି ନିଜର ସଫଳତାରେ ଉଲ୍ଲସିତ ହୋଇ ବିଜୟ ଉତ୍ସବ ପାଳନ କଲେ । କିନ୍ତୁ ତୁଳନାତ୍ମକ ଦୃଷ୍ଟିରୁ ଦେଖିବାକୁ ଗଲେ ଇସ୍ରାଏଲଠାରୁ ଇରାନର ଅଧିକ କ୍ଷତି ହେଲା । ଯୁଦ୍ଧରେ ଇସ୍ରାଏଲର ୨୮ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୩୦୦୦ ଲୋକ ଆହତ ହୋଇଥିବା ବିଷୟ ଇସ୍ରାଏଲ ସୂତ୍ରରୁ ଜଣାପଡିଛି । ଇସ୍ରାଏଲ ସପକ୍ଷରେ ଆସି ଆମେରିକାର ବୋମାବର୍ଷକ ବିମାନଗୁଡିକ ଇରାନର ପରମାଣୁ ଗବେଷଣାଗାରକୁ ନଷ୍ଟ କରି ଯିବାପରେ ଇରାନ ସପକ୍ଷରେ ୫୬ଟି ମୁସଲିମ ଦେଶ ମଧ୍ୟରୁ କୌଣସି ଗୋଟିଏ ଦେଶ ମଧ୍ୟ ଆଗକୁ ଆସିଲେ ନାହିଁ। ହଁ ଏକଥା ସତ ଯେ ଆମେରିକାର ପରାମର୍ଶକ୍ରମେ ମୁସଲିମ ରାଷ୍ଟ୍ରଗୁଡିକ ଯୁଦ୍ଧ ବିରତ ପାଇଁ ଜୋରଦେଇ କହିଲେ ହେଲେ କେହି ଇସ୍ରାଏଲ ବିପକ୍ଷରେ କିମ୍ବା ଆମେରିକା ବିପକ୍ଷରେ ଯୁଦ୍ଧକୁ ବାହାରିଲେ ନାହିଁ । ଏହି ଘଟଣାରୁ ବିଶ୍ୱରେ ଇସଲାମିକ ରାଷ୍ଟ୍ରଗୁଡିକର ବ୍ରଦରହୁଡ ସଂପର୍କୀତ ମିଥ୍ କେତେ ଦୂର ବିଶ୍ୱାସଯୋଗ୍ୟ ତାହା ବୁଝାଯାଇପାରିବ ।

ଇରାନ ଆକ୍ରମଣରେ ଇସ୍ରାଏଲର ତେଲ-ଆଭିଭ ସମେତ ଅନ୍ୟ କେତେକ ସ୍ଥାନରେ ମଧ୍ୟ କ୍ଷୟକ୍ଷତି ହୋଇଛି, ଯାହା ଯୁଦ୍ଧରେ ହୋଇଥାଏ। କିନ୍ତୁ ପ୍ରଥମେ ହାମାସ, ପରେ ହେଜବୋଲ୍ଲା ଓ ହୁଥୀ ଗୋଷ୍ଠୀକୁ ସାବାଡ କରିବା ପରେ ସେମାନଙ୍କ ମାଷ୍ଟର ଭାବେ ପରିଚିତ ଇରାନ ଉପରେ ଇସ୍ରାଏଲ ପକ୍ଷରୁ ଯେପରି ଆକ୍ରମଣ କଲାଗଲା ତାହା ଉଲ୍ଲେଖନୀୟ ଥିଲା। ଇରାନକୁ ଚୀନ ପକ୍ଷରୁ କ୍ଷେପଣାସ୍ତ୍ର ଯୋଗାଇ ଦିଆଯାଇଥିଲେ ମଧ୍ୟ ଯୁଦ୍ଧରେ ରୁଷିଆ ଯାହା କଥାରେ ସିନା କହିଲା, କିନ୍ତୁ କାମରେ କୌଣସି ପ୍ରକାର ଆଖିଦୃଶିଆ ସାହାଯ୍ୟ କଲାନାହିଁ । କାରଣ ତିନିବର୍ଷ ହେବ ୟୁକ୍ରେନ ସହ ଯୁଦ୍ଧ ଲଢୁଥିବା ରୁଷିଆର ସାମରିକ ସ୍ଥିତି ଏତେଟା ଭଲ ନାହିଁ । ଉଭୟ ସେନା ଏବଂ ଆର୍ଥିକ ଦୃଷ୍ଟିରୁ ରୁଷିଆ ଢେର କ୍ଷତି ସହୁଛି । ୟୁକ୍ରେନର ଡ୍ରୋନ ଆକ୍ରମଣରେ ଦିନକରେ ଦେଶ ଭିତରେ ଥିବା ଯୁଦ୍ଧ ବିମାନଘାଟୀ ଏବଂ ଯୁଦ୍ଧ ବିମାନଗୁଡିକ ୪୦ରୁ ଅଧିକ ସଂଖ୍ୟାରେ ନଷ୍ଟହେବା ରୁଷିଆ ପାଇଁ ଯେହେତୁ ଅଧିକ କ୍ଷତି ରହିଥିଲା, ତେଣୁ ପୁଟିନ ଗଣମାଧ୍ୟମରେ ଯାହା କିଛି କହିଲେ ସିନା ହେଲେ ଇରାନକୁ ଅଧିକ ସାହାଯ୍ୟ କରିପାରିଲେ ନାହିଁ। କିନ୍ତୁ ଯୁଦ୍ଧ ପୂର୍ବରୁ ଟ୍ରମ୍ପ ସାଉଦି ଆରବ, ସିରିଆର ଶାସକ ଗୋଷ୍ଠୀଙ୍କୁ ମଧ୍ୟପ୍ରାଚ୍ୟ ଗସ୍ତକାଳରେ ନିଜ ସପକ୍ଷରେ ନେଇସାରିଥିବାରୁ ସେମାନେ କୌଣସି ପ୍ରକାର ବିରୋଧ କରିନଥିଲେ । ଇରାନର ପାରମ୍ପରିକ ବିରୋଧୀ ମୁସଲିମ ରାଷ୍ଟ୍ର ତୁର୍କୀ ପାଇଁ ଏହି ଆକ୍ରମଣ ଯେପରି ବରଦାନ ସଦୃଶ ମନେହୋଇଥିଲା। କାରଣ ଆଗାମୀ ଦିନରେ ଇରାନ ପୁନର୍ବାର ମୁଣ୍ଡ ଟେକିବାକୁ ଅନେକ ସମୟ ଲାଗିବ । ମୋସାଦ ଗୋଷ୍ଠୀଙ୍କ ଇରାନ ମଧ୍ୟରେ ସକ୍ରୀୟତା ଯୋଗୁ ଯୁଦ୍ଧ ସମୟରେ ଏବଂ ପୂର୍ବରୁ ଇସ୍ରାଏଲ ଗୋଟିଏ ପରେ ଗୋଟିଏ କରି ଆଣବିକ ବୈଜ୍ଞାନିକ ଏବଂ ସାମରିକ ନେତୃବୃନ୍ଦଙ୍କୁ ଯେପରି ହତ୍ୟା କରିଆସିଛି ତାହା ଇରାନର ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଇରାନ-ଇସ୍ରାଏଲ ଯୁଦ୍ଧବିରତି ପାଇଁ ଶ୍ରେୟ ନେବାଲାଗି ତତ୍ପର ଥିବା ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଆଗୁଆ ନିଜ ଆଡୁ ଯେପରି ପ୍ରକାଶ କଲେ ତଦ୍ୱାରା ସେ ଅନେକ ପରିହାସର ପାତ୍ର ହୋଇଛନ୍ତି । ଯେଉଁଥିପାଇଁ ନିଉୟର୍କ ମେୟର ନିର୍ବାଚନରେ କମ୍ୟୁନିଷ୍ଟ-ଇସଲାମିକ ଗୋଷ୍ଠୀର ସମର୍ଥନରେ ଡେମୋକ୍ରାଟ ପ୍ରାର୍ଥୀ ଆଗକୁ ଆସିବାକୁ ସକ୍ଷମ ହୋଇଛନ୍ତି, ଯାହା ଟ୍ରମ୍ପଙ୍କ ସମର୍ଥନ ହ୍ରାସର ସ୍ପଷ୍ଟ ସଂକେତ । ପ୍ରତିଦିନ ମୁହୂର୍ତ୍ତକରେ ନିଜ ମତ ବଦଳାଉଥିବା ଟ୍ରମ୍ପ ନିଜ ଦେଶରେ ଜନ ସମର୍ଥନ ହରାଇଛନ୍ତି । ନିଜ ଦଳରେ ନେତୃବୃନ୍ଦ ଓ ସହଯୋଗୀମାନେ ଜଣକ ପରେ ଜଣେ ଟ୍ରମ୍ପଙ୍କୁ ତ୍ୟାଗ କରି ଚାଲିଯାଉଛନ୍ତି । ଇସ୍ରାଏଲୀ ଦମ୍ପତ୍ତିଙ୍କ ଆମେରିକାରେ ହତ୍ୟା ଏବଂ ଇସ୍ରାଏଲ ବିରୋଧୀ ବାତାବରଣ ସୃଷ୍ଟି ହେବାରେ ଟ୍ରମ୍ପ ପ୍ରଶାସନର ଅପାରଗତା ହିଁ ମୁଖ୍ୟ କାରଣ ହୋଇଛି । ଯୁଦ୍ଧ ଚାଲିଥିବା ବେଳେ ଇସ୍ରାଏଲ ସରକାର ଇରାନର ରାଷ୍ଟ୍ରମୁଖ୍ୟ ଖୋମେନୀଙ୍କୁ ଖତମ କରିବାକୁ ଯେଉଁ ଯୋଜନା କରିଥିଲେ ତାକୁ ଟ୍ରମ୍ପ ବିରୋଧ କରିବା ଯୋଗୁ ଇହୁଦୀ ବିଶ୍ୱ ଏବଂ ଇସ୍ରାଏଲ ରାଷ୍ଟ୍ରପତି ନେତାନ୍ୟାହୁ ଏବେ ଆମେରିକା ଉପରେ ଖପ୍‌ପା ହୋଇଛନ୍ତି। ଗୋଟିଏ ପଟେ ଇସ୍ରାଏଲର ଜିତାପଟ ଜାରିଥିଲା ବେଳେ ଟ୍ରମ୍ପ ନିଜ ଆଡୁ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲ ଉପରେ ଯେପରି ଚାପ ପ୍ରୟୋଗ କଲେ ତାହାକୁ ଇସ୍ରାଏଲବାସୀ ଗ୍ରହଣ କରିପାରିନାହାନ୍ତି। ତେଣୁ ନିଜକୁ ବିଶ୍ୱରେ ଶାନ୍ତିରକ୍ଷାକାରୀ ଭାବେ ଉପସ୍ଥାପିତ କରିବାକୁ ଯାଇ ଟ୍ରମ୍ପ ଯେପରି ପାକ୍ ସେନାଧକ୍ଷ ମୁନୀରଙ୍କ ଦ୍ୱାରା ନୋବେଲ ପୁରସ୍କାର ପାଇଁ ଯୋଗ୍ୟ ବୋଲି କୁହାଇଲେ ତଦ୍ୱାରା ଟ୍ରମ୍ପଙ୍କ ଅସଲ ମୁଖା ଖୋଲିଯାଇଛି । ନିଜକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଭାବେ ପ୍ରଦର୍ଶିତ କରିବାକୁ ତାଙ୍କ ଉଦ୍ୟମ ପାଇଁ ସେ ଉପହାସର ପାତ୍ର ହୋଇଛନ୍ତି। ଇରାନ ସରକାର ମଧ୍ୟ ଯୁଦ୍ଧକାଳରେ ପାକ୍ କର୍ତ୍ତୃପକ୍ଷଙ୍କ ଆମେରିକା ଗସ୍ତକୁ ଗ୍ରହଣ କରିପାରି ନାହାନ୍ତି। ସେଥିପାଇଁ ଯୁଦ୍ଧ ପରେ ଇରାନ ପକ୍ଷରୁ ଭାରତର ପ୍ରଶଂସା କରାଯାଇଛି । ଉଭୟ ଦେଶରେ ଭାରତର କମ୍ପାନୀମାନେ ବନ୍ଦର ନିର୍ମାଣରେ ବ୍ୟସ୍ତଥିବାରୁ ଭାରତ ସରକାର ଉଭୟ ଇରାନ ଏବଂ ଇସ୍ରାଏଲକୁ ନିଜର ବନ୍ଧୁରାଷ୍ଟ୍ର ଭାବେ ଉଲ୍ଲେଖ କରି ଯୁଦ୍ଧର ପରିସମାପ୍ତି ଚାହିଁଥିଲେ ।

ଇସ୍ରାଏଲ-ଇରାନ ଯୁଦ୍ଧ ବିରତି ପରେ ଉଭୟ ଦେଶରେ ଭାରତର ସକ୍ରିୟତା ବାଣିଜ୍ୟିକ କ୍ଷେତ୍ରରେ ବୃଦ୍ଧିପାଇବ। କାରଣ ଇରାନର ତୈଳ ରପ୍ତାନୀ ଉପରୁ କଟକଣା ହଟିଲେ ଭାରତ ଶସ୍ତାରେ ଅଧିକ ତୈଳକ୍ରୟ କରିବାର ସୁବିଧା ପାଇବ । ଚାବହର ବନ୍ଦର ନିର୍ମାଣ ଏବଂ ଯୋଗାଯୋଗ କ୍ଷେତ୍ରରେ ବିକାଶ ହେବ । ସେହିପରି ଇସ୍ରାଏଲର ନିର୍ମାଣ କ୍ଷେତ୍ରରେ ଅଧିକରୁ ଅଧିକ ଭାରତୀୟ ଶ୍ରମିକ ଆବଶ୍ୟକ ହେବେ । ଏପରିକି କ୍ଷେପଣାସ୍ତ୍ର କ୍ରୟ ପାଇଁ ଇସ୍ରାଏଲ ପକ୍ଷରୁ ଭାରତକୁ ଅନୁରୋଧ କରାଯିବାକୁ ମତ ପ୍ରକାଶ ପାଇଛି । ଚୀନ -ପାକିସ୍ଥାନ ମେଣ୍ଟ ଯେପରି ଅପରେସନ ସିନ୍ଦୂର ସମୟରେ ଭାରତ ବିରୋଧୀ କାର୍ଯ୍ୟ କଳାପରେ ବ୍ୟସ୍ତ ଥିଲେ ଏବେ ଇରାନ-ଇସ୍ରାଏଲ ଯୁଦ୍ଧପରେ ସାଂଘାଇ ସହଯୋଗ ସଂଗଠନର ପ୍ରତିରକ୍ଷା ମନ୍ତ୍ରିସ୍ତରୀୟ ବୈଠକ ଚୀନର ହ୍ୱାଙ୍ଗଦାଓ ସହରରେ ଚାଲିଥିଲାବେଳେ ମିଳିତ ଘୋଷଣାପତ୍ରରେ ଭାରତର ପହଲଗାମ ସନ୍ତ୍ରାସୀ ଆକ୍ରମଣକୁ ସ୍ଥାନ ନ ଦେଇ ଚୀନ ଯେପରି ପାକ୍‌ର ବଲୋଚସ୍ଥାନ ଟ୍ରେନ୍ ଆକ୍ରମଣକୁ ସ୍ଥାନ ଦେଲା,ଭାରତ-ପକ୍ଷରୁ ତାର ପ୍ରତିବାଦ କରାଯାଇ ସ୍ୱାକ୍ଷର ପ୍ରଦାନ କରାନଯିବା ହେତୁ ମିଳିତ ଘୋଷଣାନାମା ପ୍ରକାଶ ପାଇଲା ନାହିଁ । କେବଳ ସେତିକି ନୁହେଁ ବ୍ରିକ୍ସ ଗୋଷ୍ଠୀର ବୈଠକ ଚଳିତବର୍ଷ ବ୍ରାଜିଲରେ ଅନୁଷ୍ଠିତ ହେବାକୁ ଯାଉଛି। କିନ୍ତୁ ବ୍ରାଜିଲ ସରକାର ଚଳିତବର୍ଷ ବୈଠକ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ଅତିଥି କରିଥିବା ଯୋଗୁ ଚୀନର ଗାତ୍ରଦାହ ହୋଇଛି । ଯେଉଁଥିପାଇଁ ପ୍ରଥମଥର ଲାଗି ବ୍ରିକ୍ସ ବୈଠକରେ ଯୋଗ ନଦେବାକୁ ଚୀନ ରାଷ୍ଟ୍ରପତି ଜିନପିଙ୍ଗ୍ ପ୍ରକାଶ କରିଛନ୍ତି। ଏକଥା ସତ ଯେ ଇରାନ-ଇସ୍ରାଏଲ ଯୁଦ୍ଧପରେ ଭାରତର ନିରପେକ୍ଷ ଆଭିମୁଖ୍ୟକୁ ବହୁଦେଶ ପସନ୍ଦ କରିବେ । ଇସ୍ରାଏଲ ଏବଂ ଇରାନ ପ୍ରତିରକ୍ଷା ଉତ୍ପାଦନ ଏବଂ କ୍ରୟପାଇଁ ଖର୍ଚ୍ଚବୃଦ୍ଧି କରିବେ ଏଥିରେ ସନ୍ଦେହ ନାହିଁ । ତୈଳ ବଜାରକୁ ଇରାନ ଓହ୍ଲାଇବା ପରେ ସାଉଦି, କାତାର, ସମେତ ଅନ୍ୟ ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡିକ କିଛିଟା କ୍ଷତି ସହିବେ ନିଶ୍ଚୟ । କାରଣ ଯୁଦ୍ଧ କ୍ଷୟକ୍ଷତିର ଭରଣାପାଇଁ ଇରାନ ମୁଖ୍ୟତଃ ତୈଳରପ୍ତାନୀ ଉପରେ ନିର୍ଭର କରିବ । ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇଥିବା ଇରାନ ଯେପରି ତୈଳ ରପ୍ତାନୀକୁ ଜୋରଦେବ ଠିକ୍ ସେମିତି ଇସ୍ରାଏଲ ନିଜର ପ୍ରତିରକ୍ଷା ସାମଗ୍ରୀର ଉତ୍ପାଦନ ଏବଂ ବିକ୍ରିକୁ ଅଧିକ ବୃଦ୍ଧି କରିବାକୁ ଚେଷ୍ଟା କରିବ । ଏପରିକି ସହଯୋଗୀ ରାଷ୍ଟ୍ରଙ୍କ ସହ ମିଳିତ ଉତ୍ପାଦନ ମଧ୍ୟ କରିପାରେ। ଏଥିରେ ଭାରତକୁ ଲାଭ ହୋଇପାରେ । ଏକଥା ସତ ଯେ ଆଗାମୀ କିଛି ମାସ ପାଇଁ ମଧ୍ୟପ୍ରାଚ୍ୟ ଆର୍ଥିକ ଚାପ ମଧ୍ୟରେ ରହିବ। ଏହାର ସୁଯୋଗ ନେବାକୁ ଆମେରିକା, ଚୀନ, ରୁଷିଆ ସମେତ ବ୍ରିଟେନ ଏବଂ ଅନ୍ୟ ଦେଶଗୁଡିକ ଚେଷ୍ଟା କରିବେ । କହିବାକୁ ଗଲେ ଇରାନ-ଇସ୍ରାଏଲ ଯୁଦ୍ଧର ପରିଣତି ବିନା ହାରଜିତରେ ଶେଷ ହୋଇଥିଲା ବେଳେ ରୁଷିଆ ଏବଂ ଚୀନପରି ରାଷ୍ଟ୍ର ପ୍ରକୃତ ଯୁଦ୍ଧକାଳରେ ଆଜି ଆମେରିକାକୁ ପ୍ରତିହତ କରିବାକୁ ଯେ ଅକ୍ଷମ ରହିଛନ୍ତି, ତାହା ସ୍ପଷ୍ଟ ହୋଇଛି। ତେଣୁ ଆଗାମୀ ଦିନରେ ବିଶ୍ୱରେ ଦଶ ଦେଶ ମଧ୍ୟରେ ସହଯୋଗ ସଂପର୍କ କ୍ଷେତ୍ରରେ ପରିବର୍ତ୍ତନ ଦେଖିବାକୁ ମିଳେ।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩




## ସୁନାମ କଳଙ୍କିତ ନହେଉ

### ସୌଭାଗ୍ୟ ରଂଜନ ମହାନ୍ତି

ଆମ ରାଜ୍ୟରେ କର୍ତବ୍ୟରତ ସରକାରୀ ଓ ଅଧିକାରୀଙ୍କୁ ମାଡ ନୂଆ ନୁହେଁ। ଏବେ ସରକାରୀ ଅଧିକାରୀଙ୍କୁ ବାଲି ଓ ଜଙ୍ଗଲ ମାଫିଆଙ୍କ ମାଡ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। କିନ୍ତୁ ଖୋଦ ରାଜଧାନୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟରେ ଲୋକଙ୍କ ଆପତି ଅଭିଯୋଗ ଶୁଣାଣୀ କରୁଥିବା ସମୟରେ ଓଡିଶା ପ୍ରଶାସନିକ ସେବା (ଓଏଏସ)ର ଅଧିକାରୀ ତଥା ଅତିରିକ୍ତ କମିଶନରଙ୍କୁ ବିଏମସିର ଜଣେ କର୍ପୋରେଟର(ୱାର୍ଡ ସଭ୍ୟ) ଏବଂ ତାଙ୍କର ୭/୮ ସହଯୋଗୀ ଅଫିସରୁ ଘୋଷାରୀ ଆଣି ତଳେ ପକାଇ ସର୍ବ ସମ୍ମୁଖରେ ମାଡ ମାରିବା ଘଟଣା କେବଳ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟାସ୍ତ ହୋଇପଡିଥିବା ନେଇ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ, ଶାସକ ଦଳର ନେତା ଓ କର୍ମୀଙ୍କ ଅହଂକାରର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ। ରିପୋର୍ଟ ପ୍ରକାଶ ପାଇଛି ଯେ, ଜଣେ ପରାଜିତ ଦଳୀୟ ବିଧାୟକ ପ୍ରାର୍ଥୀଙ୍କ କଥା ନଶୁଣିବାରୁ ଅତିରିକ୍ତ କମିଶନରଙ୍କ ଉପରେ ଦଳର କର୍ମୀମାନେ ଆକ୍ରମଣ କରିଛନ୍ତି। ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯାଇଯିବ। ଅବଶ୍ୟ ପୋଲିସ ତ୍ୱରିତ ପଦକ୍ଷେପ ନେଇ କର୍ପୋରେଟରଙ୍କ ସହ ୫ଜଣଙ୍କୁ ଗିରଫ କରିଥିବାବେଳେ ଦଳର ରାଜ୍ୟ ଶାଖା ସଭାପତି ସେମାନଙ୍କୁ ଦଳର ପ୍ରାଥମିକ ସଦସ୍ୟରୁ ନିଲମ୍ବନ କରିଛନ୍ତି। ତେବେ ଆକ୍ରମଣର ମୁଖ୍ୟ ନାୟକ ଥିବା ପରାଜିତ ନେତା ଏବେ ବି ବାହାରେ ବୁଲୁଛନ୍ତି, ତାଙ୍କୁ ତୁରନ୍ତ ଗିରଫ କରାଯିବା ଜରୁରୀ। କହିବା ବାହୁଲ୍ୟ ଯେ, ଏହି ଘଟଣାକୁ ନେଇ ରାଜ୍ୟରେ ଏବେ ଏକ ଅଦଭୂତ୍ ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟବ୍ୟାପୀ ଓଏଏସ ଅଧିକାରୀମାନେ ସମୂହ ଛୁଟିରେ ଯିବା ଯୋଗୁଁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି କେବଳ ଏତକି ନୁହେଁ, ବିଏମସିର କର୍ମଚାରୀମାନେ ଅସହଯୋଗ ଆନ୍ଦୋଳନ କରିବା ଯୋଗୁଁ ରାଜଧାନୀ ବାସିନ୍ଦା ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା କୁହାଯାଏ। ଏହା ନିସନ୍ଦେହ ଯେ, ସରକାରୀ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ ପଛରେ ପ୍ରଭାବଶାଳୀ ବ୍ୟକ୍ତି ତଥା ରାଜନେତାମାନଙ୍କ ଅଭୟ ହାତ ରହୁଥିବାରୁ ରାଜ୍ୟରେ ସରକାରୀ କର୍ମଚାରୀଙ୍କୁ ଦଳୀୟ କର୍ମୀ ଏବଂ ଅସାମାଜିକ ମାଡ ମାରିବା ଏକ ନିତିଦିନଆ ଘଟଣାରେ ପରିଣତ ହେବାକୁ ଯାଉଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଓଡିଆ ଅସ୍ମିତାର ନାରା ଦେଇ ରାଜ୍ୟରେ ପ୍ରଥମ ଥର ପାଇଁ କ୍ଷମତାସୀନ ହୋଇଥିବା ବିଜେପି ସରକାର ନିକଟରେ ଏକ ବର୍ଷର ପୂର୍ତି ପାଳନ କରିଥିବାବେଳେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଲୋକଙ୍କ ସରକାର ଏବଂ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟବାସୀଙ୍କ ଆସ୍ଥା ଭାଜନ ହେବା ଦିଗରେ ଅଗ୍ରସର ହେଉଥିବା ସମୟରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଟଣା ହୋଇନପାରିବା, ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା, ବିଏମସି ଅତିରିକ୍ତ କମିଶନରଙ୍କ ଉପରେ ଆକ୍ରମଣ, ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ସହ ମହିଳା ଅସୁରକ୍ଷିତ ହେବା ଘଟଣାମାନ ସରକାରଙ୍କ ବର୍ଷକର ସଫଳତା ତଥା ସୁନାମକୁ କଳଙ୍କିତ କରିଦେଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆହୁରି ମଧ୍ୟ ଗଲା ମାସ ୧୬ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ଆମେରିକୀୟ ନାଗରୀକମାନଙ୍କ ପାଇଁ ଓଡିଶା ସମେତ ଦେଶର ୬ଟି ରାଜ୍ୟ ଲାଗି କଠୋର ଯାତ୍ରା ନିର୍ଦ୍ଦେଶ ଜାରି କରିବା ନିଶ୍ଚିତ ଭାବେ ବିଶ୍ୱ ଦରବାରରେ ରାଜ୍ୟର ସୁନାମକୁ କଳଙ୍କିତ କରିଛି ବୋଲି କୁହାଯାଇପାରେ। ଭାରତରେ ଦୁଷ୍କର୍ମ ସବୁଠାରୁ ଦୃତଗତିରେ ବୃଦ୍ଧି ପାଉଥିବା ଅପରାଧ ମଧ୍ୟରୁ ଅନ୍ୟତମ ବୋଲି ଆମେରିକା ଉଲ୍ଲେଖ କରିବା ସହ ପର୍ଯ୍ୟଟନସ୍ଥଳୀ ଓ ଅନ୍ୟାନ୍ୟ ସ୍ଥାନରେ ଯୌନ ନିର୍ଯ୍ୟାତନା ସମେତ ଅନ୍ୟାନ୍ୟ ହିଂସାତ୍ମକ ଅପରାଧ ଘଟୁଥିବା କହିଛି। ଏକୁଟିଆ କୌଣସି ସ୍ଥାନକୁ ଯାତ୍ରା ନକରିବା ପାଇଁ ନିଜ ଦେଶର ମହିଳାମାନଙ୍କୁ ଆମେରିକା ସତର୍କ କରାଇଦେଇଛି। କହିବା ବାହୁଲ୍ୟ ଯେ, ଆମେରିକାର କଠୋର ଯାତ୍ରା ନିର୍ଦ୍ଦେଶ ଜାରୀ ପୂର୍ବରୁ ରାଜ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ବୋଧହୁଏ ଏହି ଘଟଣା ପାଇଁ ଆମେରିକା ଓଡିଶାର ନାମ ନେଇଛି। ଶାନ୍ତିପ୍ରିୟ ଓଡିଶାର ପର୍ଯ୍ୟଟନ ସ୍ଥଳ ବିଶ୍ୱ ବନ୍ଦିତ। ଯେଉଁଥିପାଇଁ ରାଜ୍ୟକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଆଗମନ ଘଟିଥାଏ। ଏବେ ଆମେରିକାର ନିଜ ଦେଶର ମହିଳାଙ୍କ ଉପରେ କଟକଣା କେବଳ ରାଜ୍ୟକୁ ନିନ୍ଦିତ କରିନାହିଁ, ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରଗୁଡିକ ପ୍ରଭାବିତ ହୋ ଆଶଙ୍କା ସୃଷ୍ଟି କରିଛି। ଯାହାକି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଏବଂ ମହିଳା ଅସୁରକ୍ଷିତ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସ୍ଥିତି ସୁଧାରିବା ସରକାରଙ୍କ ପାଇଁ ଏକ ଆହ୍ୱାନ। ଏଥିରେ ସନ୍ଦେହ ନାହିଁ । ଦୋଷୀଙ୍କ ବିରୁଦ୍ଧରେ ଉଦାହରଣୀୟ ଦଣ୍ଡବିଧାନ କରି ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ସରକାରଙ୍କ ପ୍ରଥମ କର୍ତବ୍ୟ ହେଉ।


+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ
ନଗର,ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
(ମୋ) ୭୯୭୮୬୬୪୦୩


## କବିତା କୋଣାର୍କ

### ଲକ୍ଷ୍ମୀଙ୍କର ରୋଷ

### ଜୟନ୍ତ କୁମାର ମଲ୍ଲିକ୍



ଭାଇ ଭଉଣୀଙ୍କୁ ନିଜର ଭାବିଲ
ମତେ କରିଦେଲ ପର -
ମତେ ଲୁଚିକରି ସେଦୁହିଁଙ୍କୁ ଧରି
ଚଳିଲ ମାଉସୀ ଘର।
କାହିଁକି ମୋ ସାଥେ କରିଲ ଛଳନା
ମୁଁ କଣ ଏତେ ଖରାପ -
ପାଞ୍ଚଦିନ ହେଲା ନିଶ୍ଚିନ୍ତରେ ଅଛ
ନାହିଁ ଟିକେ ପଶ୍ଚାତାପ
ଗୁଣ୍ଡିଚା ମନ୍ଦିରେ ପହଞ୍ଚି ଗଲିଣି
ମୋ ପ୍ରଶ୍ନ ଉତ୍ତର ଦିଅ -
ଉତ୍ତର ନଦେଲେ ଛାଡିବିନି ଜମା
ମୁଁ ବରୁଣ ରାଜା ଝିଅ।
ଭାଙ୍ଗି ଦେଉଛି ମୁଁ ତୁମ ନନ୍ଦିଘୋଷ
ଏବେ ତୁମେ ନିଅ ନାମ -

ଭାଇ ଭଉଣୀଙ୍କ ପ୍ରେମରେ ପଡ଼ିକି
ମୁଣ୍ଡ କରୁନାହିଁ କାମ।
ବଡ଼ ଦେଉଳକୁ ଛାଡ଼ିବିନି ଜମା
ବଡ଼ଦାଣ୍ଡେ ବସିଥିବ -
ମାଉସୀ ଘରକୁ ଯିବାନିଶା ତୁମ
ମୁଣ୍ଡରୁ ଓହ୍ଲାଇ ଯିବ।


ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭


### ଗାଁ ବରଗଛ

### ସଦାଶିବ ବିଶ୍ୱାଳ



ଗାଁ ବରଗଛ କେଉଁ କାଳରୁ
କୂଳବୃଦ୍ଧ ଭଳି ଛିଡ଼ାହୋଇଛି
ପିଢ଼ି ପିଢ଼ି ଧରି ଜନସମାଜକୁ
ଅନେକ ଶିକ୍ଷା ଦେଇଆସିଛି

ସେଇ ଗଛ ମୂଳରେ
ଗାଁ ବୁଢ଼ୀ ଠାକୁରାଣୀଙ୍କ ନିବାସ
ଗ୍ରାମବାସୀଙ୍କୁ ପଣତ ଘୋଡେଇ ରଖି
ସୁରକ୍ଷା କବଚ ଭଳି ଦିଏ ଶୁଭାଶିଷ

ଗଛମୂଳେ ଗାଁ ପିଲା ଖେଳନ୍ତି
କ୍ରିକେଟ, କବାଡି, ବହୂ ଚୋରି
ଗଛ ଓହଳରେ ଦୋଳିଖେଳି
ଗଛ ଉପରେ ଖେଳନ୍ତି ଡାଳ ମାଙ୍କିଡି

ବରଗଛ କଳ୍ପ ବଟ ତୁଲ୍ୟ
ତା'ର ମୂଳେ ଗାଁ ମହିଳା
କରନ୍ତି ଶନିଦେବ ପୂଜା
ପଶୁ, ଝାଳୁଆ-ଶୋଷିଲା
ମଣିଷର ବିଶ୍ରାମସ୍ଥଳ
ଡାଳରେ ପକ୍ଷୀ କରନ୍ତି ବସା

ଗାଁମୁଣ୍ଡ ବଟ ବୃକ୍ଷ ହୋଇଛି
ଗାଁ ଲୋକଙ୍କ ଶୈଶବର ଖେଳଘର
ଯୌବନର ଉପବନ ଆଉ
ସାହାରା ବାର୍ଦ୍ଧକ୍ୟର

ତା' ଅବସ୍ଥା ଆଜି ଶୋଚନୀୟ
ପକ୍ଷ ଛେଦନେ କରିଅଛି ଅଭିମାନ
ଆବଶ୍ୟକତା ଥାଇ ସ୍ୱାର୍ଥୀ ମଣିଷ
ନିଜ ଜିହ୍ୱା ନିଜ ହାତେ କରଇ
ଛେଦନ

ଆସିଛି କୋଭିଡ ମହାମାରୀ
ଅଭାବ ହୁଏ ଅମ୍ଳଜାନ
ପୋକ ମାଛି ପରି ମଣିଷ ମରନ୍ତି
ଅମ୍ଳଜାନ ସିଲିଣ୍ଡରର ହୁଏ
ପ୍ରୟୋଜନ

ବରଗଛ ଆଖିରେ ଲୁହ
ଯୋଡ ହସ୍ତେ କରେ ନିବେଦନ
ମୋତେ କେବେ କାଟ ନାହିଁ
ଗଛ ଲଗାଇଚାଲ, ବଞ୍ଚିବ ଜୀବନ ।


କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନ କ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର


### ମୋକ୍ଷ କଣ ମୁଁ ଜାଣିନି ମଣିମା

### ଲକ୍ଷ୍ମୀପ୍ରିୟା ପୃଷ୍ଟି



ମୋକ୍ଷ କଣ ମୁଁ ଜାଣିନି ମଣିମା
ଜାଣିନି ତୋ ପୂଜାବିଧି
ମନର ବେଦୀରେ ପୂଜୁଛି ନିତି ମୁଁ
ଭାବି ମୋର ପ୍ରତିନିଧି ।

ମରମେ ଉଛୁଳି ତୋ ଦିବ୍ୟ
ଚେତନା
ଆଖିରୁ ଝରଇ ଲୁହ
ସେ ଲୁହ ଭିତରେ ଦିଶୁଥାଏ
ମୋତେ
ତୋର ସେହି କଳାମୁହଁ ।

ଲୋଡ଼ା ନାହିଁ ମୋର ଧନ ଦଉଲତ
ଅବା ଆନ ସୁଖ ଶିରୀ
ତୋ ଚକାନୟନ ଦେଖୁଥିବି ନିତି
ଦୁଃଖ ଯାଉଥିବ ହରି ।

ମହାବାହୁ ନାମ ବୋଲାଇଛୁ ବୋଲି
ମରତେ ପଡ଼ିଛି ହୁରି
ସେଇ ବାହୁ ତଳେ ପତିତ ମୁଁ ଏକ
ଆଶ୍ରାଦିଅ ଚକ୍ରଧାରୀ ।

ମୋକ୍ଷ କଣ ମୁଁ ଜାଣିନି ମଣିମା
ଜାଣିନି ତୋ ପୂଜାବିଧି
ଜାଣିଛି ଏତିକି ଏ ମୂଢ଼ମତିକି
ସାହା ସେ କ୍ଷମା ବାରିଧି ।


ଅଧ୍ୟାପିକା,ଓଡ଼ିଆ ବିଭାଗ
ଦଶରଥପୁର ଉଚ୍ଚତର ମାଧ୍ୟମିକ
ବିଦ୍ୟାଳୟ
ଯାଜପୁର-୭୫୫୦୦୬ (ମୋ)
୭୩୭୭୩୧୮୭୮୯

# କ'ଣ ସତରେ ଅଭିଶପ୍ତ 'ବିଗ୍ ବସ୍ ହାଉସ' ? ଶେଫାଳୀଙ୍କ ପୂର୍ବରୁ ଦୁନିଆକୁ ଅଲବିଦା କହିଛନ୍ତି ସୋ'ର ଏହି ୮ ପ୍ରତିଯୋଗୀ



'କାଣ୍ଟା ଲଗା' ଗୀତରୁ ରାତାରାତି ଷ୍ଟାର୍ ପାଲଟିଥିବା ଶେଫାଳୀ ଜରିୱାଲାଙ୍କର ଦେହାନ୍ତ ମାତ୍ର ୪୨ ବର୍ଷରୁ ହୋଇଗଲା । କମ୍ ବୟସରେ ହୃଦ୍‌ଘାତରେ ଶେଫାଳୀଙ୍କର ମୃତ୍ୟୁ ହେବା ପରେ 'ବିଗ୍ ବସ୍' ଘର ଉପରେ ଲାଗିଥିବା 'ଅଭିଶାପ' ଟ୍ୟାଗ୍‌କୁ ପୁଣି ଥରେ ବଢ଼ାଇ ଦେଇଛି । ବିଗ୍ ବସର ପୂର୍ବ ପ୍ରତିଯୋଗୀମାନେ ଏବେ ବିଗ୍ ବସ୍ ଘରକୁ ଅଭିଶପ୍ତ ବୋଲି କହୁଛନ୍ତି । ଶେଫାଳୀଙ୍କ ପୂର୍ବରୁ ମଧ ଅନେକ ପ୍ରତିଯୋଗୀ କମ୍ ବୟସରୁ ହିଁ ଦୁନିଆକୁ ଅଲବିଦା କହିଛନ୍ତି । ତେବେ ଆସନ୍ତୁ ବିଗ୍ ବସ୍ କାର୍ଯ୍ୟକ୍ରମର ସେହି ପୂର୍ବ ପ୍ରତିଯୋଗୀଙ୍କ ବିଷୟରେ ଜାଣିବା ଯେଉଁମାନେ କମ୍ ବୟସରୁ ହିଁ ଦୁନିଆକୁ ଅଲବିଦା କହିଥିଲେ ।

୧. ସିଦ୍ଧାର୍ଥ ଶୁକ୍ଲା: 'ବିଗ୍ ବସ୍ ୧୩'ର ବେତାଜ ବାଦଶାହ, ସୋ'ର ବିଜୟୀ ସିଦ୍ଧାର୍ଥ ଶୁକ୍ଲାଙ୍କର ୨୦୨୧ରେ ୪୦ ବର୍ଷ ବୟସରେ ହୃଦ୍‌ଘାତ ହେତୁ ଦେହାନ୍ତ ହୋଇଥିଲା । ତାଙ୍କର ଅଚାନକ ମୃତ୍ୟୁ ପୂରା ଦେଶକୁ ସ୍ତବ୍ଧ କରି ଦେଇଥିଲା । ଫ୍ୟାନ୍ସମାନଙ୍କ ପାଇଁ ଏହି ଖବର ଏକ ବଡ଼ ଝଟକାଠାରୁ କିଛି କମ୍ ନଥିଲା, କାରଣ ସିଦ୍ଧାର୍ଥ ନିଜର ଫିଟନେସ୍ ପାଇଁ ଜଣା ଯାଉଥିଲେ ।

୨ . ପ୍ରତ୍ୟୁଷା ବାନାର୍ଜୀ: 'ବାଳିକା ବଧୂ' ସିରିଏଲ୍‌ରୁ ଘରେ ଘରେ ପରିଚୟ ସୃଷ୍ଟି କରିଥିବା ପ୍ରତ୍ୟୁଷା ବାନାର୍ଜୀ 'ବିଗ୍ ବସ୍ ୭'ରେ ଅଂଶଗ୍ରହଣ କରିଥିଲେ । ୨୦୧୬ ରେ ମାତ୍ର ୨୪ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ସେ ପଙ୍ଖାରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିଲେ ।

୩. ସ୍ୱାମୀ ଓମ୍: 'ବିଗ୍ ବସ୍ ୧୦'ର ସବୁଠାରୁ ବିବାଦୀୟ ତଥା ଚର୍ଚ୍ଚିତ ପ୍ରତିଯୋଗୀ ସ୍ୱାମୀ ଓମ୍ ୨୦୨୧ରେ କୋଭିଡ୍-୧୯ ସଂକ୍ରମଣ ଜନିତ ଜଟିଳତା କାରଣରୁ ସବୁଦିନ ପାଇଁ ଆଖି ବୁଜିଥିଲେ । ସୋ'ରେ ନିଜର ଅଜବ କାର୍ଯ୍ୟକଳାପ ଏବଂ ଟିପ୍ପଣୀ ଦ୍ୱାରା ସେ ଚର୍ଚ୍ଚା ସୃଷ୍ଟି କରିଥିଲେ ।

୪. ସୋନାଲି ଫୋଗଟ୍: 'ବିଗ୍ ବସ୍ ୧୪'ର ପ୍ରତିଯୋଗୀ ତଥା ବିଜେପି ନେତା ସୋନାଲି ଫୋଗଟ୍‌ଙ୍କର ୨୦୨୩ରେ ୪୨ ବର୍ଷ ବୟସରେ ଗୋଆରେ ହୃଦଘାତରେ ମୃତ୍ୟୁ ଘଟିଥିଲା । ସୋନାଲିଙ୍କର ଅଚାନକ ମୃତ୍ୟୁରେ ତାଙ୍କ ପ୍ରଶଂସକ ସ୍ତବ୍ଧ ହୋଇଯାଇଥିଲେ ।

୫. ସୋମଦାସ ଚଥନୁର: 'ବିଗ୍ ବସ୍ ମାଲାୟାଲମ୍'ର ପ୍ରଥମ ସିଜନର ପ୍ରତିଯୋଗୀ ତଥା ଜଣାଶୁଣା ଗାୟକ ସୋମଦାସ ଚଥନୁରଙ୍କର ୨୦୨୧ ମସିହାରେ କୋଭିଡ୍-୧୯ ଜନିତ ଜଟିଳତା କାରଣରୁ ମୃତ୍ୟୁ ଘଟିଥିଲା ।

୬. ଜୟଶ୍ରୀ ରମୈୟା: 'ବିଗ୍ ବସ୍ କନ୍ନଡ଼' ସିଜନ୍ ୩ ର ପ୍ରତିଯୋଗୀ ଜୟଶ୍ରୀ ରମୈୟା ୨୦୨୦ରେ ଆତ୍ମହତ୍ୟା କରିଥିଲେ । ସେ ଦୀର୍ଘ ସମୟ ଧରି ଡିପ୍ରେସନ୍‌ରେ ପୀଡ଼ିତ ଥିଲେ ।

୭. ଜେଡ୍ ଗୁଡି: 'ବିଗ୍ ବ୍ରଦର' (ବିଗ୍ ବସ୍‌ର ବିଦେଶୀ ସଂସ୍କରଣ)ର ପ୍ରତିଯୋଗୀ ଜେଡ୍ ଗୁଡିଙ୍କୁ ସୋ' (ସିଜନ୍ ୫, ୨୦୦୭) ସମୟରେ ସର୍ଭିକାଲ୍ କ୍ୟାନ୍ସର (ଗର୍ଭାଶୟ ମୁଖ କର୍କଟ) ହୋଇଥିବା ଜଣାପଡ଼ିଥିଲା । ୨ ବର୍ଷ ପରେ ୨୦୦୯ରେ କ୍ୟାନ୍ସର କାରଣରୁ ତାଙ୍କର ମୃତ୍ୟୁ ହୋଇଥିଲା ।

୮. ରାଜୁ ଶ୍ରୀବାସ୍ତବ: ଜଣାଶୁଣା ହାସ୍ୟ ଅଭିନେତା ତଥା 'ବିଗ୍ ବସ୍ ୩'ର ପ୍ରତିଯୋଗୀ ରାଜୁ ଶ୍ରୀବାସ୍ତବଙ୍କର ୨୦୨୨ରେ ୫୮ ବର୍ଷ ବୟସରେ ମୃତ୍ୟୁ ହୋଇଥିଲା । ଜିମ୍‌ରେ ୱାର୍କଆଉଟ୍ କରିବା ସମୟରେ ହୃଦଘାତ ହେବାରୁ ସେ ପ୍ରାୟ ୪୦ ଦିନ ଧରି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ କିନ୍ତୁ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା । ତାଙ୍କର ମୃତ୍ୟୁ ହାସ୍ୟ ଜଗତକୁ ଏକ ବଡ଼ ଝଟକା ଦେଇଥିଲା ।

# ଅମୀରଙ୍କ ଆଗରେ ଫେଲ୍ ଅକ୍ଷୟ-କାଜୋଲ୍ : 'ସିତାରେ ଜମିନ୍ ପର'କୁ ଟକ୍କର ଦେଇପାରୁନି 'କନ୍ନପା' ଓ 'ମା'





ଜୁଲାଇରେ ପ୍ରେକ୍ଷାଳୟକୁ ଆସୁଥିବା ସିନେମାକୁ ଏବେ ଢ଼େର ସମୟ ରହିଛି ଆଉ ଏହାରି ଭିତରେ ଜୁନ ମାସରେ ରିଲିଜ୍ ହୋଇଥିବା ସିନେମାର କଲେକ୍ସନ୍ ଉପରେ ସମସ୍ତଙ୍କ ନଜର ରହିଛି । ଯେଉଁଠି ଆମିର୍ ଖାନଙ୍କ ଅଭିନୀତ ସିନେମା 'ସିତାରେ ଜମିନ୍ ପର୍' ଏବେ ସୁଦ୍ଧା ୨୦୦ କୋଟି ଟଙ୍କାର ଆୟ କରିସାରିଛି ,ଅଭିନେତା ଅକ୍ଷୟ କୁମାରଙ୍କ 'କନ୍ନପା' ଏବଂ ଅଭିନେତ୍ରୀ କାଜୋଲଙ୍କ 'ମା' ସିନେମା ସେତେ ଆଖିଦୃଶିଆ ଆୟ କରିପାରିନି ।

୨ ଟି ସିନେମାକୁ ନେଇ ମେକର୍ସ ଯେଉଁ ଆଶା ରଖିଥିଲେ ତାହା ପବନରେ ଉଡ଼ିଯାଇଛି । ଅକ୍ଷୟ ଏବଂ କାଜୋଲଙ୍କ ସିନେମା ସିତାରେ ଜମିନ୍ ପର୍ ସିନେମାକୁ ଟକ୍କର ହିଁ ଦେଇପାରୁନି । ସିତାରେ ଜମିନ୍ ପର୍ ସିନେମାର କାହାଣୀ ଦର୍ଶକଙ୍କୁ ଏତେ ପସନ୍ଦ ଆସିଲା ଯେ ଏବେ ପର୍ଯ୍ୟନ୍ତ ସିନେପ୍ରେମୀ ଫିଲ୍ମକୁ ଭୁରି ଭୁରି ପ୍ରଶଂସା କରୁଛନ୍ତି । ଯେଉଁଥିପାଇଁ ୯୦ କୋଟିରେ ପ୍ରସ୍ତୁତ ହୋଇଥିବା ଏହି ସିନେମା ୨୦୦ କୋଟିର ଆକଳନକୁ ପାର୍ କରିବାକୁ ଯାଉଛି । ଫିଲ୍ମଟି ସୁପରହିଟ୍ ତାଲିକାରେ ସାମିଲ୍ ହୋଇଯାଇଛି । ସେକନିଲ୍କର ରିପୋର୍ଟ ଅନୁସାରେ ଦ୍ୱାଦଶ ଦିନରେ ଏହି ସିନେମା ୪.୨୪ କୋଟି ଟଙ୍କାର ଆୟ କରିସାରିଛି । ଅକ୍ଷୟ କୁମାରଙ୍କ ଅଭିନୀତ ସିନେମା କନପ୍ପାରେ ଅଭିନେତାଙ୍କ ଏକ କେମିଓ ଥିଲା ଯେଉଁଥିରେ ସେ ଭଗବାନ ଶିବଙ୍କ ଭୂମିକାରେ ନଜର ଆସୁଛନ୍ତି ଏବଂ ପ୍ରଭାସ ମହାଦେବଙ୍କ ଅଂଶ ରୁଦ୍ର ଭୂମିକାରେ ନଜର ଆସୁଛନ୍ତି । କିନ୍ତୁ ସିନେମା ବର୍ତ୍ତମାନ ପର୍ଯ୍ୟନ୍ତ ସେତେଟା ଭଲ କଲେକ୍ସନ୍ କରିପାରିନାହିଁ । ଅନ୍ୟପକ୍ଷରେ ଅଜୟ ଦେବଗନଙ୍କ ପତ୍ନୀ ଅଭିନେତ୍ରୀ କାଜୋଲଙ୍କ ସିନେମା ମା' ମଧ୍ୟ ସେତେଟା ଭଲ କଲେକ୍ସନ୍ କରିପାରିନାହିଁ । ହରର୍ ସିନେମାରେ ଦର୍ଶକଙ୍କୁ ଡରାଇବାକୁ ଆସିଥିବା କାଜୋଲ୍ ଏବେ ନିଜେ ହିଁ ସିନେମାର କଲେକ୍ସନ୍ ଦେଖି ଡରିଯାଇଛନ୍ତି ।

# ଦିନେ ଅଭାବରେ କଟୁଥିଲା ଦିନ, ଆଜି କୋଟି କୋଟି ଟଙ୍କାର ସମ୍ପତ୍ତି

କମେଡି କ୍ୱିନ୍ ଭାରତୀ ସିଂଙ୍କୁ କିଏ ବା ନଜାଣେ ? ଆଜି ସେ ପ୍ରତ୍ୟେକ ଘରେ ଲୋକପ୍ରିୟ ହୋଇଯାଇଛନ୍ତି । କେବଳ ଏତିକି ନୁହେଁ, ଆଜି ମଧ ଯେତେବେଳେ ଭାରତୀ ମାଇକ୍ ଧରି ମଞ୍ଚକୁ ଆସନ୍ତି, କୋଟି କୋଟି ଦର୍ଶକ ତାଙ୍କ କମେଡି ଶୁଣିବାକୁ ବହୁତ ଉତ୍ସାହିତ ହୁଅନ୍ତି । ଭାରତୀ ଆଜି ଯେଉଁ ଷ୍ଟାରଡମ୍ ଉପଭୋଗ କରୁଛନ୍ତି ତାହା ହାସଲ କରିବା ତାଙ୍କ ପାଇଁ ଆଦୌ ସହଜ ନଥିଲା । ପଞ୍ଜାବର ଅମୃତସରର ବାସିନ୍ଦା ଭାରତୀ ସିଂ ବହୁ ବର୍ଷ ଧରି ସଂଘର୍ଷ କରିଥିଲେ । ଯେତେବେଳେ କେବଳ ପୁରୁଷ ହାସ୍ୟ ଅଭିନେତାମାନେ ପ୍ରାଧାନ୍ୟ ବିସ୍ତାର କରୁଥିଲେ, ସେତେବେଳେ ସେ ଇଣ୍ଡଷ୍ଟ୍ରିରେ ସଂଘର୍ଷ କରିଥିଲେ ଆଉ ନିଜ ନାଁ କରିଥିଲେ । ବହୁ ବର୍ଷ ଦାରିଦ୍ର୍ୟରେ ବିତାଇବା ପରେ, ଆଜି ଭାରତୀ ଏକ ବିଳାସପୂର୍ଣ୍ଣ ଜୀବନଯାପନ କରୁଛନ୍ତି । ତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ଅଛି । ଆସନ୍ତୁ ତାଙ୍କ ଜନ୍ମଦିନରେ ଜାଣିବା ତାଙ୍କ ବିଷୟରେ କିଛି ଖାସ୍ କଥା । ୩ ଜୁଲାଇ ୧୯୮୪ରେ ପଞ୍ଜାବର ଅମୃତସରରେ ଜନ୍ମଗ୍ରହଣ



କରିଥିବା ଭାରତୀ ସିଂଙ୍କ ପିଲା ଦିନ ଗରିବୀରେ କଟିଥିଲା । ଅନେକ ସାକ୍ଷାତକାରରେ ସେ ନିଜେ ପ୍ରକାଶ କରିଛନ୍ତି ଯେ ତାଙ୍କ ବାପାଙ୍କ ଦେହାନ୍ତ ହେବା ସମୟରେ ସେ ମାତ୍ର ଦୁଇ ବର୍ଷ ବୟସର ଥିଲେ । ଏହାପରେ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ମା'ଙ୍କ ଉପରକୁ ଚାଲିଆସିଥିଲା । ସେବେଠାରୁ ଆରମ୍ଭ ହୋଇଥିଲା ଭାରତୀଙ୍କ ସଂଘର୍ଷ କିନ୍ତୁ ସେ ଜୀବନର ଯନ୍ତ୍ରଣା ଆଗରେ କେବେ ହାର ମାନି ନଥିଲେ । ଲୁଣ ଏବଂ ରୁଟି ଖାଇ ବଞ୍ଚି ରହିଥିଲେ ଏବଂ ନିଜ ଭାଗ୍ୟ ସହିତ ଲଢ଼ି କିଛି କରିବାକୁ ଦୃଢ଼ ସଂକଳ୍ପବଦ୍ଧ ଥିଲେ । ତାଙ୍କର ଏହି ଦୃଢ଼ ସଂକଳ୍ପ ତାଙ୍କୁ ମୁମ୍ବାଇ ନେଇ ଆସିଥିଲା । ପିଲାଦିନରୁ ତାଙ୍କର ହସାଇବାର ପ୍ରତିଭା ଥିଲା । ଏହି ପ୍ରତିଭା ତାଙ୍କୁ 'ଦି ଗ୍ରେଟ୍ ଇଣ୍ଡିଆନ୍ ଲାଫଟର୍ ଚ୍ୟାଲେଞ୍ଜ'କୁ ନେଇଯାଇଥିଲା । ଯଦିଓ ଏହି ଶୋ'ରେ ଅଧିକାଂଶ ପୁରୁଷ ହାସ୍ୟ ଅଭିନେତା ଥିଲେ, କିନ୍ତୁ ଭାରତୀ ସିଂହ ତାଙ୍କ ପ୍ରତିଭା ଦ୍ୱାରା ସମସ୍ତ ପୁରୁଷ ହାସ୍ୟ ଅଭିନେତାଙ୍କ ମଧ୍ୟରେ ନିଜର ପରିଚୟ ସୃଷ୍ଟି କରିଥିଲେ । କେତେବେଳେ 'ଲଲ୍ଲୀ' ହୋଇ ତ କେତେବେଳେ 'ତିତଲି ଯାଦବ' ହୋଇ ଭାରତୀ ତାଙ୍କର ଆକର୍ଷଣୀୟ ଚରିତ୍ର ସହିତ ଲକ୍ଷ ଲକ୍ଷ ଦର୍ଶକଙ୍କ ହୃଦୟ ଜିତିଥିଲେ ଏବଂ 'ଲାଫଟର୍ କୁଇନ୍' ଉପାଧି ଅର୍ଜନ କରିଥିଲେ ।

# ହେରା ଫେରି ୩କୁ ଫେରିଲେ ପରେଶ ରାୱଲ

ହେରା ଫେରି ୩ ଫ୍ୟାନ୍ସମାନଙ୍କ ପାଇଁ ଖୁସି ଖବର । ପରେଶ ରାୱଲ, ଯିଏକି ନିଜେ ହେରା ଫେରି ଫିଲ୍ମରୁ ବାହାରି ଯାଇଥିଲେ, ସେ ଏବେ ଏକ ଇଣ୍ଟରଭ୍ୟୁରେ କହିଛନ୍ତି ସେ ପୁଣି ଫିଲ୍ମକୁ ଫେରିଛନ୍ତି । ତାଙ୍କର ଆଉ ଅକ୍ଷୟ କୁମାରଙ୍କ ଭିତରେ ସବୁ ସମାଧାନ ହୋଇଯାଇଛି । ଏହି ଅବସରରେ ଫିଲ୍ମର ପ୍ରଯୋଜକ ଫିରୋଜ ନାଡିଆଡୱାଲାଙ୍କ ବୟାନ ମଧ ସାମ୍ନାକୁ ଆସିଛି । ସେ ସେହି ଲୋକଙ୍କ ନାମ ନେଇଥିଲେ ଯେଉଁମାନଙ୍କ ଯୋଗୁଁ ଦୁଇ ଅଭିନେତାଙ୍କ ମଧ୍ୟରେ ମିଳନ ସମ୍ଭବ ହୋଇପାରିଥିଲା ।

'ହେରା ଫେରି ୩'ର ପ୍ରଯୋଜକ ଫିରୋଜ ନାଡିଆଡୱାଲା ପିଙ୍କଭିଲା ସହିତ କଥାବାର୍ତ୍ତାରେ କହିଛନ୍ତି, 'ମୋ ଭାଇ ସାଜିଦ ନାଡିଆଡୱାଲା ଏବଂ ଅହମ୍ମଦ ଖାନଙ୍କ ପ୍ରେମ, ସମ୍ମାନ ଏବଂ ମାର୍ଗଦର୍ଶନ ଯୋଗୁଁ, ହେରା ଫେରି ପରିବାର ଏବେ ଏକାଠି ହୋଇଛି । ସାଜିଦ ସବୁକିଛି ଠିକ୍ କରିବା ପାଇଁ ବହୁତ ଦିନ ଧରି ବହୁତ ସମୟ ଏବଂ ପ୍ରୟାସ କରିଥିଲେ । ଆମର ସମ୍ପର୍କ ୫୦ ବର୍ଷରୁ ଅଧିକ ପୁରୁଣା ।'

'ଅହମ୍ମଦ ଖାନ ମଧ ବ୍ୟକ୍ତିଗତ ସ୍ତରରେ ବହୁତ କଠିନ ପରିଶ୍ରମ କରିଥିଲେ । ସାଜିଦ ଏବଂ ଅହମ୍ମଦଙ୍କ ପ୍ରେମ ଏବଂ ମାର୍ଗଦର୍ଶନ ଯୋଗୁଁ, ଦଳ ଭିତରେ ଏବେ ସବୁକିଛି ସକାରାତ୍ମକ ହୋଇଥିଲା । ଏହା ସହିତ, ଅକ୍ଷୟ କୁମାରଙ୍କ ମଧ ବହୁତ ସମର୍ଥନ ରହିଥିଲା । ଏହି ସମ୍ପୂର୍ଣ୍ଣ ବିବାଦର ସମାଧାନ ସମୟରେ ସେ ବହୁତ ଦୟା ଏବଂ ସମ୍ମାନର ସହିତ ଉପସ୍ଥିତ ଥିଲେ । ପ୍ରିୟଦର୍ଶନ, ପରେଶ ରାୱଲ ଏବଂ ସୁନୀଲ ଶେଟ୍ଟୀ ମଧ ବହୁତ ସମର୍ଥନ କରିଥିଲେ । ଆମେ ଏବେ ଖୁସିରେ ଭଲ ଫିଲ୍ମ ତିଆରି କରିବାକୁ ଅପେକ୍ଷା କରିଛୁ ।'




ଫିରୋଜ ନାଡିଆଡୱାଲା ତାଙ୍କ ଆଲୋଚନାରେ 'ହେରା ଫେରି ୩'ର ସୁଟିଂ ବିଷୟରେ ମଧ ଏକ ଅପଡେଟ୍ ଦେଇଥିଲେ । ସେ କହିଥିଲେ, ଆମେ ସମସ୍ତେ ଏହି ଫିଲ୍ମକୁ ଆହୁରି ଭଲ କରିବା ପାଇଁ ବହୁତ ପରିଶ୍ରମ କରିବୁ । ଏବେ ଆମର ପରିବାର ଏକାଠି ହୋଇଛି ।' 'ହେରା ଫେରି ୩'ର ସୁଟିଂ ଏହି ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ । ସେହି ସମୟରେ, 'ୱେଲକମ୍ ଟୁ ଦି ଜଙ୍ଗଲ' ଫିଲ୍ମଟି ମଧ ଫିରୋଜ ନାଡିଆଡୱାଲାଙ୍କ ଦ୍ୱାରା ପ୍ରଯୋଜିତ ହେଉଛି, ଯାହା ୨୦୨୫ ଖ୍ରୀଷ୍ଟମାସରେ ରିଲିଜ ହେବ ବୋଲି କୁହାଯାଉଛି ।

ଫିଲ୍ମର ୫୦% ରୁ ଅଧିକ ସୁଟିଂ ସରିଥିଲା, ଏହାର ଅଧା ବାକି ଥିଲା । କିନ୍ତୁ କୌଣସି କାରଣରୁ ଫିଲ୍ମଟି ମଝିରେ ଅଟକି ଯାଇଥିଲା । ଫିଲ୍ମର ନିର୍ଦ୍ଦେଶକ ଅହମ୍ମଦ ଖାନ କହିଥିଲେ ଯେ ଲୋକେସନ୍ ଯୋଗୁଁ ଫିଲ୍ମର ସୁଟିଂ ବନ୍ଦ କରାଯାଇଥିଲା । ଏବେ ଏହାର ପ୍ରଯୋଜକ ମଧ ଫିଲ୍ମର ସୁଟିଂ ଉପରେ ଏକ ବଡ଼ ଅପଡେଟ୍ ସେୟାର କରିଛନ୍ତି । ଫିରୋଜ ନାଡିଆଡୱାଲା କହିଛନ୍ତି, ଆମେ ଫିଲ୍ମ 'ୱେଲକମ୍ ଟୁ ଦି ଜଙ୍ଗଲ'କୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରୁଛୁ । ଏହାର ଦୁଇଟି ସୁଟିଂ ସିଡ୍ୟୁଲ୍ ବାକି ଅଛି ଏବଂ ଆମେ ସେଗୁଡ଼ିକୁ ଶୀଘ୍ର ଆରମ୍ଭ କରିବାକୁ ଯାଉଛୁ ।'

# ସାହିତ୍ୟ, ସଂସ୍କୃତି ଓ ସମାଜସେବାକୁ ମୁଁ ଭଲ ପାଏ: ନୀରଦ ଦାଶ



ଓଡିଶାର କଳା, ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଉପଯୁକ୍ତ କର୍ତ୍ତବ୍ୟ କରି ଯିଏ ସ୍ୱତନ୍ତ୍ର ରାସ୍ତାରେ ଆଗେଇ ଚାଲିଛନ୍ତି ସେ ହେଉଛନ୍ତି ପ୍ରିୟ ମଣିଷ ଅଧିବକ୍ତା ନୀରଦ କୁମାର ଦାଶ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମ ଠାରେ ସେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ପଦ୍ମନାଭ ଦାଶ ପଦ୍ମପୁର ଜୟକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ମାତା ସୁନନ୍ଦା ଦାଶ ଜଣେ ସୁଗୃହିଣୀ। ତାଙ୍କର ଭାଇ ଭଉଣୀ ଓ ପରିବାର ବର୍ଗ ଏବଂ ବନ୍ଧୁ ବାନ୍ଧବ ସମସ୍ତେ ଉଚ୍ଚ ଶିକ୍ଷିତ ଓ ସଂସ୍କାରିତ। ଶ୍ରୀ ଦାଶଙ୍କ ଶିକ୍ଷାଗତ ଯୋଗ୍ୟତା ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ, ଜର୍ଣ୍ଣାଲିଜିମ୍ ରେ ମାଷ୍ଟର ଡିଗ୍ରୀ ଓ ଆଇନ୍ ରେ ମାଷ୍ଟର ଡିଗ୍ରୀ। ବର୍ତ୍ତମାନ ଓଡ଼ିଶା ହାଇକୋର୍ଟ କଟକ ଓ ବାସୁଦେବପୁର କୋର୍ଟରେ ଆଇନଜୀବୀ ଭାବେ ସେ ସାତ ବର୍ଷ ହେବ କାର୍ଯ୍ୟ କରୁଛନ୍ତି। ସର୍ବଦା ସେ କୁହନ୍ତି ସାହିତ୍ୟ ସଂସ୍କୃତି ଓ ସମାଜସେବାକୁ ମୁଁ ଖୁବ୍ ଭଲ ପାଏ। ତାଙ୍କର ଛାତ୍ର ଜୀବନରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବାଲ ସ୍ୱୟଂ ସେବକ ଭାବେ କାର୍ଯ୍ୟ କରିବା ସହିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ର ନେତା ଭାବେ ଅନେକ କାର୍ଯ୍ୟ କରିଛନ୍ତି। ଭାରତୀୟ ଜନତା ପାର୍ଟିର ଜିଲ୍ଲା ଏବଂ ବାସୁଦେବପୁରରେ ସେ ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିଛନ୍ତି। ସମାଜସେବାରେ ସେ ପାଦ ଥାପିବା ପରେ ଅନେକ ସାମାଜିକ କାର୍ଯ୍ୟକୁ ନିଜ ହାତକୁ ନେଇଛନ୍ତି। ଅଧିବକ୍ତା ନୀରଦ ଦାଶ ଆମେରିକାନ ମେରିଟ କାଉନ ସିଲ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ଶ୍ରୀ ଦାଶ ବର୍ତ୍ତମାନ ବାସୁଦେବପୁର ପ୍ରେସ କ୍ଲବର ସମ୍ପାଦକ, ଇରମ ଶହୀଦ ସ୍ମୃତି କମିଟିର ସଦସ୍ୟ, ବାଞ୍ଛାନିଧି ନାଟ୍ୟ ନିକେତନର ସଭାପତି, ସମତାର ସ୍ୱର ସବୁଜର ସଭାପତି, ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ବାସୁଦେବପୁର ଶାଖାର ସମ୍ପାଦକ, ଓଡ଼ିଶା ହାଇକୋର୍ଟର ଆଜୀବନ ସଦସ୍ୟ, ବାସୁଦେବପୁର ସୌରଭ ସମ୍ମାନର ଉପଦେଷ୍ଟା, ଇରମ ପଦ୍ମନାଭ ପାଠାଗାର ସମ୍ପାଦକ, ଭଦ୍ରକ ଇନଟାକ୍ ଚ୍ୟାପଟର ସଦସ୍ୟ ଭାବରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଓଡିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ଗବେଷକ ଡକ୍ଟର ମନୀନ୍ଦ୍ର ମହାନ୍ତିଙ୍କ ସହିତ ମିଶି ଓଡ଼ିଶା ବାହାରେ ବିହାର, ଝାଡ଼ଖଣ୍ଡ, ଷଢ଼େଇକଳା, ଖରସୁଆଁ ରେ ଶ୍ରୀ ଦାଶ ଆମ ମାତୃଭାଷା ଓଡିଆ ଭାଷାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପୁସ୍ତକ ଓ ପତ୍ରିକା ବାଣ୍ଟିଛନ୍ତି। ପରିବେଶର ସୁରକ୍ଷା ପାଇଁ ଶ୍ରୀ ଦାଶ ବୃକ୍ଷ ରୋପଣ କରିବା ସହିତ ସମାଜ ସେବୀ କ୍ଷେତ୍ରରେ ଦୁଃଖୀ ଗରିବ ଲୋକଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି। ଦୀର୍ଘ ଦଶ ବର୍ଷ ଧରି ଶ୍ରୀ ଦାଶ ସୂର୍ଯ୍ୟପ୍ରଭା, ପ୍ରଜାତନ୍ତ୍ର ଓ ପ୍ରଗତିବାଦୀ ଖବରକାଗଜରେ ଲୋକପ୍ରିୟ ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ। ରକ୍ତତୀର୍ଥ ଇରମର ଉନ୍ନତି ପାଇଁ ଏବେ ମଧ ଶ୍ରୀ ଦାଶ ଉଦ୍ୟମ ଜାରି ରଖିଛନ୍ତି। କଳା,ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା, ଶାସ୍ତ୍ରୀୟ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟକୁ ଶ୍ରୀ ଦାଶ ଭଲ ପାଆନ୍ତି। ଶ୍ରୀ ଦାଶଙ୍କ ପ୍ରିୟ ଭାରତୀୟ ହେଉଛନ୍ତି ଭାରତବର୍ଷର ପୂର୍ବତନ ପ୍ରଧାନ ମନ୍ତ୍ରୀ ତଥା ବିଶିଷ୍ଟ କବି ଓ ସାହିତ୍ୟିକ ଅଟଳ ବିହାରୀ ବାଜପେୟୀ। ସୁପ୍ରିମ କୋର୍ଟର ବରିଷ୍ଠ ଆଡଭୋକେଟ୍ ଡକ୍ଟର ରାଧାକାନ୍ତ ତ୍ରିପାଠୀ , ବିଶିଷ୍ଟ ସାହିତ୍ୟିକ ଡକ୍ଟର ମନୀନ୍ଦ୍ର ମହାନ୍ତି ଓ ଐତିହାସିକ ଗବେଷକ ଅଜୟ କୁମାର ପଣ୍ଡାଙ୍କ ସାହାଯ୍ୟ ସହଯୋଗକୁ ଶ୍ରୀ ଦାଶ ଜୀବନରେ ଭୁଲି ପାରିବେ ନାହିଁ। ପ୍ରତ୍ୟେକ ଦିନ ବହି ପଢ଼ିବା,ଖବର କାଗଜ ପଢ଼ିବା,ପ୍ରବନ୍ଧ ଲେଖିବା, ଓ ଦେଶ ବିଦେଶ କଥାକୁ ଆଲୋଚନା କରିବା ହିଁ ଶ୍ରୀ ଦାଶଙ୍କ ଏକ ସୁନ୍ଦର ଅଭ୍ୟାସ। ଅନେକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନରୁ ନିଜର ସାଧନା ଓ କୃତିତ୍ୱ ପାଇଁ ଶ୍ରୀ ଦାଶ ସମ୍ବର୍ଦ୍ଧିତ ହୋଇଛନ୍ତି ଏବଂ ଜାତୀୟ ମାନବ ଅଧିକାର କମିଶନରୁ ମଧ ଶ୍ରୀ ଦାଶ ପ୍ରଶଂସିତ ହୋଇଛନ୍ତି। ଦେଶପ୍ରେମ, ଆଧ୍ୟାତ୍ମିକ ଚିନ୍ତାଧାରା, ଜାତୀୟତା ବୋଧ ଓ ରାଷ୍ଟ୍ରୀୟ ଚିନ୍ତାଧାରା ମଧ୍ୟରେ ବାଟ ଚାଲୁଥିବା ଭିନ୍ନ ଇଲାକାର ମଣିଷ ଶ୍ରୀ ନୀରଦ ଦାଶଙ୍କର ଭବିଷ୍ୟତର ଚଲାପଥରେ ପୁଷ୍ପ ବୃଷ୍ଟି ହେଉ। ଏହାହିଁ ଆମର କାମନା ।

ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
(ମୋ) ୯୯୩୭୯୭୬୩୫୧

# ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ବେତନଟୀ ଶାଖା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ବେତନଟୀ, ୦୩/୦୭ (ନି.ପ୍ର): ରାଷ୍ଟ୍ରାୟାତ୍ତ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ବେତନଟୀ ଶାଖା ପକ୍ଷରୁ ସ୍ଥାନୀୟ ବେତନଟୀ ଡାକ୍ତରଖାନାରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି । ବେତନଟୀ ଡାକ୍ତରଖାନାର ମିଳିତ ସହଯୋଗରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୨୦ଜଣ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ । ବାରିପଦା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗୃହୀତ କରିଥିବା ବେଳେ ପରିଚାଳନାରେ ସମାଜସେବୀ ଅମର ସେଠୀ ଉପସ୍ଥିତ ରହିଥିଲେ ଏସବିଆଇ ବେତନଟୀଶାଖା ପ୍ରବନ୍ଧକ ଆର. ଅଶ୍ୱିନୀ ଭଞ୍ଜନ ମୁର୍ମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ପରିଚାଳିତ ହୋଇଥିଲା । ଏଥିରେ ବେତନଟୀ ଡାକ୍ତରଖାନା ଅଧିକାରୀ ଡ. ସିପୁନ କୁମାର ପଣ୍ଡା, ବେତନଟୀ ଡାକ୍ତରଖାନା ଜନସ୍ୱାସ୍ଥ୍ୟ ସମ୍ପ୍ରସାରନ ଅଧିକାରିଣୀ ମଞ୍ଜୁଶ୍ରୀ ଦାସ, ବିପିଓ ସସ୍ମିତା ଦାଶଙ୍କ ସମେତ ଡାକ୍ତରଖାନାର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ମଧ ଉପସ୍ଥିତ ରହିଥିଲେ । ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ଏସବିଆଇ ପକ୍ଷରୁ ସାର୍ଟିଫିକେଟ ସହିତ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା।

# ସୁବର୍ଣ୍ଣପୁରଠାରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳନ: ଗଛ ଲଗାଇଲେ ଜିଲ୍ଲାପାଳ ଓ ଏସପି

ସୁବର୍ଣ୍ଣପୁର, ୦୩/୦୭ (ନି.ପ୍ର): ସୁବର୍ଣ୍ଣପୁର ବନଖଣ୍ଡ ଅଧିନସ୍ଥ ଅର୍ଜୁନପୁର ସ୍ଥିତ ନଗରବନ ଠାରେ ଜିଲ୍ଲା ସ୍ତରୀୟ ବନ ମହୋତ୍ସବ ଆଜି ଉଦଘାଟିତ ହୋଇଯାଇଛି । ଏହି ସମାରୋହରେ ଜିଲ୍ଲାପାଳ ଅନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ସମ୍ମାନିତ ଅତିଥି ଭାବରେ ସି ଡି ଏମ୍ ପି ଏଚ୍ ଓ ଦୁର୍ଗା ଦତ ଦାଶ, ଜିଲ୍ଲା ଜଳ ବିଭାଜିକା ବିଭାଗର ଡେପୁଟି ଡାଇରେକ୍ଟର, ସି ଡି ଭି ଓ, ଏ ସି ଏଫ୍ ସୋନପୁର ଗିରିଧାରୀ ନାଗ, ଏ ସି ଏଫ୍ ଶ୍ରୀ ବରିହା, ସୋନପୁର ରେଞ୍ଜ ଅଫିସର ସୁବାଷ ମହାପାତ୍ର ପ୍ରମୁଖ ଜିଲ୍ଲା ପ୍ରଶାସନ ର ବିଭିନ୍ନ ଅଧିକାରୀ, ସ୍ୱେଚ୍ଛାସେବୀ, ବରିଷ୍ଠ ନାଗରିକ ଯୋଗ ଦେଇ ସମସ୍ତେ ଗୋଟେ ଗୋଟେ ଗଛ ଲଗାଇ ପରିବେଶ ସୁରକ୍ଷାର ବାର୍ତା ପ୍ରଦାନ କରିଥିଲେ । ଜିଲ୍ଲା ବରିଷ୍ଠ ନାଗରିକ ଓ ସ୍ୱଚ୍ଛ ଭାରତ ସଙ୍ଗଠନ କର୍ମ କର୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଗ ଦେଇ ପ୍ରମୁଖ ସଦସ୍ୟ , ଶିକ୍ଷକ, ଓ କୋଶଳ ଆବାସିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇ ଚାରା ରୋପଣ କରିଥିଲେ କ୍ଷ ଆଜି ପ୍ରଥମ ଦିନରେ ପ୍ରାୟ ଦୁଇ ହଜାର ବୃକ୍ଷ ରୋପଣ କରାଯିବା ନେଇ ଜିଲ୍ଲା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଅବସରରେ ଭ୍ରାମ୍ୟମାଣ ଚାରା ବଣ୍ଟନ ମୋବାଇଲ ଭ୍ୟାନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଜିଲ୍ଲାପାଳ ଓ ଏସପି । ଏହି ଯାନରେ ଚାରା ପ୍ରତି ଏକ ଟଙ୍କା ଦରରେ ସହର ଓ ଜିଲ୍ଲା ସାରା ବୁଲି ବୁଲି ଚାରା ବିକ୍ରୟ କରାଯିବ । ଗତକାଲି ୧ ତାରିଖ ଠାରୁ ଆସନ୍ତା ୭ ତାରିଖ ଯାଏ ଜିଲ୍ଲା ସଦର ମହକୁମା ସମେତ ବନ ବିଭାଗର ସମସ୍ତ ରେଞ୍ଜରେ ବନ ମହୋତ୍ସବ ପାଳନ ସହିତ ଔଷଧୀୟ ବୃକ୍ଷ ଓ ଅନେକ ପ୍ରକାର ଚାରାରୋପଣ ଓ ବିକ୍ରୟ କରାଯିବ ବୋଲି ସୁଚନା ମିଳିଛି । ଜିଲ୍ଲାପାଳ ଓ ଏସପି ନଗର ବନର ୱାଚ୍ ଟାୱାରରେ ବସି ପ୍ରାକୃତିକ ପରିବେଶ କୁ ଉପଭୋଗ କରି ଏ ସୁନ୍ଦର ସଫଳ ପ୍ରକଳ୍ପ ଓ ବିଭାଗର ହାଡ୍ ୱାର୍କ ପାଇଁ ଡି ଏଫ୍ ଓ ଶ୍ରୀ ଶର୍ମାଙ୍କୁ ପ୍ରଶଂସା କରିଥିଲେ । ସୋନପୁର ଫରେଷ୍ଟର ଭକ୍ତବନ୍ଧୁ ମିଶ୍ର ଆଜିର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଜିଲ୍ଲାର ସମସ୍ତ ରେଞ୍ଜ ଅଫିସର ଓ କର୍ମଚାରୀ ସହଯୋଗ କରିଥିଲେ ।

# ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୦୩/୦୭ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଏବଂ ବିଭାଗୀୟ ବନ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ଅବସରେ ଜିଲ୍ଲା ଜଜ୍ ତଥା ଅଧକ୍ଷ୍ୟ ଶ୍ରୀ ପ୍ରଦୀପ କୁମାର ମହନ୍ତଙ୍କ ତତ୍ୱାବଧାନରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକାସ୍ଥାଳୟ ଜୟପୁର ପରିସରରେ ଆଜି ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ ସେବାପ୍ରାଧିକରଣ, ଜୟପୁର, ପ୍ରଥମେ ଆନୁଷ୍ଠାନିକ ଭାବରେ ଅନୁକୂଳ କରିଥିଲେ । ଜିଲ୍ଲା ଜଜ୍ ଙ୍କ ବ୍ୟତିତ୍ ବରିଷ୍ଠ ଦିୱନୀ ବିଚାରପତି ସୂର୍ଯ୍ୟପ୍ରକାଶ ଦାସ, ସଚିବ ଜିଲ୍ଲା ଆଇନସେବା ପ୍ରାଧିକରଣ, ପ୍ରଦ୍ୟାମୟୀ ସୁଜତା, ରେଜିଷ୍ଟ୍ରାର ସିଭିଲ କୋର୍ଟ ବିଷ୍ଣୁପ୍ରସାଦ ଦେବତା, ଏସ.ଡି.ଜେମ୍ ଶ୍ରୀ ସନ୍ତୋଷ ବାରିକ ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡଧିକାରି ହରମୋହନ ଦାସ, ଦ୍ୱିତୀୟଶ୍ରେଣୀ ବିଚାର ବିଭାଗ ଦଣ୍ଡଧିକାରି କୁମାରୀ ପ୍ରଜ୍ଞା ସୁମନ ମହାପାତ୍ର, ଦୀକ୍ଷା ରାଉତରାଏ, ବିଭାଗୀୟ ବନ ଅଧିକାରୀ ଜୟପୁର ଶ୍ରୀ ପ୍ରତାପ ବେହେରା ଏବଂ ଜିଲ୍ଲା ଆଇନ ସେବାପ୍ରାଧିକରଣ କର୍ମଚାରୀବୃନ୍ଦ ଇତ୍ୟାଦି ଅଂଶ ଗ୍ରହଣ କରି ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିଥିଲେ।

# ରୋଟାରୀ କ୍ଲବ ଅଫ୍ ବଲାଙ୍ଗିର ସେଣ୍ଟ୍ରାଲ ତରଫରୁ ରକ୍ତଦାନ ଶିବିର

ବଲାଙ୍ଗିର, ୦୩/୦୭ (ନି.ପ୍ର): ନୂତନ ରୋଟାରୀ ବର୍ଷ ଆରମ୍ଭ ପାଇଁ ଜୁଲାଇ ୧ ତାରିଖ ଦିନ ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲ ଠାରେ ପ୍ରୋଜେକ୍ଟ ଚେୟାରମେନ ରାଜକୁମାର ମୋଦିଙ୍କ ଦ୍ୱାରା ଅନୁଷ୍ଠିତ ରକ୍ତଦାନ ଶିବିରରେ ୫୩ଜଣ ରକ୍ତ ଦାନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କ୍ଲବ ର ପ୍ରତିଷ୍ଠାତା ବିଷ୍ଣୁ ପ୍ରସାଦ କେଡିଆ ଏବଂ ଗାୟତ୍ରୀ ମନ୍ଦିର ର ସଂପାଦକ ଡ. ସୁରେଶ ଷଡଙ୍ଗୀ ଯୋଗ ଦେଇଥିଲେ । କ୍ଲବ ର ନୂତନ ସଭାପତି ଶୈଳେଶ ଅଗ୍ରୱାଲ ତଥା ନିବର୍ତ୍ତମାନ ସଭାପତି ରାଜ ନାରାୟଣ ଅଗ୍ରୱାଲ ଏବଂ କୋଷାଧକ୍ଷ ରାଜେଶ କୁମାର ଅଗ୍ରୱାଲ ତଥା ସଂଜୟ ଅଗ୍ରୱାଲ (ସଂଜୁ) ବିଶେଷ ସହଯୋଗ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବିପୁଳ ଚୋରା ମଦ ଜବତ: ମହିଳାଙ୍କ ସମେତ ୬ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୦୩/୦୭ (ନି.ପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଇଚ୍ଛାପୁର ର ସୁଦର୍ଶନ ସାହୁ ଓ ସୁବାଷ ଚନ୍ଦ୍ର ମଳିକଙ୍କ ଠାରୁ ୨୪୦୦ ଗ୍ରାମ ଗଞ୍ଜେଇ, ସରସ୍ୱତୀ ବେହେରାଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଭାବଗ୍ରାହୀ ସାହୁଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ, ନାଗପଟଣା ଗ୍ରାମର ଶଶୀକାନ୍ତ ମଳିକଙ୍କ ଠାରୁ ୨୬ ଲିଟର ବିଦେଶୀ ମଦ ଏବଂ ଶ୍ୟାମଗୁଡ଼ିଆ ଗ୍ରାମର ରମାକାନ୍ତ ସାହୁଙ୍କ ୨୯ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାଖରୁ ସମୁଦାୟ ୧୧୩ ଲିଟର ଦେଶୀ ଓ ବିଦେଶୀ ମଦ ଓ ୨୪୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇ ୧ ମହିଳା ସମେତ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ପଦ୍ମ ଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ସିନ୍ଧେକେଲା ପ୍ରବେଶ ଦ୍ୱାର ଗୁଡ଼ିକରେ ଲାଗିଲା ନୋ ଏଣ୍ଟ୍ରି ବୋର୍ଡ: ଟ୍ରାଫିକ ଜାମରୁ ମିଳିବ ନିସ୍ତାର

ବଲାଙ୍ଗିର, ୦୩/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ପଞ୍ଚାୟତ ମୁଖ୍ୟାଳୟର ସମସ୍ତ ପ୍ରବେଶ ଦ୍ୱାର ଗୁଡ଼ିକରେ ଲାଗିଲା ନୋ ଏଣ୍ଟ୍ରି ଜୋନ ସୁଚନା ଫଳକ। ସୁଚନାଯୋଗ୍ୟ ସିନ୍ଧେକେଲା ମୁଖ୍ୟ ରାସ୍ତା ଦେଇ ଯାଇଛି ୪୨ ନମ୍ବର ରାଜ୍ୟ ରାଜପଥ । ଯାହାକି ଅନତି ଦୂରରେ ଭବାନୀପାଟଣା - ରାଇପୁର ୧୯ ନମ୍ବର ରାଜ୍ୟ ରାଜପଥ କୁ ସଂଯୋଗ କରିଛି । ତେଣୁ ଉକ୍ତ ରାସ୍ତା ଦେଇ ଗଲେ ବିଶାଖାପାଟଣା ରୁ ରାଇଘର କୁ କିଛି କମ୍ ଦୁରତା ପଡୁଥିବାରୁ ପ୍ରତିଦିନ ଶତାଧିକ ଭାରୀଯାନ ଚଳାଚଳ ସମେତ ବିଶେଷକରି ବାଲି ବୋଝେଇ ଭାରୀଯାନ ଗୁଡିକ ଦିନରାତି ଅହରହ ପ୍ରବେଶ କରି ଖରା ଓ ଶୀତ ଦିନରେ ଧୂଳିମୟ ପରିବେଶ ସୃଷ୍ଟି ହେବା ସହ ବର୍ଷା ହେଲେ କାଦୁଅ ସଦୃଶ ହୋଇ ବହୁ ଅସୁବିଧା ସୃଷ୍ଟି ହେଉଥିଲା। ଉକ୍ତ ରାସ୍ତା ଦେଇ ସ୍କୁଲ କଲେଜ ଛାତ୍ରଛାତ୍ରୀ, ରୋଗୀ ବାହକ ଆମ୍ବୁଲାନ୍ସ, ପୋଲିସ, ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ବିଭିନ୍ନ କାମରେ ଯାତାୟାତ କରନ୍ତି । ଏଣୁ ଉକ୍ତ ରାସ୍ତାରେ ଘୋର ଟ୍ରାଫିକ ସମସ୍ୟା ମଧ ଲାଗି ରହି ଥାଏ । ଏହି ସବୁ ସମସ୍ୟା କୁ ଦୂର କରିବାପାଇଁ ପ୍ରାୟ ବର୍ଷେ ପୂର୍ବେ ସ୍ଥାନୀୟ ବଣିକ ସଙ୍ଘ ପକ୍ଷରୁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଙ୍କ ନିକଟରେ ଅଭିଯୋଗ ହୋଇଥିଲା । ବିଧାୟକ ଶ୍ରୀ ବାଗ ବଲାଙ୍ଗୀର ଜିଲ୍ଲାପାଳ ଙ୍କୁ ଅବଗତ କରି ଉକ୍ତ ରାସ୍ତାରେ ସକାଳ ୯ ଟା ରୁ ରାତି ୮ ଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ଆଦେଶ ଦେବାପାଇଁ କହିଥିଲେ। ବିଧାୟକ ଙ୍କ ଅବଗତ ପରେ ବଲାଙ୍ଗୀର ଜିଲ୍ଲାପାଳ ଆଦେଶ ଦେଇଥିଲେ। ଆଦେଶ ଦେବା ସତ୍ତ୍ୱେ ସିନ୍ଧେକେଲା ପ୍ରବେଶ ଦ୍ୱାର ଗୁଡ଼ିକରେ ନୋ ଏଣ୍ଟ୍ରି ବୋର୍ଡ ଲାଗି ପାରିନଥିଲା। ତେଣୁ ବାହାରୁ ଆସୁଥିବା ଭାରିଯାନ ଗୁଡିକର ଚାଳକମାନେ ଜାଣି ନ ପାରି ସିନ୍ଧେକେଲା ମୁଖ୍ୟ ରାସ୍ତା ଦେଇ ଆସି ଯାଉଥିଲେ। ତେବେ ଏହାକୁ ନଜରରେ ରଖି ଆର ଏଣ୍ଡ ବି ଏସଡିଓ ଡୋଲେଶ୍ୱର ମାଝୀ ଙ୍କୁ ସିନ୍ଧେକେଲା ବଣିକ ସଂଘ ସଭାପତି ଏବଂ ସହ ସମ୍ପାଦକ ଅନିଲ କୁମାର ତ୍ରିପାଠୀ ନୋ ଏଣ୍ଟ୍ରି ସୁଚନା ଫଳକ ଲଗାଇବା ପାଇଁ ଅନୁରୋଧ କରିଥିଲେ। ବିଧାୟକ ଶ୍ରୀ ବାଗ ବଲାଙ୍ଗୀର ଜିଲ୍ଲାପାଳ ଙ୍କୁ ଅବଗତ କରି ଉକ୍ତ ରାସ୍ତାରେ ସକାଳ ୯ ଟା ରୁ ରାତି ୮ ଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ଆଦେଶ ଦେବାପାଇଁ କହିଥିଲେ। ବିଧାୟକ ଙ୍କ ଅବଗତ ପରେ ବଲାଙ୍ଗୀର ଜିଲ୍ଲାପାଳ ଆଦେଶ ଦେଇଥିଲେ। ଆଦେଶ ଦେବା ସତ୍ତ୍ୱେ ସିନ୍ଧେକେଲା ପ୍ରବେଶ ଦ୍ୱାର ଗୁଡ଼ିକରେ ନୋ ଏଣ୍ଟ୍ରି ବୋର୍ଡ ଲାଗି ପାରିନଥିଲା। ତେବେ ମଙ୍ଗଳବାର ଆର ଏଣ୍ଡ ବି ତରଫରୁ ସିନ୍ଧେକେଲା ର ତିନୋଟି ପ୍ରବେଶ ଦ୍ୱାର ଗୁଡିକରେ ନୋ ଏଣ୍ଟ୍ରି ବୋର୍ଡ ଲଗାଯାଇଛି । ଏହି ସମୟରେ ସିନ୍ଧେକେଲା ଆଇଆଇସି ପିତାମ୍ବର ମଲ୍ଲିକ ଉକ୍ତ ବୋର୍ଡ ର ଫିତା କାଟି ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିନ୍ଧେକେଲା ବଣିକ ସଙ୍ଘ ସଭାପତି ସୁବାଷ ଜୈନ , ଉପ ସଭାପତି ଗୋବିନ୍ଦ ସାହୁ , ସମ୍ପାଦକ ସନ୍ତୋଷ ଜୈନ , ସହ ସମ୍ପାଦକ ଅନିଲ ତ୍ରିପାଠୀ , କୋଷାଧକ୍ଷ କିରୋଡି ଜୈନ , ତରୁଣ ଜୈନ , ମିଡିଆ ସମ୍ପାଦକ ଦିନେଶ ଜୈନ ପ୍ରମୁଖ ଉପସ୍ଥିତ ଥିଲେ ।

# ଆସନ୍ତା ୯ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ବାଲେଶ୍ୱରରେ ସଫଳ ପାଇଁ ବ୍ୟାପକ ପ୍ରସ୍ତୁତି




ବାଲେଶ୍ୱର, ୦୩/୦୭ (ନି.ପ୍ର): ଆସନ୍ତା ୯ ତାରିଖ ବୁଧବାର ଦିନ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ବାଲେଶ୍ୱରରେ ସଫଳ କରିବା ପାଇଁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ମାନଙ୍କ ମିଳିତ ପ୍ରସ୍ତୁତି ବୈଠକ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ତଥା ଟିୟୁଏସିସି (ଟ୍ରେଡ୍ ୟୁନିୟନ୍ ଆସୋସିଏସନ୍ କୋଡ଼ିନେସନ୍ କମିଟି)ର ଅଧକ୍ଷ ପ୍ରଦୀପ୍ତ ପଣ୍ଡା ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକର ଆବାହକ ତଥା ଟିୟୁଏସିସିର ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଆସନ୍ତା ୯ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟର ୧୭ ଦଫା ଦାବି ସଂପର୍କରେ ଆଲୋକପାତ କରିଥିଲେ । ପ୍ରଚଳିତ ୪୪ଟି ଶ୍ରମଆଇନ୍‌କୁ ୪ଟି କୋଡ୍‌ରେ ପରିଣତ କରି କେନ୍ଦ୍ର ସରକାର ଶ୍ରମିକମାନଙ୍କ ଅଧିକାରକୁ ଛଡ଼ାଇ ନେବାକୁ ଉଦ୍ୟମ କରୁଥିବାରୁ ଓ ଦରଦାମ୍ ବୃଦ୍ଧି, ବେକାରୀ ବୃଦ୍ଧି କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରଭୃତିକୁ ବିରୋଧ କରି ଓ ସ୍କିମ୍ ୱାର୍କରର୍ସଙ୍କୁ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ମାସିକ ବେତନ ୨୬ ହଜାର ଓ ମାସିକ ପେନସନ୍ ନଅହଜାର ଟଙ୍କା, ବନ୍ଦ କଳକାରଖାନାକୁ ଚାଲୁ କରିବା, ଶ୍ରମିକ ଛଟେଇ ବନ୍ଦ କରିବା, ପୁରୁଣା ପେନସନ୍ ଆଇନ୍ ପ୍ରଚଳନ କରିବା ପ୍ରଭୃତି ଦାବି କରାଯାଇଛି ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସିଆଇଟିୟୁ ଜିଲ୍ଲା ଆବାହକ ବିଜୟ ପାତ୍ର, ଏଆଇୟୁଟିୟୁସି ରାଜ୍ୟ ନେତା ଉମାକାନ୍ତ ଦାସ, ଟିୟୁସିସି ଜିଲ୍ଲା ସଭାପତି ସର୍ବେଶ୍ୱର ମିଶ୍ର, ଆଇଏନ୍‌ଟିୟୁସି ଯୁବନେତା ରାଜେଶ ଜେନା, ଟିୟୁଏସିସିର ଉପାଧକ୍ଷ ଶାନ୍ତନୁ ଦାସ, ନାରୀନେତ୍ରୀ ବନ୍ଦନା ବିଶ୍ୱାସଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ପ୍ରେମରଂଜନ ପାତ୍ର, ଭରତ ଚନ୍ଦ୍ର ସେଠୀ, ଚିତ୍ତରଂଜନ ଗିରି, ଗୋପୀନାଥ ଦାସ, ଶରତ ଚନ୍ଦ୍ର ଦଳାଇ, ଗୌତମ ଦାସ, ଲକ୍ଷ୍ମୀଧର ଗିରି, ସେକ୍ ଅବଦୁଲ ତାଲିବ୍, ସୁବ୍ରତ ପ୍ରଧାନ, ଜନ୍ମେଜୟ ପଣ୍ଡା, ଅଶୋକ ଦାସ ଓ ନବକିଶୋର ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସର୍ବଭାରତୀୟ ଧର୍ମଘଟକୁ ଭାରତବନ୍ଦ ଭଳି ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ। ସମସ୍ତ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନ, କୋର୍ଟ କଚେରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା, ଡାକ, ପ୍ରତିରକ୍ଷା, ବସ୍, ଟ୍ରେନ୍, ଅଟୋ, ରିକ୍ସା, ସମସ୍ତ ପରିବହନ, ଶିକ୍ଷାନୁଷ୍ଠାନ ଓ ହାଟ ବଜାର ବନ୍ଦ ରଖି ସରକାରଙ୍କର ଜନବିରୋଧି ଆଇନ୍ ଓ କାର୍ଯ୍ୟକୁ ବିରୋଧ କରିବାକୁ ବୈଠକରେ ଜନସାଧାରଣଙ୍କୁ ନିବେଦନ କରାଯାଇଛି । ଏହି ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆନ୍ଦୋଳନ ସଂପର୍କରେ ବ୍ୟାପକ ପ୍ରଚାର ପାଇଁ ସମସ୍ତ ଶିଳ୍ପାଞ୍ଚଳ ଓ ସହରରେ ମାଇକ୍ ପ୍ରଚାର, ପ୍ରଚାରପତ୍ର ବଣ୍ଟନ ଏବଂ ପଥପ୍ରାନ୍ତ ସଭା ନିମିତ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆସନ୍ତା ୮ ତାରିଖ ଅପରାହ୍ନରେ ଏକ ମୋଟର ସାଇକେଲ୍ ଶୋଭାଯାତ୍ରା ରେଳଷ୍ଟେସନରୁ ବାହାରି ସହର ପରିକ୍ରମା କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଉପସ୍ଥିତମାନଙ୍କୁ ଶ୍ୟାମ ସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

# ସତ୍ୟନାରାୟଣ ବିଦ୍ୟାପୀଠରେ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦୁଝର, ୦୩/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ଢ଼େଙ୍କିକୋଟ ଠାରେ ଥିବା ବହୁ ପୁରାତନ ସତ୍ୟନାରାୟଣ ବିଦ୍ୟାପୀଠ ରେ ଆଜି ୫୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ସଭାଗୃହ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି କ୍ଷ ନିମନ୍ତ୍ରିତ ଅତିଥି ଭାବେ ମୋ ସ୍କୁଲ ଅଭିଯାନର ସଭାପତି ସଂଜୟ କୁମାର ସାହୁଙ୍କ ସମେତ ସଦସ୍ୟ ବଳଭଦ୍ର ମହାନ୍ତ, ସରପଂଚ ଖଇର ନାଏକ,ପୁରାତନ ଛକ୍ଷତ୍ର ରାମଚନ୍ଦ୍ର ସାହୁ,ବଳଭଦ୍ର ମହାକୁଡ଼, ଭୋଳାନାଥ ମହାନ୍ତ, ପରିଚାଳନା କମିଟି ସଦସ୍ୟ ପୀତବାସ ପଟ୍ଟନାୟକ, ଅନାଦିସିଂ, ତ୍ରିଲୋଚନ ସକ୍ଷଦ୍ଭୁ, ପ୍ରମୁଖ ଯୋଗଦାନ କରିଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଦିପ୍ତିଶୋଭା ବେହେରା ଙ୍କ ସଭାପତିତ୍ୱ ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମାଆ ତାରିଣୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପ୍ରଜ୍ୱଳନ ଓ ପରେ ପରେ ଛାତ୍ରୀ ମାନେ ସ୍ୱାଗତ ସଂଗୀତଗାନ କରିଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ହୃଦାନନ୍ଦ ବାରିକ।

# ଅର୍ଡ଼ାବାହାଲ ଯୁକ୍ତ ଦୁଇ କଲେଜରେ ବନ ମହୋତ୍ସବ ସପ୍ତାହ

ସମ୍ବଲପୁର, ୦୩/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଅର୍ଡ଼ାବହାଲ୍ ସ୍ଥିତ ପି.ଏମ. ସରକାରୀ ବାଳିକା ଉଚ୍ଚ ମାଧମିକ (ଏସ ଏସ ଡି) ବିଦ୍ୟାଳୟ ପରିସରରେ ଆଜି ଜାତୀୟ ବନ ସପ୍ତାହ ପାଳିତ ହୋଇଯାଇଛି । ଅଧକ୍ଷ ରଞ୍ଜନ କୁମାର ନାଏକ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ଉଦଘାଟନ କରିଥିବା ବେଳେପରିବେଶ ବିତ ଓ ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ,ଉଦ୍ୟାନ ବିତ ରବୀନ୍ଦ୍ର ଦାସ ସମ୍ମାନିତ ଅତିଥି ଓ ସାମଜ ସେବୀ ଯୁଗଳ କିଶୋର ମହକୁଲ୍ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବନ ଓ ବନ୍ୟ ପ୍ରାଣୀର ସୁରକ୍ଷା ବିନା ଏକ ସୁନ୍ଦର ବିଶ୍ୱ ଅସମ୍ଭବ ବୋଲି କହିଥିଲେ । ମୁଖ୍ୟଅତିଥି ଶ୍ରୀ ନାୟକ ପ୍ରତ୍ୟେକ ଛାତ୍ରୀ ତାଙ୍କ ଜନ୍ମଦିନ ଓ ଅନ୍ୟ ବିଶେଷ ଦିନ ମାନଙ୍କରେ ବୃକ୍ଷ ରୋପଣ କରି ତାକୁ ବଂଚାଇବେ ବୋଲି ଶପଥ ପାଠ କରାଇଥିଲେ । ବନ ମହୋତ୍ସବ ଉପରେ ବକ୍ତୃତା ଦେଇଥିବା କୃତି ପ୍ରତିଯୋଗୀ ବର୍ଷା ମୁଣ୍ଡା ଓ ସୁପ୍ରିୟା ଗଡ ନାୟକଙ୍କୁ ଅତିଥି ଗଣ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମ କୁ ଉଦ୍ଭିଦ ବିଜ୍ଞାନ ଅଧାପିକା ତୃପ୍ତି ପଟେଲ ସଂଯୋଜନା କରିଥିବା ବେଳେ ଅଧାପକ ଗୁରୁଜନ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କ୍ଷ ଶେଷରେ ଓଡ଼ିଆ ଅଧାପକ ଉଦୟ ଚନ୍ଦ୍ର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ଶୁଭ ଲକ୍ଷ୍ମୀ ପଟ୍ଟନାୟକ ଓ ସୁନିମା ନାଏକ ମଂଚାସିନ ଥିଲେ । ଏହାପରେ ସ୍କୁଲ ପରିସରରେ ମାଙ୍କ ନାମରେ ଏକ ଗଛ ସ୍ଲୋଗାନକୁ ସମ୍ମାନ ଜଣାଇ ସମସ୍ତ ଅତିଥି ଅଧକ୍ଷ, ଅଧାପକ ତଥା ଛାତ୍ର ଛାତ୍ରୀ ଶହେ ଟି ଫଳ ଚାରା ରୋପଣ କରିଥିଲେ । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଛାତ୍ରୀ ପାର୍ବତୀ ମିଞ୍ଜ, ସୁପ୍ରିୟା ଗଡ ନାୟକ, ଅନିତା ମିର୍ଦ୍ଧା, ମିଳି ମହାନନ୍ଦିଆ, ସାବିତ୍ରୀ କିଶାନ, ମମତା କିସାନ୍, ସୃତି ପୁସେଟ, ଅନନ୍ୟ ଭୋର ସାଗର, ଅଞ୍ଜଳିନା ମିର୍ଦ୍ଧା,ପୂଜା କିସାନ ଓ ଭାରତୀ କିସାନ ପ୍ରମୁଖ ପରିଚାଳନା କରିଥିଲେ । ଆଗାମୀ ଦିନରେ ଦ୍ୱିତୀୟ ବର୍ଷର ଛାତ୍ରୀ ଗଣ ଆହୁରି ଶହେ ଚାରା ରୋପଣ କରିବେ ବୋଲି ଘୋଷଣା କରାଯାଇଥିଲା ।

# ସମ୍ବଲପୁର ନଗର ଅଂଚଳର ବିକାଶ କାର୍ଯ୍ୟ ଓ ସଡ଼କ-ନିର୍ମାଣ ବ୍ୟବସ୍ଥାର ସମୀକ୍ଷା

ସମ୍ବଲପୁର, ୦୩/୦୭ (ନି.ପ୍ର): ଆଜି ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ବଲପୁର ମାନଗର ନିଗମର ଆୟୁକ୍ତ ଶ୍ରୀ ବେଦଭୂଷଣ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ଜେଲଛକ, ସର୍କିଟ ହାଉସ, ମୋଦିପଡ଼ା, କ୍ଷେତରାଜପୁର ଓ ଦୁର୍ଗାପାଲି ଅଂଚଳର ରାସ୍ତାଘାଟ, ଡ୍ରେନେଜ ବ୍ୟବସ୍ଥା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି । କଟାପାଲି ଓ ପର୍ଧିଆପାଲି ଅଂଚଳରେ ନିର୍ମାଣଧୀନ ’ସ୍ୱାଗତ ଦ୍ୱାର’ ପ୍ରକଳ୍ପ ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

# ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର, ୦୩/୦୭ (ନି.ପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନ ଟିଏ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଦରବାର ହଲଠାରେ ଆୟୋଜିତ ହୋଇଯାଇଛି । ଜିଲ୍ଲାରେ ଶିଶୁ ମାନଙ୍କ ବିକାଶ ଓ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ୪ଟି କମିଟି ଯଥା ଶିଶୁ ସୁରକ୍ଷା କମିଟି, କିଶୋର ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଓ ଚାଇଲଡ ହେଲ୍ପଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଦିନ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକରେ ଆଲୋଚନା କରାଯାଇଥିଲା । ପିତୃମାତୃ ହୀନ ଶିଶୁମାନଙ୍କୁ ସଠିକ ଭାବେ ଚିହ୍ନଟ କରାଯାଇ ସେମାନଙ୍କୁ କିପରି ସହାୟତା ପ୍ରଦାନ କରାଯାଇପାରିବ ସେସମ୍ପର୍କିତ ଆଲୋଚନା କରାଯାଇଥିଲା। କିଶୋରୀ ଗର୍ଭଧାରଣା ରୋକିବା, ଶିଶୁ ଶ୍ରମ ମୁକ୍ତ କରିବା ଏବଂ ପ୍ରତ୍ୟେକ ବିଭାଗରେ ଥିବା ଶିଶୁ ମାନଙ୍କ ଲାଗି ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା । ବିଭାଗ ମଧ୍ୟରେ ଉତମ ସମ୍ପର୍କ ଓ ସମନ୍ୱୟ ରଖି ଜିଲ୍ଲାରେ ସମସ୍ତ ଶିଶୁ ମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ଲକ, ପଂଚାୟତ ଓ ଗ୍ରାମ ସ୍ତରରେ ସମସ୍ତେ ସହଯୋଗ କରିବେ ବୋଲି ଆଲୋଚନା କରାଯାଇଥିଲା । ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ବିଭୂତିଭୂଷଣ ଦାଶ, ସହକାରୀ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ବସନ୍ତ ପାତ୍ର, ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାଏକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଭାରତୀ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକ, ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଶକ୍ତି ସଦନର କର୍ମକର୍ତା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଲଗାଣ ବର୍ଷାରେ ଜଳ ମଗ୍ନ କୋରାପୁଟ ଜିଲ୍ଲା

ଜୟପୁର, ୨ ଜୁଲାଇ (ହି.ସ.) - କୋରାପୁଟ ଜିଲାରେ ଦୀର୍ଘ ୩ ଦିନ ହେବ ଲଗାଣ ବର୍ଷାରେ ବେହାଲା ହୋଇଛି । ତୁହା କୁ ତୁହା ବର୍ଷାରେ ଜନ ଜୀବନ ଅବସ୍ତବ୍ୟସ୍ତ ହୋଇ ପଡିଛି । ସବୁ ଆଡେ ଆଣ୍ଠୁଏ ଲେଖାଏ ପାଣି । ବିଦ୍ୟାଳୟର କ୍ଲାସ ରୁମରେ ପାଣି । ଲଗାଣ ବର୍ଷାରେ ଜୟପୁର ନିକଟ ପାତ୍ରପୁଟ, ପଣସପୁଟ ବାଗ୍ରା ଓ ଜିଲା ଚିକିତ୍ସାଳୟ ନିକଟର ଗଛ ଉପୁଡି ପଡି ରାସ୍ତା ଅବରୋଧ ହୋଇଥିଲା । ଗାଡି ଚଳା ଚଳାରେ ବାଧା ପ୍ରାପ୍ତ ହୋଇଥିଲା । ଅଗ୍ନିଶମ ବିଭାଗ ସୁଚନା ପାଇ ଥିଲା । ସୂଚନା ଆଧାରରେ ସହକାରି ଅଗ୍ନିଶମ ଅଧିକାରି ସୁରେଶ କୁମାର ବାରି କ ସହ ଟିମ ପହଂଚି ଗଛ କୁ କାଟି ଥିଲେ । ପରେ ଚଳା ଚଳ ସ୍ୱାଭାବିଗ ହୋଇଥିଲା । ଦୋକାନ ବଜାର ପ୍ରାୟ ବନ୍ଦ ରହିଥିବା ବେଳେ କେତେକ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ସରକାର ବିଦ୍ୟାଳୟ ଖୋଲା ରହିଥିଲା । ଲଗାଣ ବର୍ଷା ରେ ଛାତ୍ର, ଛାତ୍ର. ଶିକ୍ଷକ , ଶିକ୍ଷୟତ୍ରୀ ଭିଜି ଭିଜା ବିଦ୍ୟାଳୟ ଯାଇଥିଲେ । ଲଗାଣ ବର୍ଷା ଜାରି ରହିଥିବା ବେଳେ ଓଦା ଡ୍ରେସ ରେ ଶୀତ କାକରରେ ହିଁ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟରେ ୧୦ ରୁ ୪ଟା ଯାଏ ପାଠ ପଢିଥିଲେ । ବିଦ୍ୟାଳୟ ରେ ଛାତରୁ ପାଣି ପଡୁଥିବା ବେଳେ ଦୁଇ ତିନୋଟି ଶ୍ରେଣି ଗୋଟିଏ କୋଠରିରେ ବସି ପାଠ ପଢିଥିଲେ । କୋରାପୁଟ ଜିଲାରେ ଶତାଧିକ ଘର ଭାଙ୍ଗି ଥିବା ଜଣାଯାଇଛି । ଜୟପୁର ବ୍ଲକର ଖଇରମୁଣ୍ଡି, ଉମୁରି, ଧନପୁର, ଜାମୁଣ୍ଡା, ଜୟନ୍ତିଗିରି, କୁମୁଲିପୁଟ, ଜୟପୁର, ହାଡିଆ, ଗଡପଦର ରେ ୧୪ଟି ଘର ଭାଙ୍ଗିଥିବା ବେଳେ ଗତ କାଲି ୩ଟି ଘର ଭାଙ୍ଗିଛି । ଘର ଭାଙ୍ଗି ଥିବା ଲୋକ ପାଖରେ ତହସିଲଦାର ଚିତ ରଞ୍ଜନ ପଟ୍ଟନାୟକ ଓ ରାଜସ୍ୱ ସୁପରଭାଇଜର ହରି ହର ଶତପଥି ପ୍ରମୁଖ ପହଂଚି ପଲିଥିନ ପ୍ରଦାନ କରିଥିଲେ । ଗତ ୨୪ ଘଣ୍ଟା ଭିତରେ କୋରାପୁଟରେ ୧୧୫.୮ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଲମତାପୁଟରେ ୬୫.୦ମିମି, ପଟ୍ଟାଙ୍ଗିରେ ୪୫.୨ମିମି, ବନ୍ଧୁଗାଁ ରେ ୨ ମିମି, ନନ୍ଦପୁରରେ ୪୭ମିମି, ଦଶମନ୍ତପୁରରେ ୬୪ମିମି, ନାରାୟଣପାଟଣାରେ ୭.୪ ମିମି, ଲକ୍ଷ୍‌ ?ମୀପୁରରେ ୨୨.୮ ମିମି, ସେମିଳିଗୁଡାରେ ୧୨୪.୮ମିମି, ଜୟପୁର ରେ ୧୪୧.୮ ମିମି, କୋଟପାଡରେ ୧୫୨ମିମି, କୁନ୍ଦୁରାରେ ୭୫.୮ମିମି, ବୋରିଗୁମ୍ମାରେ ୮୯.୪ ମିମି ଓ ବୈପାରିଗୁଡାରେ ୧୧୦ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି । କୋରାପୁଟ, ଜୟପୁର, କୋଟପାଡ, ସେମିଳିଗୁଡା, ବୈପାରିଗୁଡା ପ୍ରବଳର ଅତି ପ୍ରବଳ ବର୍ଷା ହୋଇଥିଲା । ପ୍ରବଳ ବର୍ଷାରେ ଶିକ୍ଷକ ଶିକ୍ଷୟତ୍ରୀ ଓଦାରେ ଭିଜି ବିଦ୍ୟାଳୟ କୁ ଯାଇ ନିଜ ଦାୟିତ୍ୱ ତୁଲାଇଥିବା ଲକ୍ଷ୍ୟ କରାଯାଇଛି ।

# ଅବସର ନେଲେ ଗଣିତ ଅଧ୍ୟାପକ

## ମୋ ପାଇଁ ମହାବିଦ୍ୟାଳୟର ପରିସର ଥିଲା ସାଧନାର କ୍ଷେତ୍ର : ସୁବ୍ରତ ପାଣିଗ୍ରାହୀ



ଉଦଳା , ୦୩/୭ (ନି.ପ୍ର): କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ରୂପେ ପରିଗଣିତ ହେଉଥିବା ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟରେ କାର୍ଯ୍ୟରତ ଗଣିତ ଅଧ୍ୟାପକ ସୁବ୍ରତ କୁମାର ପାଣିଗ୍ରାହୀ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଅଧ୍ୟାପକ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କୁ ଅବସର କାଳିନ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ମହାବିଦ୍ୟାଳୟ ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଉକ୍ତ ଉତ୍ସବରେ ଅଧ୍ୟକ୍ଷତା କରି ମହାବିଦ୍ୟାଳୟରେ ପ୍ରତିବର୍ଷ ପାଳିତ ହେଉଥିବା ବାର୍ଷିକ ଉତ୍ସବ ଠାରୁ ଆରମ୍ଭ କରି ରଜତ ଜୟନ୍ତି ଉତ୍ସବ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଜର ଦାୟିତ୍ୱ ଠିକ୍ ଭାବରେ ତୁଲାଇବା ସହ ମହାବିଦ୍ୟାଳୟ ଗଠନରେ ଅଧ୍ୟାପକ ସୁବ୍ରତ କିପରି ଭୂମିକା ଲିଭାଇଛନ୍ତି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଅବସର ଗ୍ରହଣ କରୁଥିବା ଅଧ୍ୟାପକ ସୁବ୍ରତ ଏହି ମହାବିଦ୍ୟାଳୟରୁ ତାଙ୍କର ଚାକିରି ଜୀବନ କିପରି ଆରମ୍ଭ କରି ଇତି ମଧ୍ୟରେ ଦିର୍ଘ ୩୨ ବର୍ଷ ବିତାଇଛନ୍ତି ବିସ୍ତୃତ ଭାବରେ ବ୍ୟକ୍ତ କରିଥିଲେ । ଶେଷରେ ଏହି ମହାବିଦ୍ୟାଳୟ ମୋ ପାଇଁ ସାଧନାର କ୍ଷେତ୍ର ଥିଲା ବୋଲି କହିଥିଲେ । ଅଧ୍ୟାପିକା ମଂଜୁଳା କଳିଆ ଓ କୁମ୍ କୁମ ଦାସ, କର୍ମଚାରୀ କ୍ଷୀରଦ ରଂଜନ ମହାନ୍ତି ପ୍ରମୁଖ ମହାବିଦ୍ୟାଳୟକୁ ଯେତେବେଳେ ଯେଉଁ ପ୍ରକାର ବିପଦ ଆସିଛି ଏହାର ମୁକାବିଲା ପାଇଁ ଅଧ୍ୟାପକ ସୁବ୍ରତ ପାଖରେ ଛିଡ଼ା ହୋଇ ଯେଉଁ ସାହସ ଭରି ଦେଇଛନ୍ତି ତାହାକୁ କେବେ ଭୁଲି ହେବ ନାହିଁ ବୋଲି କହିଥିଲେ । ପରେ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଅଧ୍ୟାପକ ସୁବ୍ରତଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଉତ୍ସବର ଯବନିକା ପକାଯାଇଥିଲା ।

# ନବାଗତ ଦୁଇ ପ୍ରାଧ୍ୟାପକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଲଙ୍ଗଳେଶ୍ୱର, ୦୩/୭ (ନି.ପ୍ର): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ଗୁରୁବାର ଦୁଇ ନବାଗତ ପ୍ରାଧ୍ୟାପକ ଶକ୍ତି ପ୍ରସନ୍ନ ଚନ୍ଦ ଓ ନିର୍ମଳ କୁମାର ସାମଲ ଙ୍କୁ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କଲେଜ କର୍ମ ଚାରୀ ସଂଘ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ପୌରହିତ୍ୟ କରିଥିଲେ । ସଂଘ ସଭାପତି ପ୍ରାଧ୍ୟାପକ ଡ଼ଃ ଶିବ ନାରାୟଣ ମହାପାତ୍ର, ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ଅଧ୍ୟାପକ ପରମାନନ୍ଦ ମହାନ୍ତି, ଆଶୁତୋଷ ଯତି, ନଗେନ୍ଦ୍ର ନାଥ ପାତ୍ର, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରମୁଖ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ସଂସ୍କୃତ ବିଭାଗ ଅଧ୍ୟାପିକା ତନୁଶ୍ରୀ ନାୟକ ଅଧ୍ୟକ୍ଷ ଗିରିଙ୍କୁ ଫୋଲ ତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିବାବେଳେ ଅଧ୍ୟକ୍ଷ ଶ୍ରୀ ଗିରି ଦୁଇ ପ୍ରାଧ୍ୟାପକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ । ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୈକାପ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅରବିନ୍ଦ ଦାସ ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭାବେ ନିଯୁକ୍ତ



ବାରିପଦା , ୦୩/୭ (ନି.ପ୍ର): ଶ୍ରୀ ଅରବିନ୍ଦ ଦାସ (ବାପି )ଭାଇ ଙ୍କୁ ପୁଁ ମୟୁରଭଞ୍ଜ ଜିଲ୍ଲା ର ସଭାପତି ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି କ୍ଷ ଏହାକୁ ନେଇ ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ରେ ଏକ ଖୁସିର ବାତାବରଣ ଦେଖା ଦେବା ସହ, ଆଗକୁ ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ଏକ ଯୁବ ସଂଗଠକଙ୍କୁ, ଏପରି ଏକ ଗୁରୁତ୍ୱ ପୁର୍ଣ ଦାୟିତ୍ୱ ପ୍ରଦାନ କରିଥିବାରୁ, ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ଆଗାମି ଦିନରେ ଜିଲ୍ଲାରେ ନିଜର ପୁଁସଂଗଠନ କୁ ସୁଦୃଢ କରିବା ସହ ଆଗାମି ଦିନରେ, ଜିଲ୍ଲା ର ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବୟୋଜ୍ୟେଷ୍ଠ ନେତୃବୃନ୍ଦ ଯଥା ପୂର୍ବତନ ଏ.ଆଇ.ସି.ସି ସଦସ୍ୟା ଶୁଶ୍ରୀ ସୁଶୀଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ,ପୂର୍ବତନ ରାଷ୍ଟ୍ରୀୟ ଏସ. ଟି ସେଲ ଉପାଧ୍ୟକ୍ଷ ଶ୍ୟାମ ସୁନ୍ଦର ହାଁସଦା,ରାଜ୍ୟ ବାଣିଜ୍ୟ ସେଲ ଅଧ୍ୟକ୍ଷ ଯୋଗେଶ ଅଗ୍ରୱାଲ,ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ନାଏକ,ପୂର୍ବତନ ଜିଲ୍ଲା ସଭାପତି ପ୍ରଦୀପ ରଥ, ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ,ପୂର୍ବତନ ଜିଲ୍ଲା ସଭାପତି ନିରୋଜ ଲୋଚନ ଦାସ, ପୂର୍ବତନ ପି.ସି ଶ୍ରୀ ବିଜନ ଦାସ, ଆଇନସେଲ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ରଥ, ପଞ୍ଚାୟତ ରାଜ ବିଭାଗର ରାଜ୍ୟ ସମ୍ପାଦକ ମୀନକେତନ ବେହେରା, ମହିଳା କଂଗ୍ରେସ ର ପୂର୍ବତନ ଜିଲ୍ଲା ସଭାପତି ଆଇନଜୀବି ସୁସ୍ମିତା ଘୋଷାଲ, ପୂର୍ବତନ ସମ୍ପାଦକ ତାରାକାନ୍ତ ବେହେରା, ପୂର୍ବତନ ଛାତ୍ର ସଭାପତି ମୋତିପ୍ରକାଶ ଦାଶ, କିଶାନସେଲ ଅଧ୍ୟକ୍ଷ ଦୀପକ ଦାସ, ଓ. ବି. ସି ସେଲ ର ଦୀଲ୍ଲିପ ନାଏକ, ପଞ୍ଚାୟତ ବିଭାଗର ଜିଲ୍ଲା ଚେୟାରମେନ ଶିବାନନ୍ଦ ଦାଶ,ଚୈତନ ହାଁସଦା, ଅଶୋକ ଗିରି, ପ୍ରଦୀପ ମିଶ୍ର, ଅଶୋକ ଅଧିକାରୀ, ବିଜୟ ସିଂ,ଶେଖ ମୁସ୍ତଫା, ସୁକାନ୍ତ ବାରିକ, ଶୁଭସ୍ମିତା ଦାସ, ଶ୍ରୀମତୀ ମାଧବୀ ସେନାପତି, ଇତିଶ୍ରୀ ମିଶ୍ର, ରଶ୍ମିତା ମିଶ୍ର, ୱାହିଦା ବେଗମ, ଫରିଦା ତବସୁମ, ଶେଖ ଇକବାଲ, ଶ୍ରୀମତି ରଞ୍ଜିତା ଯୋଶୀ, ପ୍ରଦୀପ ଦାସ, ଯୁବନେତା ଦୀପକ ଦାସ, ନାରାୟଣ ପଟ୍ଟନାୟକ, ପୂର୍ଣଚନ୍ଦ୍ର ବିଶ୍ୱାଳ, ଉତ୍ତମ ବେହେରା, କୁଶ ସାହୁ, ମନ୍ମଥ ପ୍ରଧାନ, ଅମରେନ୍ଦ୍ର ଗିରି, ଶ୍ରୀମିତି ସୁନନ୍ଦା ସାହୁ, ନିର୍ମଳ ପ୍ରଧାନ, ମହେନ୍ଦ୍ର ନାଏକ, ସୁଦିପ ମନ୍ତ୍ରୀ, ସମର ରଞ୍ଜନ ଦାସ, ସତ୍ୟକାମ ସେନାପତି, ତୁଷାର ବେହେରା, ସୁକେଶୀ ପାଣି, ପ୍ରମୁଖ ନବନିଯୁକ୍ତ ସଭାପତି ଶ୍ରୀଯୁକ୍ତ ଅରବିନ୍ଦ ଦାସ ଙ୍କୁ ଶୁବେଚ୍ଛା ଜଣାଇବା ସହ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଓ ରାଜ୍ୟ ପ୍ରଭାରୀ ଶ୍ରୀଯୁକ୍ତ ଅଜୟ କୁମାର ଲଲୁ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ୫ଫୁଟର ନାଗସାପ ଉଦ୍ଧାର



ନୀଳଗିରି, ୦୩/୭ (ନି.ପ୍ର): ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୧୨ନମ୍ବର ୱାର୍ଡ ଡାହାଣିମରା ଗ୍ରାମରୁ ଏକ ୫ ଫୁଟିଆ ନାଗସାପ ଉଦ୍ଧାର କରାଯାଇଛି । ସାପଟି ଲଗାଣ ବର୍ଷା ଯୋଗୁଁ ନିକଟସ୍ଥ ପାହାଡ଼ରୁ ଖସି ଆସି ଗ୍ରାମବାସୀଙ୍କ ଘରେ ପଶିବା ସହ କୁକୁଡ଼ା ଭାଡି ଭିତରେ ପଶି ଅଣ୍ଡା ଖାଇବାସହ କୁକୁଡ଼ା ମାରିଦେଉଥିଲା । ଆଜି ସାପଟି ମଞ୍ଜୁ ସି ଙ୍କ ବାଡ଼ିରେ ଥିବା ଏକ ପଥରତଳେ ଥିଲା। ଏହାଦେଖି ଗ୍ରାମବାସୀ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ । ଶ୍ରୀ ରାଉତ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ସ୍ୱର୍ଣଚୂଡ଼ ଜଙ୍ଗଲ ପାଦଦେଶରେ ଛାଡ଼ିଦେଇଛନ୍ତି । ବିଗତ ଦିନ ମାନଙ୍କରେ ଏମିତି ଅନେକ ସାପ ନୀଳଗିରିରୁ ଉଦ୍ଧାର ହୋଇଥିବା ବେଳେ ନୀଳଗିରି ବନବିଭାଗ ନିକଟରେ ସାପ ଧରିବାପାଇଁ ସରକାରୀ କର୍ମଚାରୀ ନାହାନ୍ତି ଯାହାକି ଲୋକମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଆଗାମୀ ଦିନରେ ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାପାଇଁ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ଦାବି



ନୀଳଗିରି, ୦୩/୭ (ନି.ପ୍ର): ଔପଦାବ୍ଲକ ଅଧିନ ତରତୁଆ ୟୁଜିୟୁପି ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟତ୍ରୀ ହିରଣ୍ୟମୟୀ ପଣ୍ଡାଙ୍କ ଅନ୍ୟତ୍ର ବଦଳିକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ର/ ଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକ ରେ ତାଲା ପକାଇ, ଫାଟକ ସାମନାରେ ଆନ୍ଦୋଳନରେ ବସିଥିବାବେଳେ ଶିକ୍ଷୟତ୍ରୀ ପୁନର୍ବାର ବିଦ୍ୟାଳୟକୁ ନ ଫେରିଲେ ଧାରଣା ବଳବତ୍ତର ରହିବ ନହେଲେ ପିଲାମାନଙ୍କୁ ଅନ୍ୟ ବିଦ୍ୟାଳୟକୁ ନେଇଯିବେ ବୋଲି ପ୍ରକାଶ କରିଥିଲେ। ତେବେ ଶିକ୍ଷୟତ୍ରୀ ହିରଣ୍ମୟୀ ପଣ୍ଡା ଜଣେ ଛାତ୍ରବତ୍ସଳ , ଅନୁଷ୍ଠାନପ୍ରେମୀ ଏବଂଉତ୍ତମ ଶିକ୍ଷୟତ୍ରୀ ସହ ବିଦ୍ୟାଳୟର ଉନ୍ନତିକରଣରେ ବିଶେଷ ଭୂମିକା ଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ତାଙ୍କ ବଦଳି ଏକ ରାଜନୈତିକ ଅଭିସନ୍ଧି ଓ ଆକ୍ରୋଶ ମୂଳକ ଭାବେ କରାଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଅନ୍ୟ ପଟେ ଶିକ୍ଷୟତ୍ରୀଙ୍କୁ ଯୋଗାଯୋଗ କରିବାରୁ ସରକାରଙ୍କ ନିର୍ଦ୍ଦେଶରେ ବଦଳି ହୋଇଛି । ସେ ଏହାକୁ ସମ୍ମାନ ଦେବାସହ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ମାନଙ୍କ ଭଲପାଇବା ଓ ଶ୍ରଦ୍ଧା ସବୁବେଳେ ମନେ ରହିବ ବୋଲି କହିଛନ୍ତି ।

# ଜାନୁଆରୀ ସୁଦ୍ଧା ଆସିବ ସମବାୟ ପଲିସି : ମନ୍ତ୍ରୀ

ଭୁବନେଶ୍ୱର, ୦୩/୭ (ନି.ପ୍ର): କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ସହ ସବୁ ରାଜ୍ୟର ସମବାୟ ମନ୍ତ୍ରୀଙ୍କ ବୈଠକ ପରେ ଓଡ଼ିଶା ଫେରିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଦିଲ୍ଲୀରେ ଆୟୋଜିତ 'ମନ୍ଥନ ବୈଠକ'ରେ ଯୋଗ ଦେଇ ଫେରିବା ପରେ ମନ୍ତ୍ରୀ କହିଛନ୍ତି ଯେ ସମବାୟ ସମିତି ଉନ୍ନତି ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେଲା। ୩୧ ଜାନୁଆରୀ ୨୦୨୬ ସୁଦ୍ଧା ସମବାୟ ପଲିସି ଆସିବ। ରାଜ୍ୟର ସବୁ ପଂଚାୟତରେ ସମବାୟ ସମିତି ଗଠନ ହେବ। ସମିତିରେ ହେବ ମଲ୍ଟିପୁଲ ବ୍ୟବସାୟ। ଏଲପିଜି ଗ୍ୟାସ ବିତରଣ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ଜନ ସେବା କେନ୍ଦ୍ର, ଡ଼ାଇରି ଫାର୍ମ, ଦୁଗ୍ଧ ବିତରଣ କେନ୍ଦ୍ର ଭଳି ବିଭିନ୍ନ ବ୍ୟବସ୍ଥା ସମିତି ଜରିଆରେ ହେବା ପାଇଁ ପ୍ଲାନ ପ୍ରସ୍ତୁତ ହୋଇଛି।

# ଆଡଭାନ୍ସ ଇଣ୍ଡେକ୍ସ ସମ୍ପର୍କୀତ ବ୍ଲକସ୍ତରୀୟ କର୍ମଶାଳା ଆୟୋଜିତ



ବେତନଟୀ, ୦୩/୭ (ନି.ପ୍ର): ବେତନଟୀ ବ୍ଲକ ସଭାଗୃହରେ ପଞ୍ଚାୟତ ଆଡଭାନ୍ସ ଇଣ୍ଡେକ୍ସ ସମ୍ପର୍କୀତ ବ୍ଲକସ୍ତରୀୟ କର୍ମଶାଳା ଗୁରୁବାର ଆୟୋଜିତ ହୋଇଯାଇଛି । ବେତନଟୀ ବ୍ଲକ ପେସା ସଂଯୋଜକ ଜ୍ୟୋତିପ୍ରକାଶ ମହାନ୍ତଙ୍କ ସଂଯୋଜନାରେ ଏବଂ ପରିଚାଳନାରେ ଆୟୋଜିତ ଏହି ବ୍ଲକସ୍ତରୀୟ କର୍ମଶାଳାକୁ ଏବିଡିଓ ଗଗନବିହାରୀ ବେହେରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି କର୍ମଶାଳାରେ ପଞ୍ଚାୟତିରାଜ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀସମ୍ପଦ, ଓଡିଶା ଜୀବିକା ମିଶନ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପଞ୍ଚାୟତରସ୍ତରରେ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀଙ୍କ ସବିଶେଷ ତଥ୍ୟ ସମେତ ପଞ୍ଚାୟତର ଭିତ୍ତିଭୂମି ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ଭଳି ସମସ୍ତ ସରକାରୀ ବିଭାଗର ସବିଶେଷତଥ୍ୟ କିଭଳି ଅନଲାଇନରେ ଅପଲୋଡ କରାଯାଇପାରିବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ଆବଶ୍ୟକ ତାଲିମ ପ୍ରଦାନ କରାଯାଇଥିଲା। ଆଜିର ଏହି ବ୍ଲକସ୍ତରୀୟ କର୍ମଶାଳାରେ ଅଂଶଗ୍ରହଣକରି ନେଇଥିବା ତାଲିମ୍ ସମ୍ପର୍କୀତ ପ୍ରମାଣ ସ୍ୱରୂପ କିଭଳି ଅନଲାଇନରେ ସାର୍ଟିଫିକେଟର ଡାଉନଲୋଡ କରାଯାଇପାରିବ ସେନେଇ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା । ରିସୋର୍ସପର୍ସନ ଭାବେ ବେତନଟୀ ବ୍ଲକ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ (ଜପିଡିଓ) ସବ୍ୟସାଚୀ ଦାସ, ଯୋଗାଣ ଅଧିକାରୀ ଅଶୋକ ବେହେରା, ଏପିଓ ସଦାଶିବ ସାହୁ, ବିଆରସି, ବିପିଏମ, ସିପି ପ୍ରମୁଖ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଶେଷକରି ଟିଏମଟି, ଏସଆଇଆରଡି, ପିଏସଏମଏସ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଉ ପରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଡିସିପି ଅଫିସରେ...

କମିଟି ଆଗରେ ନିଜର ମତ ରଖିଥିଲେ। ଶ୍ରୀ ପ୍ରଧାନ ବିଜେପି କାର୍ଯ୍ୟାଳୟରେ ପହଞ୍ଚିଲା ପରେ କିଛି ବଡ଼ଧରଣର ଘଟଣା ଘଟିବ ବୋଲି ଚର୍ଚ୍ଚା ଜୋର ଧରିଛି। ତାଙ୍କର ସମର୍ଥକମାନେ ମଧ୍ୟ ବିଜେପି କାର୍ଯ୍ୟାଳୟ ସାମ୍ନାରେ ଭିଡ଼ ଲଗାଇଥିଲେ। ବିଜେପି କାର୍ଯ୍ୟାଳୟ ସାମ୍ନାରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ। ସେହିପରି ଖାରବେଳ ନଗର ଥାନାରେ ମଧ୍ୟ ପୁଲିସ ମୁତୟନ କରାଯାଇଛି। ବିଜେପି କାର୍ଯ୍ୟାଳୟରେ ପହଞ୍ଚିବା ପୂର୍ବରୁ ଜଗନ୍ନାଥ ପ୍ରଧାନ ଆଜି ସନ୍ଧ୍ୟାରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଲେଖିଥିଲେ, ରାଜ୍ୟରେ ଦୁଇଦିନ ହେବ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଘଟଣାରେ ବିରୋଧୀ ଦଳ ଏକ ରାଜନୈତିକ ରୁଟି ସେକିବା ପାଇଁ ପ୍ରୟାସ କରୁଛି। ଶ୍ରୀ ପ୍ରଧାନ କହିଛନ୍ତି, ମୁଁ ଆଗରୁ କହିଛି, ଏବେ ବି କହୁଛି, ଏହି ଘଟଣା ଦୁଃଖଦାୟକ ଓ ନିନ୍ଦନୀୟ। ଏହାକୁ ମୁଁ କଡ଼ା ଶବ୍ଦରେ ନିନ୍ଦା କରୁଛି। ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡ଼କୁ ଗତି କରୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଆମ ସରକାରର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି। ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରେ ମୁଁ ସଂପୂର୍ଣ୍ଣ ସହଯୋଗ କରିବି। ସୂଚନାଯୋଗ୍ୟ, ଗତ ସୋମବାର ଦିନ ବିଏମ୍‌ସିର ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣା ନେଇ ଜଗନ୍ନାଥ ପ୍ରଧାନ ବିବାଦରେ ଫସିଛନ୍ତି। ଏହି ଘଟଣା ପରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ସଂଘ ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି। ରାଜ୍ୟର ପ୍ରାୟ ୧୭ଟି ଜିଲ୍ଲାରେ ଓଏଏସ୍ ଅଧିକାରୀମାନେ କଲମ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି।

### ନେତା ଭୁଲିଗଲେ...

ଜୁନ୍ ୧୫ରେ ନୀଳଗିରି ବ୍ଲକ୍ ତେଲିପଡ଼ାରେ ଏକ ଦନ୍ତାହାତୀ ଶିକାର ଓ ଦାନ୍ତ ଲୁଟ୍ ଅଭିଯୋଗରେ ୫ ଜଣ ଗିରଫ ହୋଇଥିବା ବେଳେ, ଏଥିରେ ନୀଳଗିରି ବିଧାୟକ ସନ୍ତୋଷଙ୍କ ସିଧାସଳଖ ସଂପୃକ୍ତି ଅଭିଯୋଗ କରିଥିଲେ ଲେଖାଶ୍ରୀ । ଶାସକ ଦଳର ବିଧାୟକ ବୋଲି ତାଙ୍କ ବିରୋଧରେ ଆକ୍ସନ ହେଉନଥିବା ଅଭିଯୋଗ କରିଥିଲେ । ହେଲେ ଏତିକିରେ ଥମି ନଥିଲେ ଲେଖାଶ୍ରୀ। ଜମି ଜବରଦଖଲ ଆଦି ଅଭିଯୋଗ ଆଣି, ବିଧାୟକଙ୍କର ଛୋଟ ଚୋରରୁ ବଡ଼ ଚୋର ବନିବା ଇତିହାସ ଅଛି ବୋଲି କହିଥିଲେ। ଅନ୍ୟପଟେ ସନ୍ତୋଷ ଖଟୁଆ ତ ଏନେଇ ଖାଲି ପ୍ରତିକ୍ରିୟା ଦେଲେନି ବରଂ ଜଣେ ବିଧାୟକର ମର୍ଯ୍ୟାଦା, ସଂଯମତା ଓ ସମ୍ବେଦନଶୀଳତାକୁ ଭୁଲି, ଅଶାଳୀନତାର ଯେମିତି ସବୁ ସୀମା ଟପିଗଲେ । ବିଧାୟକଙ୍କ ଏଭଳି ଅଭାଷା ସମ୍ବଳିତ ଭିଡିଓ ବାଇଟକୁ ସୋସିଆଲ ମିଡିଆରେ ପୋଷ୍ଟ୍ କରିବା ସହ, ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟ୍ୟାଗ୍ କରିଛନ୍ତି ଲେଖାଶ୍ରୀ । ସନ୍ତୋଷଙ୍କୁ ମହିଳା ବିରୋଧୀ ବୋଲି ଦର୍ଶାଇବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ରଖିଛନ୍ତି । ଏପଟେ ଆଜି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସାମ୍ବାଦିକ ସମ୍ମିଳନୀ କରି ବିଜେପିକୁ ଟାର୍ଗେଟ୍ କରିବା ସହ, ସନ୍ତୋଷ ଖଟୁଆଙ୍କୁ ମୁଖ୍ୟମନ୍ତ୍ରୀ କ୍ଷମା ମାଗିବାକୁ କୁହନ୍ତୁ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷରେ ସନ୍ତୋଷ ଜବାବ ରଖିଛନ୍ତି, ଲେଖାଶ୍ରୀ ପ୍ରଥମେ ଓଡ଼ିଶାର ମହିଳାଙ୍କ ପ୍ରତି ଅପମାନଜନକ ଶବ୍ଦ ପ୍ରୟୋଗ କରିଛନ୍ତି ଏବଂ ନିଜ କଥାକୁ ନିଜେ ହଜମ କରୁଛନ୍ତି । ଏଥିସହ କହିଛନ୍ତି, ସେ ଯଦି ଜଣେ ବିଧାୟକଙ୍କୁ ପକେଟମାର୍ ଓ ଡକାୟତ ବୋଲି କହିବେ, ତାହେଲେ ଯେସା କୁ ତେସା । ସେପଟେ ରାଜନୀତି ଏବେ ନୀଚ୍ଚ ସ୍ତରକୁ ଚାଲିଗଲା ଭଳି ଲାଗୁଛି ବୋଲି ମତ ରଖିଛନ୍ତି ରାଜନୈତିକ ସମୀକ୍ଷକ । ବିଭିନ୍ନ ପ୍ରସଙ୍ଗକୁ ନେଇ ଏବେ ସରଗରମ ଅଛି ରାଜ୍ୟ ରାଜନୀତି । ତେବେ ରାଜନୈତିକ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଥିବା ଏ ନୂଆ ହଟ୍ ଟପିକ୍ ଆଗକୁ କେଉଁ ମୋଡ଼ ନେଉଛି, ଏବେ ତାକୁ ହିଁ ଅପେକ୍ଷା ।

### ବାହୁଡ଼ା ପାଇଁ ପ୍ରସ୍ତୁତି ...

ତିନି ଠାକୁରଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗୁଛି । ସେପଟେ ବାହୁଡ଼ା ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି କରିଛି ପୁରୀ ଜିଲ୍ଲା ପ୍ରଶାସନ । ଆଗକୁ ବାହୁଡ଼ା ଓ ସୁନାବେଶ ଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଶରଧାବାଲିରେ ଘଟିଥିବା ଅଘଟଣ ପରଠାରୁ ଅଧିକ ସଜାଗ ରହିଛି ପ୍ରଶାସନ ।

### ଘାନା ସଂସଦକୁ ପ୍ରଧାନମନ୍ତ୍ରୀ...

ଜଳବାୟୁ ପରିବର୍ତ୍ତନର ବିପଦ ବଷୟରେ ସାରା ବିଶ୍ୱକୁ ପୁଣି ଥରେ ମନେପକାଇ ଦେଇଛନ୍ତି । ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଘାନାର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ସାରା ଭାରତୀୟଙ୍କ ପାଇଁ ଗର୍ବର କଥା ବୋଲି ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏଯାଏଁ ୨୪ଟି ଦେଶରୁ ସର୍ବୋଚ୍ଚ ସମ୍ମାନ ପାଇସାରିଛନ୍ତି। ପ୍ରଧାନମନ୍ତ୍ରୀ ନିଜର ଏହି ଗସ୍ତ ବେଳେ ୫ଟି ଦେଶକୁ ଯାତ୍ରା କରିବେ। ଘାନା ପରେ ତ୍ରିନିଦାଦ ଓ ଟବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ ଓ ନାମିବିୟା ଯାତ୍ରା କରିବେ।

### ଭାରତ-ଆମେରିକା...

ସହିତ ଜଡିତ ଆମେରିକୀୟ ଉତ୍ପାଦଗୁଡ଼ିକୁ ଭାରତ ପରି ଏକ ବଡ଼ ବଜାର ମିଳିପାରିବ । ତଥାପି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଆମେରିକା ଦ୍ୱାରା କରାଯାଇଥିବା ଏହି ଦାବି ପାଇଁ ଆଦୌ ପ୍ରସ୍ତୁତ ନୁହେଁ ଆଉ ଭାରତ ନିଜ ଦୃଷ୍ଟିକୋଣରେ ଅଟଳ ରହିଛି । ଏଠାରେ ଆମେ ଆପଣଙ୍କୁ ଆଉ ଏକ କଥା କହି ରଖୁଛୁ ଯେ ଭାରତ କିଛି ଆମେରିକୀୟ କୃଷି ଉତ୍ପାଦ ଉପରେ ୧୦୦% ଶୁଳ୍କ ଲାଗୁ କରୁଛି ଏବଂ ଆମେରିକା ଏହାକୁ ସମାପ୍ତ କରିବାକୁ ଦାବି କରୁଛି । କାରଣ ଯଦି ଏହା ହୁଏ, ତେବେ ଭାରତୀୟ ଚାଷୀମାନେ କ୍ଷତି ସହିବେ ଏବଂ ସେମାନଙ୍କୁ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ମିଳିବ ନାହିଁ ।

### ସ୍ଥଗିତ ହେଲା...

ବିପର୍ଯ୍ୟୟ ପରିଚାଳନା ଟିମ୍, ଏନଡିଆରଏଫ ଏବଂ ଏସଡିଆରଏଫ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ବର୍ତ୍ତମାନ ଉତ୍ତରାଖଣ୍ଡର ସୋନପ୍ରୟାଗ ଅଞ୍ଚଳରେ ମୁଙ୍କାଟିଆ ସ୍ଲାଇଡିଂ ଜୋନରେ ପଥର ଧସିବା ଯୋଗୁଁ ଅସ୍ଥାୟୀ ଭାବେ କେଦାରନାଥ ଧାମ ଯାତ୍ରାକୁ ସ୍ଥଗିତ ରଖାଯାଇଛି । ପ୍ରଶାସନ ପକ୍ଷରୁ ରାସ୍ତା ସଫା ହୋଇଯିବା ପରେ ପୁଣି ଯାତ୍ରା ଆରମ୍ଭ ହେବ । ସୂଚନାଯୋଗ୍ୟ, ଚାରିଧାମା ଯାତ୍ରା, ଯାହା ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ପବିତ୍ର ଧାର୍ମିକ ଯାତ୍ରା । କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଏବଂ ଯମୁନୋତ୍ରୀକୁ ନେଇ ଅନ୍ତର୍ଭୂକ୍ତ । କ୍ରମାଗତ କିଛି ବର୍ଷ ଧରି ଯାତ୍ରୀମାନଙ୍କ ନିରାପଦ ଓ ସୁରକ୍ଷିତ ଯାତ୍ରା ପାଇଁ ଉତ୍ତରାଖଣ୍ଡ ସରକାର ରାଜ୍ୟରେ ଭିତ୍ତିଭୂମିକୁ ସୁଦୃଢ କରୁଛନ୍ତି । ଗତ ରବିବାର ଦିନ ପ୍ରବଳ ବର୍ଷା ହେବା ଫଳରେ ମାଟି ଧସିବା ଯୋଗୁଁ ୨୪ ଘଣ୍ଟା ପାଇଁ ଚାରି ଧାମ ଯାତ୍ରା ସ୍ଥଗିତ ରଖିଥିଲେ ଏବଂ ସୋମବାର ପରେ ପୁଣି ଆରମ୍ଭ କରିଥିଲେ ଉତ୍ତରାଖଣ୍ଡ ସରକାର । ଉତ୍ତରକାଶୀ ଜିଲ୍ଲାରେ ବାର୍କତ ଓ ଯମୁନୋତ୍ରୀ ରାସ୍ତାରେ ସିଲାଇ ବନ୍ଦ ନିକଟରେ ବଡ ଧରଣର ଭୂ-ସ୍ଖଳନ ହୋଇ ଜନଜୀବନ ପ୍ରଭାବିତ ହୋଇଥିଲା ।

### ଆସନ୍ତା ୬ ତାରିଖରେ...

କ୍ଷମତା ଆଗାମୀ ଦିନେଦୁଇ ଦିନରେ ଆବଶ୍ୟକତା ଠାରୁ ଅଧିକ ହୋଇଯାଇପାରେ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଆସନ୍ତା ୬ ତାରିଖ ଦିନ ହୀରାକୁଦରୁ ଜଳ ନିଷ୍କାସନ କରାଯିବ। ହୀରାକୁଦ ଜଳଭଣ୍ଡାରରୁ ଗେଟ୍ ଖୋଲିବା ପୂର୍ବରୁ କର୍ତ୍ତୃପକ୍ଷ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୁଳ ନୟାଗଡ଼, କଟକ, ଜଗତସିଂହପୁର ସମେତ ୧୨ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ନୋଟିସ ଜାରି କରିଛନ୍ତି। ନୋଟିସରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସମ୍ବନ୍ଧିତ ଜିଲ୍ଲାଗୁଡ଼ିକରେ ବନ୍ୟା ଓ ଅନ୍ୟ ପରିସ୍ଥିତିରୁ ବର୍ତ୍ତିବା ପାଇଁ ଆଗୁଆ ପଦକ୍ଷେପ ନେବା ପାଇଁ କୁହାଯାଇଛି। ଆସନ୍ତା ୬ ତାରିଖ ଦିନ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ହେବ ନିଷ୍କାସନ କରାଯିବକ୍ଷ ହୀରାକୁଦ ଜଳଭଣ୍ଡାରରୁ ଆବଶ୍ୟକତା ଅନୁସାରେ ଗୋଟିଏ ପରେ ଗୋଟିଏ ଗେଟ୍ ଖୋଲାଯିବ। ଏହା ପୂର୍ବରୁ ପୂଜାର୍ଚ୍ଚନା କରାଯିବ। ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ଏଥି ପାଇଁ ମହାନଦୀ କୂଳରେ ଥିବା ୧୨ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ କରାଯାଇଛିକ୍ଷ ଗେଟ୍ ଖୋଲିବା ସମୟରେ ମହାନଦୀ ଭିତରକୁ କେହି ଯେପରି ନଯିବେ, ସେଥିପାଇଁ ସତର୍କ କରାଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଆସନ୍ତା ୬ ତାରିଖ ସକାଳ ୧୦ଟା ସମୟରେ ପୂଜାର୍ଚ୍ଚନା ସରିଲା ପରେ ଗେଟ୍ ଖୋଲାଯିବ। ତେବେ ପୂଜାର୍ଚ୍ଚନା ପରେ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୭ ନମ୍ବର ଗେଟ୍ ଦେଇ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ ବୋଲି ହୀରାକୁଦ ଜଳଭଣ୍ଡାରର ମୁଖ୍ୟଯନ୍ତ୍ରୀ ସୁଶୀଲ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ମୋଂଟାନା ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୦୩/୭ (ନି.ପ୍ର): ଯୁକ୍ତରାଷ୍ଟ୍ର ଆମେରିକାର ମୋଂଟାନାରୁ ଆସିଥିବା ଏକ ୧୦ ଜଣିଆ ପ୍ରତିନିଧିମଣ୍ଡଳୀ ଗୁରୁବାର ଦିନ ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କୁ ରାଜଭବନରେ ସାକ୍ଷାତ କରିଥିଲେ। ଇଣ୍ଡିଆ ଟ୍ରେକ – ୨୦୨୫ କାର୍ଯ୍ୟକ୍ରମରେ ପ୍ରତିନିଧିମଣ୍ଡଳୀ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି। ପ୍ରତିନିଧିମଣ୍ଡଳୀଙ୍କୁ ସ୍ୱାଗତ ଜଣାଇ ରାଜ୍ୟପାଳ ଓଡିଶାର ସମୃଦ୍ଧ ସଂସ୍କୃତି, କଳା ଏବଂ ସାମାଜିକ ପ୍ରଗତି ବିଷୟରେ ଅବଗତ କରାଇଥିଲେ। ପ୍ରତିନିଧିମଣ୍ଡଳୀ ଭାରତର ବିବିଧତା ଅନୁସନ୍ଧାନ କରିବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରି ଏପରି ପରିଦର୍ଶନ ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ଉତମ ବୁଝାମଣା ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି କହିଥିଲେ। ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ରାଜଭବନ ପରିସର ପରିଦର୍ଶନ କରିଥିଲେ ଏବଂ ସେମାନଙ୍କ ଗସ୍ତ ସମୟରେ ସେମାନଙ୍କୁ ମିଳିଥିବା ଭବ୍ୟ ସ୍ୱାଗତକୁ ପ୍ରଶଂସା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଷଷ୍ଠ ବାରିପଦା ଏକ୍ସପୋ ଆଣ୍ଡ ଫନ୍ ଫେୟାର ଆରମ୍ଭ

ବାରିପଦା, ୦୩/୭ (ନି.ପ୍ର): ସ୍ଥାନୀୟ ଛଉ ପଡିଆ ଠାରେ ଷଷ୍ଠ ବାରିପଦା ଏକ୍ସପୋ ଆଣ୍ଡ ଫନ୍ ଫେୟାର ଆରମ୍ଭ ହୋଇଯାଇଛି । ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେଳାକୁ ଉଦଘାଟନ କରିବା ସହ ବାରିପଦାକୁ ସ୍ୱଚ୍ଛ ଓ ସୁନ୍ଦର ସହର ରୂପେ ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ବାରିପଦା ଜିଲ୍ଲା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସା ଓ ୱାର୍ଡ ନମ୍ବର୍ ୧ ର କାଉନସିଲର ସୁକେଶିନୀ ସେଠୀ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ମେଳା ବିଷୟରେ ନିଜର ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେପି ରାଜ୍ୟ ପ୍ରବକ୍ତା ତଥା ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ଶତପଥୀ ପ୍ରକାଶ କରିଥିଲେ ଯେ ମେଳା ମାଧମରେ ବିକିବା ଲୋକ ଓ କିଣିବା ଲୋକଙ୍କ ମଧ୍ୟରେ ସିଧାସଳଖ ବ୍ୟବସାୟ ହୋଇଥାଏ ଓ ଆବଶ୍ୟକତା ଅନୁଭବ କରି ନିଜ ମନ ପସନ୍ଦର ଜିନିଷ କିଣିବାରେ ଏହା ସହାୟକ ହୋଇଥାଏ ଓ ଏହି ମେଳାରେ ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉପକରଣ,ବୈଦ୍ୟୁତିକ ଉପକରଣ ତଥା ବିଭିନ୍ନ ରାଜ୍ୟରୁ ଆସିଥିବା ଆଞ୍ଚଳିକ ପ୍ରସିଦ୍ଧ ଶାଢୀ ପୋଷାକ ଆଦିର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ମାନ ପ୍ରଦର୍ଶିତ ହେବ। ରାଜ୍ୟ ସଡକ ପରିବହନ ନିଗମ ତରଫରୁ ଏହି ମେଳା ରେ ଏକ ବିରାଟ ଷ୍ଟଲ




କରାଯାଇଛି ଏବଂ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ କରାଯାଉଛି। ମେଳା ମଧ୍ୟକୁ ବୁଲି ଆସିବା ସହିତ ନିଜ ମନ ପସନ୍ଦର ସାମଗ୍ରୀ କିଣିନେବା ନିମନ୍ତେ ମେଳାର ଆବାହକ ସଞ୍ଜୟ କୁମାର ସାହୁ ଅନୁରୋଧ କରିଛନ୍ତି ।

# ବନ ବିଭାଗ ପକ୍ଷରୁ ୭୬ତମ ବନ ମହୋତ୍ସବ ପାଳିତ

ବାସୁଦେବପୁର, ୦୩/୭ (ନି.ପ୍ର): ବାସୁଦେବପୁର ତୃପ୍ତି ମହିଳା ମହାବିଦ୍ୟାଳୟ ପରିସରରେ ବାସୁଦେବପୁର ବନ ବିଭାଗ ପକ୍ଷରୁ ୭୬ ତମ ବନ ମହୋତ୍ସବ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ। ପରିବେଶର ସୁରକ୍ଷା ପାଇଁ ଅଧିକ ଗଛ ଲଗାଇବା ଆବଶ୍ୟକ ବୋଲି ବିଧାୟକ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ବନ ମହୋତ୍ସବରେ ତୃପ୍ତି ମହିଳା ମହାବିଦ୍ୟାଳୟର ଅଧକ୍ଷା ଶୈଳବାଳା ଦାଶ, ବାସୁଦେବପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଞ୍ଜିତା ପୁହାଣ, ଫରେଷ୍ଟ ରେଞ୍ଜର ଅତୁଲ୍ୟ ମହାନ୍ତି, ଫରେଷ୍ଟର ସୁଶୀଲ ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଓ ବୃକ୍ଷ ରୋପଣ କରିଥିଲେ। ଏହି ବନ ମହୋତ୍ସବର ତୃତୀୟ



ଦିବସରେ ୫୦୦ ଟି ବୃକ୍ଷ ରୋପଣ କରା ଯାଇଥିଲା। ଆଗାମୀ ଦିନରେ ଆହୁରି ଅଧିକ ଗଛ ଲାଗିବ ଓ ଠିକ୍ ଭାବେ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ ବୋଲି ଫରେଷ୍ଟ ରେଞ୍ଜର ଅତୁଲ୍ୟ ମହାନ୍ତି ପ୍ରକାଶ କରିଥିଲେ। ଗୋଟିଏ ଗଛ ଗୋଟିଏ ଜୀବନ। ତେଣୁ ଆମେ ସମସ୍ତେ ମିଳିମିଶି ଗଛ ଲଗାଇଲେ ପରିବେଶ ସୁନ୍ଦର ଦିଶିବ ଓ ଆମେ ଗରମରୁ ରକ୍ଷା ପାଇ ପାରିବା ଓ ଆମ ସୁନ୍ଦର ପରିବେଶ ସମସ୍ତଙ୍କୁ ହସ ଖୁସି ଓ ଆନନ୍ଦ ଦେଇ ପାରିବ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଯୋଗ ଦେଇଥିଲେ। ବନ ବିଭାଗର ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

ନୀଳଗିରି, ୦୩/୭ (ନି.ପ୍ର): ନୀଳଗିରି ବ୍ଲକ କେ.ପି.ଲାଖରାଜ ପଞ୍ଚାୟତ କାଠଗୋଛି ଗ୍ରାମର ନରହରି ମଲ୍ଲିକ (୭୩)ବିଲରେ ଧାନ ତଳି ପକାଉଥିବା ବେଳେ ଭାଲୁ ଆକ୍ରମଣରେ ଶିକାରହୋଇ ନୀଳଗିରି ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଘଟଣା ଅନୁଯାୟୀ ଦିନ ପ୍ରାୟ୧.୩୦ ସମୟରେ ନରହରି ବିଲରେ ତଳି ପକାଉଥିବା ବେଳେ ପାଖରେଥିବା ପଦା ପାଖ ବୁଦାରୁ ଭାଲୁଟିକୁ ଦେଖି ଅନ୍ୟ ଚାଷୀ ମାନେ ଗୁଡାଇଥିଲେ। ଭାଲୁଟି ଯାଉଯାଉ ଚାଷୀ ନରହରିଙ୍କ ଜଙ୍ଘରେ କାମୁଡ଼ିଦେଇ ନିକଟସ୍ଥ ଜଙ୍ଗଲକୁ ଦୌଡ଼ି ପଳାଇଥିଲା । ଉପସ୍ଥିତ ଚାଷୀ ନରହରୀଙ୍କୁ ରକ୍ତ ଜୁଡୁବୁଡ ଅବସ୍ଥାରେ ୧୦୮ ଯୋଗେ ନୀଳଗିରି ଚିକିତ୍ସାଳୟକୁ ଆଣିଥିଲେ। ନରହରିଙ୍କ କାନକୁ ଶୁଭୁ ନଥିବା ଓ ଆଖିକୁ ଦୂରବାଟ ପର୍ଯ୍ୟନ୍ତ ଦେଖିପାରୁନଥିବା କାରଣରୁ ଏଭଳି ଘଟଣା ଘଟିଥିବା ପୁଅ ବାବୁ ମଲ୍ଲିକ ପ୍ରକାଶ କରିଛନ୍ତି।

# ରେଳ ଓଭରବ୍ରିଜ ଆଲୋକୀକରଣ ପାଇଁ ଜୁଲାଇ ୧୦ରେ ବରିଷ୍ଠ ନାଗରିକ ମଞ୍ଚର ଗଣ ଧାରଣା

ଜଳେଶ୍ୱର, ୦୩/୭ (ନି.ପ୍ର): ନୂଆ ବଜାର ରେଳ ଓଭରବ୍ରିଜ ଲୋକାର୍ପିତ ହେବାର ଦୀର୍ଘ ୧୬ ମାସ ବିତିଯାଇ ଥିଲେବି ପୋଲ ଯେଉଁ ଅନ୍ଧକାରକୁ ସେଇ ଅନ୍ଧକାରରେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଧାରଣା-ଧର୍ମଘଟ କରାଯିବା ସହ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଲଗାତର ଯୋଗାଯୋଗ କରାଯାଇ ଅଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୁଚନା ଅନୁଯାଇ ଏକ ମାସରୁ ଉର୍ଦ୍ଧ୍ୱ ହେବ ଆଲୋକୀକରଣ ପାଇଁ ପ୍ରାୟ ସମସ୍ତ ପ୍ରକାର ବିଭାଗୀୟ ପ୍ରକ୍ରିୟାକରଣ ସମ୍ପୂର୍ଣ୍ଣ ହୋଇ ଥିଲେ ବି ଏଯାବତ କାର୍ଯ୍ୟ ଆରମ୍ଭ ହୋଇ ନ ପାରିବା ବାସ୍ତବିକ ଘୋର ପରିତାପର ବିଷୟ। ତେଣୁ ଜଳେଶ୍ୱରବାସୀଙ୍କ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ କମିଟିର



ବୈଠକ ନୂଆ ବଜାରସ୍ଥିତ ଭଞ୍ଜ ଭବନରେ ଡକ୍ଟର ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକର ନିଷ୍ପତ୍ତି କ୍ରମେ ଜୁଲାଇ ୧୦ ତାରିଖ ପୂର୍ବରୁ ଆଲୋକୀକରଣ କାର୍ଯ୍ୟ ଆରମ୍ଭ ନ ହେଲେ ମଞ୍ଚ ତରଫରୁ ବାଧ୍ୟ ହୋଇ ଜୁଲାଇ ୧୦ ତାରିଖ ଦିନ ଜଳେଶ୍ୱର ପୂର୍ତ୍ତବିଭାଗ ଉପଖଣ୍ଡ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣ ଧାରଣା ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଚେତାବନୀ ଦିଆ ଯାଇ ମଞ୍ଚ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇ ଅଛି।ଉକ୍ତ ବୈଠକରେ ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ଉପ ସଭାପତି କପିଳେଶ୍ୱର ମହାନ୍ତି, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ଉପଦେଷ୍ଟା କ୍ଷେତ୍ର ମୋହନ ଗିରି, ଶିକ୍ଷାବିତ ରାଜାରାମ କରଶର୍ମା, ଖଗେନ୍ଦ୍ର ନାଥ ସାହୁ, ଶ୍ୟାମାଚରଣ ଦାସ, ଜିତାରାମ ଦେ, ସୁନିଲ କୁମାର ନାୟକ, ସମାଜସେବୀ କମଳ କୁମାର ଚକ୍ରବର୍ତ୍ତୀ, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି, ସିଦ୍ଧେଶ୍ୱର ତ୍ରିପାଠୀ, ଅପର୍ଣ୍ଣା ଚୌଧୁରୀ, ସୁବ୍ରତ କୁମାର ବେରା, ଅବଦୁଲ ସମ୍ମତ ଖାଁ, ବିକାଶ କୁମାର ଧର, ଜ୍ୟୋତିଷ ଚନ୍ଦ୍ର କର, ରଜତ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ପରିଡା, ଗୌରାଙ୍ଗ ଚରଣ ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ ସହ ଆଲୋକୀକରଣ ନିମନ୍ତେ ଧାରଣା ଆନ୍ଦୋଳନକୁ ସଫଳ କରିବା ଆହ୍ୱାନ ଦେଇ ଥିଲେ।

# ପୁରୀ ରଥଯାତ୍ରାରେ ଗୌତମ ଆଦାନୀଙ୍କ ନୀରବ ସେବା

ପୁରୀ, ୦୩/୭ (ନି.ପ୍ର): ଚଳିତ ବର୍ଷ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ 'ପ୍ରସାଦ ସେବା' ଶ୍ରଦ୍ଧାଳୁଙ୍କ ମନରେ ଧାର୍ମିକ ଚେତନା ଜାଗ୍ରତ କରିଛି । 'ଜୟ ଜଗନ୍ନାଥ' ଧ୍ୱନି ସହିତ ଶ୍ରୀ ଆଦାନୀ ଇସ୍କନ ରୋଷଶାଳାରେ ସ୍ୱେଚ୍ଛାକୃତ ଭାବେ ପ୍ରସାଦ ପ୍ରସ୍ତୁତ କରାଯାଉଛି । ରୋଷଶାଳାରେ ସମଗ୍ର ଦେଶରୁ ସ୍ୱେଚ୍ଛାସେବୀମାନେ ଆସି ଭୋଜନ ପ୍ରସ୍ତୁତ କରୁଥିବା ବେଳେ ଶ୍ରୀ ଆଦାନୀ ସ୍ୱଇଚ୍ଛାରେ ରୋଷଇ କାର୍ଯ୍ୟରେ ସେମାନଙ୍କୁ ସାହାଯ୍ୟ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିଥିଲେ। ଆଦାନୀ ଓ ତାଙ୍କ ପରିବାର ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥଯାତ୍ରାରୁ ଆରମ୍ଭ ହୋଇଥିବା ଏହି ସେବା କାର୍ଯ୍ୟରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । ଇସ୍କନ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପ୍ରସାଦ ବଣ୍ଟନ ସମୟରେ ଶ୍ରୀ ଆଦାନୀ ସେଠାରେ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ହସ ହସ ବଦନରେ କଥାବାର୍ତ୍ତା କରିଥିଲେ । ତାଙ୍କ ସେବା ଭାବନାକୁ ଦେଖିଲେ ଜଣାପଡୁଥିଲା ଯେପରି ସେ କୌଣସି କମ୍ପାନୀର ଅଧ୍ୟକ୍ଷ ନୁହେଁ ବରଂ ଜଣେ ନମ୍ର 'ସେବକ' ଭଳି ଲାଗୁଥିଲେ । 'ସେବା ହିଁ ସାଧନା' ନୀତିରେ ବିଶ୍ୱାସ କରୁଥିବା ଶ୍ରୀ ଆଦାନୀ ରୋଷଶାଳା ସ୍ୱଚ୍ଛ କରିବା ସହ ଖାଦ୍ୟ ପରିବେଷଣ, ଜାର୍ ଗୁଡ଼ିକରେ ପାଣି ଭରିଥିଲେ । ଶ୍ରଦ୍ଧାଳୁମାନଙ୍କୁ ନିରନ୍ତର ସେବା




ଯୋଗାଇବା ପାଇଁ ସହକର୍ମୀମାନଙ୍କୁ ସମର୍ଥନ କରିଥିଲେ । ଏହି ସେବା କାର୍ଯ୍ୟରେ ଅନେକ ସ୍ୱେଚ୍ଛାସେବୀ ଭାଗ ନେଇଥିବା ବେଳେ ଅନେକ ବ୍ୟକ୍ତି ଆଦାନୀ ଫାଉଣ୍ଡେସନ ଦ୍ୱାରା ତାଲିମ ପ୍ରାପ୍ତ ହୋଇ ଏଥିରେ ଯୋଗଦେଇଥିଲେ । ଶ୍ରୀ ଆଦାନୀ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସମାନ ଭାବେ ସମ୍ମାନ ଜଣାଇ କାର୍ଯ୍ୟ ତୁଲାଉଥିବା ଦେଖିବାକୁ ମିଳିଥିଲା । ଶ୍ରଦ୍ଧା ଭାବ ପୂର୍ଣ୍ଣ ଏହା ଏକ ପ୍ରକୃତ ନେତୃତ୍ୱ ଥିଲା । ଏହି ସେବା କୌଣସି ଦାନ ନ ଥିଲା, ଏହା ଏକ ବୃହତ୍ତର ପରମ୍ପରାର ଅଂଶ ଥିଲା । ଏହା ପୂର୍ବରୁ ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭ ମେଳାରେ ଶ୍ରୀ ଆଦାନୀ ଏବଂ ତାଙ୍କ ସହକର୍ମୀମାନେ ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପ୍ରସ୍ତୁତ କରିଥିଲେ । ପୁରୀରେ ଏହାର ସ୍ତର ଥିଲା ଭିନ୍ନ କିନ୍ତୁ ଉଦ୍ଦେଶ୍ୟ ଥିଲା ସମାନ । ମିଳିତ ପ୍ରୟାସ, ସାଂସ୍କୃତିକ ସମ୍ଭାବନା ଏବଂ ମର୍ଯ୍ୟାଦାର ସହ ଲୋକଙ୍କ ସେବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ରଥଯାତ୍ରାର ବହୁ ପୂର୍ବରୁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ରୋଷଶାଳା ପାଇଁ ଆବଶ୍ୟକ ପରିମାଣର ଖାଦ୍ୟ, ପାଣି, ସ୍ୱଚ୍ଛତା, ସ୍ୱେଚ୍ଛାସେବୀଙ୍କ ସିଫ୍ଟ ଆଦିର ବ୍ୟବସ୍ଥା କରାଯାଇଥିଲା। ସାଂସ୍କୃତିକ ବୁଝାମଣା ସହିତ ଲଜିଷ୍ଟିକ୍ ଯୋଗାଣକୁ ସୁଲଭ କରାଯାଇଥିଲା ।

# ମହରମ୍ ପର୍ବ ପାଳନ ଉପଲକ୍ଷେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ଜଳେଶ୍ୱର, ୦୩/୭ (ନି.ପ୍ର): ମହରମ ପର୍ବ ଆସନ୍ତା ୬ ତାରିଖ ପାଳନ ଉପଲକ୍ଷେ ଆଜି ଜଳେଶ୍ୱର ଥାନା ପକ୍ଷରୁ ଜଳେଶ୍ୱର ଥାନା ପରିସରରେ ଅପରାହ୍ନ ୫ଘଟିକା ସମୟ ରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅଧକ୍ଷତା କରିଥିଲେ ଜଳେଶ୍ୱର ଥାନା ଆଇଆଇସି ଜୟନ୍ତ ବେହେରା । ଅନ୍ୟ ମାନଙ୍କ ମଧ୍ୟରେ ଜଳେଶ୍ୱର ବିଦ୍ୟୁତ୍ ବିଭାଗ ଏସଡିଓ ବିଦ୍ୟାଧର ପଣ୍ଡା, ଜେଇ ତୁଷାର ରଂଜନ ସାହୁ, ବ୍ଲକ୍ ଉପାଧକ୍ଷ ସଞ୍ଜିତା ସେନାପତି ଯୋଗଦେଇ ପାଳନ କରିବାକୁ ଥିବା ମହରମ ପର୍ବ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ବିଷୟରେ ଆଲୋଚନା



କରାଯାଇଥିଲା । ଏହି ପର୍ବ ରେ ୫ ଟି ତାଜିଆ ଆସିବ। ଏହି ସଭାଯାତ୍ରା ଜଳେଶ୍ୱର ରାଜପୁର୍ ହେରୋ ଶୋରୁମ ସମ୍ମୁଖ ରୁ ବାହାରି ଏହା ଜଳେଶ୍ୱର ଥାନା ପର୍ଯ୍ୟନ୍ତ ଆସିବ ।ଜଳେଶ୍ୱର ଶାନ୍ତି କମିଟିର ଅନ୍ୟାନ୍ୟ ସଦସ୍ୟ ମାନଙ୍କ ଦ୍ୱାରା ମଧ୍ୟରେ , ଅବଦୁଲ ରହିମ୍ ,କାଉନସିଲର ମୀର ଆବାସ ଅଲ୍ଲୀ, ବରିଷ୍ଠ ଆଇନଜୀବି ସତ୍ୟସୁନ୍ଦର ଦାସ, ଜଳେଶ୍ୱର ବଣିକ ସଂଘର ସଭାପତି ସୁଧୀର ମହାନ୍ତି, ସମାଜସେବୀ କମଳ ଚକ୍ରବତୀ, କାଉନସି ଲର ଗୋବିନ୍ଦ ସାହୁ, ସେକ ସାଜନ,କାଉନସିଲ ସୁରଜ୍ ଚୌରାଶିଆ,ଚନ୍ଦନ ଦାସ, ଜଗଦୀଶ ନନ୍ଦୀ,ସହିତ ସବୁ ତାଜୀଆ କମିଟି ର ସଭାପତି, ସଂପାଦକ ସହିତ ବହୁ ସଦସ୍ୟ ତଥା ମୁସଲିମ ବହୁଳ ଅଂଚଳର ମୁଖ୍ୟ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ରତ୍ନଭଣ୍ଡାର ମରାମତି କାମ ଶେଷ ପର୍ଯ୍ୟାୟରେ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୦୩/୭ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି ବର୍ତମାନ ରତ୍ନଭଣ୍ଡାର ସଂପୂର୍ଣ୍ଣ ସୁରକ୍ଷିତ ଅଛି। ଆଗାମୀ ୧୦୦ ବର୍ଷ ଯାଏଁ ଯେମିତି କୌଣସି ସମସ୍ୟା ହେବ ନାହିଁ ସେହି ଅନୁସାରେ ମରାମତି କରାଯାଉଛି। ରତ୍ନଭଣ୍ଡାର ମରାମତି କାମ ପ୍ରାୟତଃ ଶେଷ ପର୍ଯ୍ୟାୟରେ ଅଛି। ବାହୁଡ଼ା ସୁଦ୍ଧା ମରାମତି କାମ ସରିବାର ଲକ୍ଷ୍ୟ ଥିଲା । ମରାମତି ସରିଲା ପରେ ଅଳଙ୍କାର ସିନ୍ଦୁକ ଗୁଡ଼ିକ ଭଣ୍ଡାର ଭିତରକୁ ନିଆଯିବ। ମହାପ୍ରଭୁଙ୍କ ନୀଳାଦ୍ରିବିଜେ ହେବା ପରେ ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହେବ । ବର୍ତମାନ ରତ୍ନଭଣ୍ଡାର ସଂପୂର୍ଣ୍ଣ ସୁରକ୍ଷିତ ଅଛି। ଆଗାମୀ ୧୦୦ ବର୍ଷ ଯାଏଁ ଯେମିତି କୌଣସି ସମସ୍ୟା ହେବ ନାହିଁ ସେହି ଅନୁସାରେ ମରାମତି କରାଯାଉଛି। ରଥଯାତ୍ରା ସୁପରିଚାଳନା ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ମନ୍ତ୍ରୀ କହିଛନ୍ତି ବାହୁଡ଼ାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସୁପରିଚାଳନା ପାଇଁ ସମସ୍ତ ଦିଗକୁ ଲକ୍ଷ୍ୟ ରଖାଯାଇଛି। ସବୁ ଦିଗର ତର୍ଜମା କରାଯାଇଛି। ପୋଲିସ ଓ ପ୍ରଶାସନିକ ବ୍ୟବସ୍ଥା ହୋଇଛି। ମହାପ୍ରଭୁଙ୍କ ଆଶୀର୍ବାଦ କାରଣରୁ ବାହୁଡ଼ା ଓ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସଫଳତା ସହ ହେବ ବୋଲି ବିଶ୍ୱାସ ଅଛି।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

## ପନିପରିବା ସହିତ ସମସ୍ତ ଚାଷର କ୍ଷତି ପୂରଣ ଏବଂ ପାଣି ନିଷ୍କାସନର ସ୍ଥାୟୀ ପ୍ରତିକାରକୁ ଗୁରୁତ୍ୱ ଦେବୁ: ଉପମୁଖ୍ୟମନ୍ତ୍ରୀ

ବାଲିଆପାଳ, ୦୩/୭ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ୧୦ ଦିନ ଭିତରେ ଦୁଇ ଥର ବନ୍ୟା ଆସିଛି। ପ୍ରଥମ ବନ୍ୟା ପାଣୀ ନ ଛାଡୁଣୁ ଦ୍ୱିତୀୟ ବନ୍ୟା ଆସିଲା। ବନ୍ୟାରେ ବାଲିଆପାଳ ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଗ୍ରାମରେ ବନ୍ୟା ପାଣି ପଶି ନାହିଁ ନଥିବା କ୍ଷତି ପହଞ୍ଚାଇଛି। ବନ୍ୟା ପ୍ରଭାବିତ ଲୋକ ମାନଙ୍କୁ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ଦିଆଯାଉଛି। ବିଶେଷ କରି ପନିପରିବା ଚାଷ ବେଶୀ କ୍ଷତି ହୋଇଛି। ଆଜି ମଧ୍ୟାହ୍ନରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାଲିଆପାଳ ବ୍ଲକର ବନ୍ୟା ଅଞ୍ଚଳ ପାୱାର ବୋଟରେ ଯାଇ ମଧୁପୁରା ପଞ୍ଚାୟତର ଚୌଧୁରିକୁଦ ଗ୍ରାମର



ବନ୍ୟା ପିଡୀତ ଲୋକମାନଙ୍କୁ ଭେଟିଥିଲେ। ଲୋକ ମାନଙ୍କ ଅଭିଯୋଗ ଶୁଣିବା ପରେ ପନି ପରିବା ଚାଷ ସହିତ ସମସ୍ତ ଚାଷର କ୍ଷତି ପୂରଣ ଏବଂ ପାଣି ନିଷ୍କାସନର ସ୍ଥାୟୀ ପ୍ରତିକାରକୁ ଗୁରୁତ୍ୱ ଦେବେ ବୋଲି କହିଥିଲେ। ବାକି ଯାହା ଯାହା ଆବଶ୍ୟକ ସେ ଦିଗରେ ସମୀକ୍ଷା ବୈଠରେ ସିଧାନ୍ତ କରାଯାଇ ପଦକ୍ଷେପ ନେବୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତ ପରିଡା ପ୍ରକାଶ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଜି ହେଲିକ୍ୟାପ୍ଟର ଯୋଗେ ଆସି ତାଳସାରିରେ ଓହ୍ଲାଇ ସଡକ ପଥରେ ଆସି ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତର ଚଡ ବସ୍ତକାଳରୁଇ ଓ ଚୌଧୁରୀକୁଦ ଗ୍ରାମକୁ ବୋଟରେ ଯାଇ ଲୋକଙ୍କ ସମସ୍ୟା କଥା ବୁଝିଥିଲେ। ସେଠାରେ ବନ୍ୟା ପିଡ଼ିତଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ବିଷୟରେ ପଚାରି ବୁଝିବା ସହିତ ଲୋକଙ୍କ ମୁଖ୍ୟ ସମସ୍ୟା ପଞ୍ଚରୁଖି ଠାରୁ ଗ୍ରାମକୁ ଆସିଥିବା ମୁଖ୍ୟ ରାସ୍ତା ଉପରେ ସ୍ଥାୟୀ ପୋଲ ଓ ରାସ୍ତାକୁ ଉଚ୍ଚା କରାଗଲେ ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇପାରିବ ବୋଲି ଗ୍ରାମବାସୀଙ୍କ ଦାବୀକୁ ବିଚାର କରାଯିବ ବୋଲି ଶ୍ରୀମତୀ ପରିଡା କହିଥିଲେ। ଏଥି ସହିତ ବନ୍ୟା ପାଣି ଛାଡିବା ମାତ୍ରେ ସରକାରୀ କର୍ମଚାରୀ ମାନେ ଘର ଘର ବୋଲି ଲୋକଙ୍କ କ୍ଷୟକ୍ଷତିର ଆକଳନ କରିବା ପରେ ସମସ୍ତଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବା ବିଷୟରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀମତୀ ପରିଡା କହିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ବାଲେଶ୍ୱର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ ଡ ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଭାଜପା ଉତ୍ତର ବାଲେଶ୍ୱର ସାଂଗଠନିକ ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ସହିତ ସ୍ଥାନୀୟ ନେତୃମଣ୍ଡଳୀ ଏବଂ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସ, ତହସିଲଦାର ଜ୍ୟୋସ୍ନାରାଣୀ ନାୟକଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଭୁଷଣ୍ଡପୁର ଅଂଚଳରେ ଡ଼ାଇରିଆ ବ୍ୟାପିଲା: ପଦକ୍ଷେପ ପରେ ନିୟନ୍ତ୍ରଣ

ଖୋର୍ଦ୍ଧା, ୦୩/୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଚିଲିକା ଉପ କୂଳସ୍ଥ ରାଜ୍ୟର ଅନ୍ୟତମ ଜନ ବହୁଳ ଅଞ୍ଚଳ ଭୁଷଣ୍ଡପୁର ଓ ବାଲିପାଟପୁର ପଂଚାୟତରେ ଡ଼ାଇରିଆ ବ୍ୟାପୀ ଥିବା ଜଣାପଡିଛି। ପ୍ରାୟ ଦଶ ଜନ ଆକ୍ରାନ୍ତ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଖବର ମିଳିଛି। ଭୂଷଣ୍ଡପୁର ଯୁବ ସରପଞ୍ଚ ସୌରଭ କୁମାର ଦାସ ମହାପାତ୍ର ଏହାର ନିରାକରଣ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଖବର ଦେଇଥିଲେ। କାଳ ବିଳମ୍ବ ନକରି଼ଲା ସାଧାରଣ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡ଼ା ନନ୍ଦିତା ଗୁପ୍ତା, ଟାଙ୍ଗୀ ଖାଦ୍ୟ ନିରାପତ୍ତା ଅଧିକାରୀ ଦେବାଶିଷ ବଳ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମଧୁମିତା ମହାନ୍ତି, ଟାଙ୍ଗୀର କନିଷ୍ଠ ଯନ୍ତ୍ରୀ ପ୍ରଶନ କୁମାର ପଣ୍ଡା, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସାଧାରଣ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଅଧିକାରୀ ଝୁମାରାଣୀ ଚକ୍ରବର୍ତ୍ତୀ, ସ୍ୱାସ୍ଥ୍ୟ କର୍ମୀ ସାଗରିକା ପାତ୍ର, ସନ୍ତୋଷ କୁମାର ରାୟ,୧୧ଜଣ ଅଙ୍ଗନବାଡି କର୍ମୀ,ସମସ୍ତ ଆଶା କର୍ମୀ ଓ ୪ଜଣ ପ୍ରଧାନ ଶିକ୍ଷକ ପ୍ରମୁଖ ଭୁଷଣ୍ଡପୁର ପଂଚାୟତ କାର୍ଯ୍ୟାଳୟରେ ସମବେତ ହୋଇଥିଲେ। ସରପଞ୍ଚ ଶ୍ରୀ ସୌରଭ ଙ୍କ ଅଧକ୍ଷତାରେ ଆଲୋଚନା କରାଯାଇଥିଲା।

# ରୋହିଦାସ ସୋରେନ କନିଷ୍ଠ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ




ଉଦଳା , ୦୩/୭ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ କୁଣ୍ଡାବାଇ ଗ୍ରାମସ୍ଥିତ ରୋହିଦାସ ସୋରେନ କନିଷ୍ଠ ମହାବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇ ଯାଇଛି । ଏହି ଅବସରରେ ବୃକ୍ଷରୋପଣ ଓ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବିଜୟ କୁମାର ପଣ୍ଡା ଏହାର ନେତୃତ୍ୱ ନେବା ସହିତ ଏକ ଶହରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରିଥିବାର ଜଣାଯାଇଛି । ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ଼. ପ୍ରଦୀପ କୁମାର ଗିରି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପରିବେଶ ପାଇଁ ଜଙ୍ଗଲ ସମ୍ପଦର ଆବଶ୍ୟକତା ଅଜି କିପରି ଜରୁରି ହୋଇ ପଡ଼ିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ଅରବିନ୍ଦ ମୁଦୁଲି କାର୍ଯ୍ୟକ୍ରମରେ ଅଧକ୍ଷତା କରି ବନମହୋତ୍ସବ ପାଳନର ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡ଼ିଶା ସରକାରଙ୍କର ଜଙ୍ଗଲ ବିଭାଗର କର୍ମଚାରିଙ୍କ ସମେତ କନିଷ୍ଠ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida